

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୮ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 18 March 2026
Vol.No. 36 ■ No.72 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଏସସିବିରେ ସ୍ଥିତି ଅନୁଧ୍ୟାନ କଲେ ଭକ୍ତ ଦାସ

ଭୁବନେଶ୍ୱର, ୧୭/୩ (ନି.ପ୍ର): ପିସିସି ସଭାପତି ଭକ୍ତ ଚରଣ ଦାସ କଟକ ସ୍ଥିତ ଏସସିବି ମେଡିକାଲ କଲେଜରେ ଅଗ୍ନିକାଣ୍ଡ ହୋଇଥିବା ଆଇସିୟୁ ଅଂଚଳ ପରିଦର୍ଶନ କରି ପରିସ୍ଥିତି ଅନୁଧାନ କରିଛନ୍ତି । ସରକାର, ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ, ଦୋଷୀଙ୍କ ବିରୁଦ୍ଧରେ କଠୋର ଅପରାଧିକ କାର୍ଯ୍ୟାନୁଷ୍ଠାନ, ପ୍ରତ୍ୟେକ ମୃତକ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଏବଂ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତି ନହେବା ନିମନ୍ତେ ତୁରନ୍ତ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ଭକ୍ତ ଦାସ କହିଛନ୍ତି। ସ୍ଥିତି ଅନୁଧ୍ୟାନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭକ୍ତ କହିଛନ୍ତି କଟକ ଏସସିବି ଆଇସିୟୁରେ ଘଟିଥିବା ଦୁଃଖଦ ଓ ଗଭୀର ଚିନ୍ତାଜନକ ଘଟଣା ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତାକୁ ସ୍ପଷ୍ଟ କରିଦେଇଛି । ଯେଉଁଠାରେ ରୋଗୀଙ୍କ ଜୀବନ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ, ସେଠାରେ ଅବହେଳା, ଅପର୍ଯ୍ୟାପ୍ତ ତତ୍ତ୍ୱାବଧାନ ଓ ତ୍ରୁଟିପୂର୍ଣ୍ଣ ପ୍ରଶାସନ ଏହି ଦୁର୍ଘଟଣାକୁ ଆମନ୍ତ୍ରଣ କରିଛି । ଆଇସିୟୁ ଭଳି ସମ୍ବେଦନଶୀଳ ବିଭାଗରେ ୨୪ ଘଂଟିଆ କାର୍ଯ୍ୟକ୍ଷମ ବ୍ୟବସ୍ଥା, ବିଶେଷତଃ ଇଲେକ୍ଟ୍ରିକ୍ ସୁରକ୍ଷା, ଏସି ବ୍ୟବସ୍ଥା ଓ ଆଧୁନିକ ଯନ୍ତ୍ରପାତିର ନିୟମିତ ରକ୍ଷଣାବେକ୍ଷଣ ନ ହେବା ଏକ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି । ◆◆ପୃଷ୍ଠା ୭

# କାବୁଲରେ ପାକିସ୍ତାନର ବଡ଼ ଧରଣର ଏୟାର୍ ଷ୍ଟ୍ରାଇକ୍: ୪୦୦ ମୃତ, ୨୫୦ରୁ ଅଧିକ ଆହତ

ନୂଆଦିଲ୍ଲୀ,୧୭/୩ : ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ପରିସ୍ଥିତି କ୍ରମଶଃ ଉତ୍ତେଜନାପୂର୍ଣ୍ଣ ହେବାରେ ଲାଗିଛି । ଗତ କିଛି ଦିନ ଧରି ଉଭୟ ଦେଶ ପରସ୍ପର ଉପରେ ଲଗାତାର ଆକ୍ରମଣ କରିଆସୁଛନ୍ତି । ଆଫଗାନିସ୍ତାନ ଅଭିଯୋଗ କରିଛି, ସୋମବାର-ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନ କାବୁଲର ଏକ ହସ୍ପିଟାଲ ଉପରେ ଏୟାର୍ ଷ୍ଟ୍ରାଇକ୍ କରିଛି । ତାଲିବାନ ଦାବି କରିଛି ଯେ ଏହି ଆକ୍ରମଣରେ ୪୦୦ ଜଣ ଲୋକଙ୍କ ଜୀବନ ଯାଇଛି । କାବୁଲରେ ଏକ ନିଶା ପୁନର୍ବାସ କେନ୍ଦ୍ର ଉପରେ ପାକିସ୍ତାନୀ ସେନାର ବୋମାମାଡ଼ ପରେ ଇସଲାମିକ୍ ଏମିରେଟ୍ ଅଫ୍ ଆଫଗାନିସ୍ତାନର ଉପ ମୁଖପାତ୍ର ହମଦୁଲ୍ଲା ଫିତରତ



କହିଛନ୍ତି ଯେଉଁ ମୃତ୍ୟୁ ସଂଖ୍ୟା ୪୦୦କୁ ବୃଦ୍ଧି ପାଇଛି ଏବଂ ଆହତଙ୍କ ସଂଖ୍ୟା ୨୫୦ରେ ପହଞ୍ଚିଛି । ହୋଇଥିବା ଆକ୍ରମଣରେ ହସ୍ପିଟାଲର ଏକ ବଡ଼ ଅଂଶ ନଷ୍ଟ ହୋଇଯାଇଛି। ଉଦ୍ଧାରକାରୀ ଦଳ କୋଠାରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରିବା ଏବଂ ପୀଡିତଙ୍କ ମୃତଦେହ ଉଦ୍ଧାର କରିବା ଜାରି ରଖିଛନ୍ତି। ଆଫଗାନିସ୍ତାନରେ ହୋଇଥିବା ଏହି ଆକ୍ରମଣରେ ଶହ ଶହ ଲୋକ ପ୍ରାଣ ହରାଇଛନ୍ତି । ତାଲିବାନ ଦାବି କରିଛି ଯେ ଏହି ଆକ୍ରମଣ ପାକିସ୍ତାନ ଦ୍ୱାରା କରାଯାଇଛି ଏବଂ କହିଛି ଯେ ଏପରି ଆକ୍ରମଣ ମାନବତା ବିରୋଧୀ । ତେବେ ପାକିସ୍ତାନ ତାଲିବାନର ଦାବିକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରିଛି। ପାକିସ୍ତାନୀ ଅଧିକାରୀ ଏବଂ ନେତାମାନେ କହିଛନ୍ତି, ସେମାନେ କୌଣସି ହସ୍ପିଟାଲକୁ ଟାର୍ଗେଟ କରି ନାହାନ୍ତି। ପାକିସ୍ତାନ କହିଛି ଯେ ସୋମବାର କାବୁଲ ଏବଂ ପୂର୍ବ ଆଫଗାନିସ୍ତାନର ଅନ୍ୟାନ୍ୟ ସ୍ଥାନରେ ହୋଇଥିବା ଆକ୍ରମଣରେ ସାଧାରଣ ନାଗରିକ ସ୍ଥାନଗୁଡ଼ିକର କୌଣସି କ୍ଷତି ହୋଇନାହିଁ। କ୍ରିକେଟର ରସିଦ ଖାନ ମଧ୍ୟ ଆଫଗାନିସ୍ତାନ ଉପରେ ହୋଇଥିବା ଆକ୍ରମଣ ଉପରେ ନିଜର କ୍ରୋଧ ପ୍ରକାଶ କରିଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଆକ୍ରମଣର ଭିଡିଓ ସେୟାର କରିଛନ୍ତି ଏବଂ ଏହି ମାମଲାରେ ଜାତିସଂଘର ହସ୍ତକ୍ଷେପ ପାଇଁ ଆହ୍ୱାନ କରିଛନ୍ତି ।

## ସିଏଜି ରିପୋର୍ଟ ଖୋଲିଲା ଲକ୍ଷ୍ମୀ ବସ୍‌ର ଗୁମର

ଭୁବନେଶ୍ୱର, ୧୭/୩ (ନି.ପ୍ର): ସରକାରୀ ରାଜକୋଷ ଖାଲି କରିଦେଲା ଲକ୍ଷ୍ମୀ ବସ । ସିଏଜି ରିପୋର୍ଟ ଖୋଲି ଦେଲା ଲକ୍ଷ୍ମୀ ବସ୍‌ର ଗୁମର । ରିପୋର୍ଟ ସାମ୍ନାକୁ ଆସିବା ପରେ ପୂର୍ବ ଲକ୍ଷ୍ମୀ ବସ୍ ଆଉ ଏବେକାର ମୁଖ୍ୟମନ୍ତ୍ରୀ ବସ୍ ସେବାର ସ୍ଥିତି ଅନୁଧାନ କରିଛି କନକ ନ୍ୟୁଜ । କେଉଁଠି ଯାତ୍ରୀଙ୍କୁ ଠାରୁ ଅଧିକ ଭଡ଼ା ଆଦାୟ କରି କଣ୍ଡକ୍ଟର ଓ କର୍ମଚାରୀ ମାଲାମାଲ ହେଉଛନ୍ତି ତ ଆଉ କେଉଁଠି ୬ଟଙ୍କାର ଘୋଡ଼ାକୁ ୯ଟଙ୍କାର ଦାନା ଖର୍ଚ୍ଚ ହେଉଛି । ଅନେକ ସ୍ଥାନରେ ଆବଶ୍ୟକ ସ୍ଥାନକୁ ପହଞ୍ଚିପାରୁନି ଏହି ମୁଖ୍ୟମନ୍ତ୍ରୀ ବସ୍ ସେବା । ୩ ହଜାର ୧୦୦ କୋଟି ଟଙ୍କାର ଲକ୍ଷ୍ମୀ ବସ୍ ପ୍ରକଳ୍ପ । ୨୦୨୩-୨୪ ବର୍ଷରେ ୧୮୪.୪୬ କୋଟି ଏବଂ ୨୦୨୪-୨୫ରେ ଖର୍ଚ୍ଚ ହୋଇଛି ୯୮୧.୫୭ କୋଟି । ଆଉ ପ୍ରାୟ ୧୧ଶହ କୋଟି ପରିଚାଳନାଗତ ଖର୍ଚ୍ଚ ପରେ ଯୋଜନାରେ ଲାଭ ଓ କ୍ଷତି ଆକଳନ କରୁଛି ସିଏଜି । ତେବେ ବାସ୍ତବରେ ପୂର୍ବର ଲକ୍ଷ୍ମୀ ବସ୍ ଯୋଜନା ବା ଏବେକାର ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ଲୋକଙ୍କ ପାଇଁ କେତେ ଫଳପ୍ରଦ ହୋଇଛି, ତା'ର ସ୍ଥିତି ଅନୁଧାନ କରିଛି କନକ ନ୍ୟୁଜ । ପୂର୍ବରୁ ଲକ୍ଷ୍ମୀ ବସ୍‌ରେ ମହିଳା ମାନେ ୫ଟଙ୍କା ଏବଂ ଏସି ବସ୍‌ରେ ୧୦ଟଙ୍କା ଦେଇ ଯାତ୍ରା କରୁଥିଲେ । ତେବେ ବର୍ତ୍ତମାନ ଏସି ବସ୍ କିଲୋମିଟର ପିଛା ୧ଟଙ୍କା ୫୫ ପଇସା ଏବଂ ନନ୍-ଏସି ବସ୍ କିମି ପିଛା ୮୮ ପଇସା ଭଡ଼ା ଆଦାୟ କରୁଥିବା ବେଳେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି ଏବଂ ପ୍ରଥମ ଠାରୁ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବ୍ୟବସ୍ଥା ରହିଛି । ପୂର୍ବରୁ ଯେଉଁ ବସ୍ ଗୁଡିକ ପଞ୍ଚାୟତରୁ ବ୍ଲକକୁ ଯୋଗାଯୋଗ କରୁଥିଲା । ତାହା ବର୍ତ୍ତମାନ ପଞ୍ଚାୟତରୁ ବିଭିନ୍ନ ଗାଁ ଗଣ୍ଡା ଦେଇ ସିଧାସଳଖ ଜିଲ୍ଲା ମୁଖ୍ୟାଳୟକୁ ଯୋଗାଯୋଗ କରୁଛି । ଆଉ ବ୍ଲକ ଠାରୁ ଜିଲ୍ଲା ମୁଖ୍ୟାଳୟକୁ ଯାଉଥିବା ◆◆ପୃଷ୍ଠା ୭

## ବିଧାନସଭାରେ ଏସ୍‌ସିବି ତାତି: ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ

ଭୁବନେଶ୍ୱର, ୧୭/୩ (ନି.ପ୍ର): କଟକ ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ପାଣି ଭଳି ଟଙ୍କା ଖର୍ଚ୍ଚ ହେଉଛି । ବଜେଟରେ ସ୍ୱତନ୍ତ୍ର ବ୍ୟୟ ବରାଦ କରାଯାଉଛି । କିନ୍ତୁ ରବିବାର ରାତିର ଅଗ୍ନିକାଣ୍ଡ ଏସସିବି ହସ୍ପିଟାଲର ଅବ୍ୟବସ୍ଥାକୁ ପଦାରେ ପକାଇଛି । ଅନ୍ୟପଟେ ଅଗ୍ନିକାଣ୍ଡ ପରେ ମୁଖ୍ୟମନ୍ତ୍ରୀ ତନାଘନା କରିବା ସହ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଘୋଷଣା କରିଥିଲେ ବି ତେଜିଛି ରାଜନୀତି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ସରକାରଙ୍କୁ ଘେରିଛନ୍ତି ବିରୋଧୀ।



କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ନିଆଁର ତାତି ବିଧାନସଭାରେ ଦେଖିବାକୁ ମିଳିଛି। ଏସସିବି ଟ୍ରମା କେୟାର ଅଗ୍ନିକାଣ୍ଡ ଓ ୧୨ ରୋଗୀଙ୍କ ମୃତ୍ୟୁକୁ ନେଇ ଗୃହରେ ହଙ୍ଗାମା କରିଛନ୍ତି ବିରୋଧୀ। ବାଚସ୍ପତିଙ୍କ ପୋଡ଼ିଅମ ତଳେ ପୋଷ୍ଟର ଧରି ନାରାବାଜି କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିରୋଧରେ ନାରା ଦେବା ସହ ତାଙ୍କ ଇସ୍ତଫା ଦାବି କରିଛନ୍ତି । ଶୂନ୍ୟକାଳରେ ମଧ୍ୟ ବିରୋଧୀ ସମାନ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଛନ୍ତି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ◆◆ପୃଷ୍ଠା ୭

## ଆକ୍ସନକୁ ଆସିଲା ବିଜେଡି: ଦଳ ନିଷ୍ପତ୍ତି ବିରୋଧରେ ଭୋଟ ଦେଇଥିବା ୬ ବିଧାୟକଙ୍କୁ କାରଣଦର୍ଶାଅ ନୋଟିସ

ଭୁବନେଶ୍ୱର, ୧୭/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନ ପରେ ଆକ୍ସନମୋଡକୁ ଆସିଛି ବିଜେଡି । ଦଳର ନିଷ୍ପତ୍ତି ବିରୋଧରେ ଯାଇ ମତଦାନ କରିଥିବା ଦଳର ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ୩ ଦିନ ଭିତରେ ନୋଟିସର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟତଃ ନୋଟିସ ମାଧ୍ୟମରେ ପ୍ରଶ୍ନ କରାଯାଇଛି କି, କାହିଁକି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ । ଗତକାଲି ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ



ଗ୍ରହଣ ହୋଇଥିଲା । ଏଥିରେ ବିଜେଡି ବାରବାଟୀ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବସ୍ତା ବିଧାୟିକା ସୁଭାଷୀନି ଜେନା, ◆◆ପୃଷ୍ଠା ୭

### କଂଗ୍ରେସରୁ ତିନି ବିଧାୟକ ନିଲମ୍ବିତ



ଭୁବନେଶ୍ୱର, ୧୭/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ପରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି କଂଗ୍ରେସ । ୩ ଜଣ ବିଧାୟକଙ୍କୁ ଦଳ ନିଲମ୍ବିତ କରିଛି । ବିଧାୟକ ରମେଶ ଜେନା, କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗ ସସ୍‌ପେଣ୍ଡ ହୋଇଛନ୍ତି । ◆◆ପୃଷ୍ଠା ୭

## ମଣିପୁରରେ ୫ ଜଣ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୧୭/୩ : ମଣିପୁରରେ ନିଷିଦ୍ଧ ସଂଗଠନର କ୍ୟାଡରଙ୍କ ବିରୁଦ୍ଧରେ ଚାଲିଥିବା ଅଭିଯାନ ସମୟରେ, ଟେଙ୍ଗନୋପାଲ ଜିଲ୍ଲାରେ ବିଭିନ୍ନ ସଂଗଠନର ପାଞ୍ଚ ଜଣ କ୍ୟାଡରଙ୍କୁ ଗିରଫ କରାଯାଇଛି । ପୋଲିସ ଆତଙ୍କବାଦୀମାନଙ୍କୁ ନିରନ୍ତର ପଚରାଉଚରା କରୁଛି ।ମଣିପୁର ପୋଲିସ ମୁଖ୍ୟାଳୟ ଦ୍ୱାରା ଆଜି ଜାରି ଏକ ସରକାରୀ ବିବୃତ୍ତିରେ କୁହାଯାଇଛି ଯେ ସୋମବାର, ସୁରକ୍ଷା ବାହିନୀ ଟେଙ୍ଗନୋପାଲ ଜିଲ୍ଲାର ମୋରେହ ପୋଲିସ ଷ୍ଟେସନ ଅଧୀନରେ ଥିବା ଅନ୍ତର୍ଜାତୀୟ ସୀମା ପୋଷ୍ଟ (ବିପି) ୭୩ ଏବଂ ୭୫ ମଧ୍ୟରେ ଅବସ୍ଥିତ ଏକ ଅଞ୍ଚଳରୁ ବିଭିନ୍ନ ନିଷିଦ୍ଧ ବିଦ୍ରୋହୀ ଗୋଷ୍ଠୀ (ଭିବିଆଇଜିଏସ) ର ପାଞ୍ଚ ଜଣ କ୍ୟାଡରଙ୍କୁ ଗିରଫ କରିଛି। ଉଲ୍ଲେଖନୀୟ ଯେ ମୋରେହ ଅଞ୍ଚଳ ମିଆଁମାର ସହିତ ଏହାର ସୀମା ଅଂଶୀଦାର।

## ସୁପ୍ରିମକୋର୍ଟରେ ୩,୫୦୦ରୁ ଅଧିକ ଜନସ୍ୱାର୍ଥ ମାମଲା ବିଚାରାଧୀନ

ନୂଆଦିଲ୍ଲୀ,୧୭/୩ : ସୁପ୍ରିମକୋର୍ଟ ମୁଖ୍ୟତଃ ସାମ୍ବିଧାନିକ ବ୍ୟାଖ୍ୟା ଏବଂ ଜରୁରୀ ଫୌଜଦାରୀ ଆବେଦନର ମାମଲା ପାଇଁ ଉତ୍ତରଦାୟୀ। ତଥାପି, ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବର୍ତ୍ତମାନ ୩,୫୦୦ରୁ ଅଧିକ ଜନସ୍ୱାର୍ଥ ମାମଲା(ପିଆଇଏଲ୍)ରେ ଭାରାକ୍ରାନ୍ତ। ଏଥିମଧ୍ୟରୁ ୬୯୮ଟି ଆବେଦନ ୧୦ ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ଅଛି। ସବୁଠାରୁ ପୁରୁଣା ଆବେଦନର ନିଷ୍ପତ୍ତି ୪୨ ବର୍ଷ ଧରି ନିଆଯାଇ ପାରିନାହିଁ। ଆଇନ ମନ୍ତ୍ରଣାଳୟ ଦ୍ୱାରା ସେୟାର କରାଯାଇଥିବା ସୂଚନା ଅନୁଯାୟୀ, ଏହି ଜନସ୍ୱାର୍ଥ ମାମଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ପରିବେଶ, ଭୂମି ଆଇନ ଏବଂ କୃଷି ମାମଲା ସହିତ ଜଡିତ। ସାମ୍ବିଧାନିକ ଅଦାଲତ ୨୦୨୫ ମସିହାରେ ସର୍ବାଧିକ ୫୭୦ଟି ପିଆଇଏଲ୍ ଗ୍ରହଣ କରିଥିଲେ। ଏହା ସୁପ୍ରିମକୋର୍ଟଙ୍କର ମାମଲା ସଂଖ୍ୟାକୁ ୮ ହଜାରରୁ ଅଧିକ ବୃଦ୍ଧି କରିଥିଲା। ସୁପ୍ରିମକୋର୍ଟ ଗତ ପାଞ୍ଚ ବର୍ଷ ମଧ୍ୟରେ ୧,୮୭୨ ଟି ପିଆଇଏଲ୍‌ର ସମାଧାନ କରିବାରେ ସଫଳ ହୋଇଛନ୍ତି। ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଲୋକସଭାକୁ ସୂଚନା ଦେଇଥିଲେ ଯେ ମାର୍ଚ୍ଚ ୧୦ ସୁଦ୍ଧା ସୁପ୍ରିମକୋର୍ଟରେ ପଡ଼ି ରହିଥିବା ପିଆଇଏଲର ସଂଖ୍ୟା ୩,୫୨୫ ଥିଲା। ପିଆଇଏଲ୍‌ର ସମାଧାନ ପାଇଁ ହାରାହାରି କେତେ ସମୟ ଲାଗିବ ତାହା ଜଣାନାହିଁ। କେନ୍ଦ୍ର ମନ୍ତ୍ରୀଙ୍କ ଅନୁସାରେ ୨୦୧୪ ପରଠାରୁ ସର୍ବାଧିକ ସଂଖ୍ୟକ ପିଆଇଏଲ୍ ୨୦୨୫ରେ ଦାଖଲ ◆◆ପୃଷ୍ଠା ୭

## ରାଜ୍ୟ ଜାତୀୟ ସେବା ଯୋଜନା ଦ୍ୱାରା ଯୋଗ ପ୍ରାକୃତିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବାଲେଶ୍ୱର, ୧୭/୩ (ନି.ପ୍ର): ହେଲଦି ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନେଚର କିଓର ଏଣ୍ଡ ଯୋଗିକ ସାଇନ୍‌ସ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମାର୍ଚ୍ଚ ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଗୋପାଳଗାଁର ଆୟୁଷ୍ମାନ ଭବନରେ ଇନ୍‌ଷ୍ଟିଚ୍ୟୁଟ ଚେନର କିଓର ଏଣ୍ଡ ଯୋଗିକ ସାଇନ୍‌ସ ଦ୍ୱାରା ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନ ଉତ୍ସବରେ ପୂର୍ବତନ ବରିଷ୍ଠ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ରାଖାଲ ଚନ୍ଦ୍ର ଘଡ଼ାଇ, ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ, 'ଧ୍ୱନିପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ବାଲେଶ୍ୱର ଟାଉନ ଥାନାର ମୁଖ୍ୟ ଇନସପେକ୍ଟର ଇନ୍‌ଚାର୍ଜ ବିଜୟ କୁମାର ଦାସ, ପୂର୍ବତନ ଜିଲ୍ଲା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ଗୌରାଙ୍ଗ ପଣ୍ଡା ପ୍ରମୁଖ ଯୋଗଦେଇ କହିଲେ ଯେ ଜାତୀୟ ସେବା ଯୋଜନାର ଯୁବ ସ୍ୱେଚ୍ଛାସେବୀମାନଙ୍କୁ ଯୋଗ ଓ ପ୍ରାକୃତିକ ଚିକିତ୍ସା ପ୍ରଶିକ୍ଷଣ ଦ୍ୱାରା ସେମାନେ ଦେଶର ନିରୋଗ ଯୁବସମାଜ ତିନି ପ୍ରକାର ଡି'ରୁ ମୁକ୍ତି ପାଇବେ ଯଥା- ଡ୍ରଗସ, ଡକ୍ଟର, ଡିଜିଜ୍ ମୁକ୍ତି ପାଇବା ପାଇଁ ପ୍ରାକୃତିକ ଚିକିତ୍ସାବିତ ଡାକ୍ତର ସୁଭାଷ ଚନ୍ଦ୍ର ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ । କଲିକତାର ବରିଷ୍ଠ ଯୋଗ ଗବେଷକ ସନାତନ ମହାକୁଡ଼ ୨ ଦିନ ଧରି ଯୋଗ ଶିକ୍ଷା ପ୍ରାଣାୟମ ସହିତ ଧାନ ଶିଖାଇ ଥିଲେ। ଡାକ୍ତର ଭଗବାନ ଭୂୟାଁ ଔଷଧ ସହିତ ପ୍ରାକୃତିକ ଚିକିତ୍ସା ଓ ଆୟୁର୍ବେଦ ମାଧ୍ୟମରେ କଠିନ ରୋଗ ଦୂର ହୋଇ ପାରିବ ଏବଂ ଏଡ୍‌ସ ସଚେତନତା ଓ ଯୋଗ ପ୍ରତିଯୋଗିତା, ନୃତ୍ୟ ପ୍ରତିଯୋଗିତା ସହିତ ଯୋଗ ଓ ପ୍ରାକୃତିକ ଚିକିତ୍ସା ରାଲି ଆୟୋଜିତ ହୋଇଥିଲା । ◆◆ପୃଷ୍ଠା ୭

# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଭିତରେ ଇସ୍ରାଏଲର ବଡ଼ ଦାବି: ଖାମେନେଇଙ୍କ ପରେ ଇରାନ ସୁରକ୍ଷା ସଚିବ ନିହତ

ନୂଆଦିଲ୍ଲୀ,୧୭/୩ : ଖାମନେଇଙ୍କ ପରେ ଇସ୍ରାଏଲର ସବୁଠୁ ବଡ଼ ଆକ୍ରମଣରେ ପ୍ରାଣ ହରେଇଛନ୍ତି ଅଲି ଲାରିଜାନୀ । ପୂର୍ବତନ ସର୍ବୋଚ୍ଚ ନେତା ଖାମେନେଇଙ୍କ ପରେ ଏହା ଇରାନ ପାଇଁ ସବୁଠାରୁ ବଡ଼ ଝଟକା ବୋଲି କୁହାଯାଉଛି। କେବଳ ଲାରିଜାନି ନୁହଁନ୍ତି, ଆଇଡିଏଫ୍ ପକ୍ଷରୁ ଏହା ମଧ୍ୟ ନିଶ୍ଚିତ କରାଯାଇଛି ଯେ, ଆଇଆରଜିସିର ବାସିଜ୍ ମିଲିସିଆ ମୁଖ୍ୟ ଘୋଲାମରେଜା ସୋଲେମାନି ଏବଂ ତାଙ୍କ ଡେପୁଟି ସୟଦ କରିଶି ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଛନ୍ତି। ମଧ୍ୟ-ପ୍ରାଚ୍ୟରେ ଯୁଦ୍ଧ ଭୟଙ୍କର ରୂପ ନେଇଛି। ଇସ୍ରାଏଲ୍



ସେନା ଏକ ବଡ଼ ସଫଳତା ପାଇଥିବା ଦାବି କରିଛି। ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଖାମେନେଇଙ୍କ ପରେ ଏହାକୁ ସବୁଠାରୁ ବଡ଼ ଟାର୍ଗେଟେଡ୍ କିଲିଂ ବୋଲି କୁହାଯାଉଛି। ଇସ୍ରାଏଲ୍ ଆକ୍ରମଣରେ ଇରାନର ପ୍ରଭାବଶାଳୀ ନେତା ଅଲି ଲାରିଜାନୀ ପ୍ରାଣ ହରାଇଛନ୍ତି । କେବଳ ସେତିକି ନୁହେଁ, ଆଇଡିଏଫ୍ ସ୍ପଷ୍ଟ କରିଛି, ସେମାନେ ଇସଲାମିକ୍ ରିଭଲ୍ୟୁସନାରି ଗାର୍ଡ କର୍ପସର ବାସିଜ୍ ପାରାମିଲିଟାରୀ ମିଲିସିଆର ମୁଖ୍ୟ ଗୋଲାମରେଜା ଏବଂ ତାଙ୍କ ଡେପୁଟି ସୟଦ କରିଶିଙ୍କୁ ମଧ୍ୟ ନିପାତ କରିଛନ୍ତି। ଏହି ଶକ୍ତିଶାଳୀ ଆକ୍ରମଣ ଇରାନର ପ୍ରତିରକ୍ଷା ଏବଂ ରଣନୀତିକ ଶକ୍ତିକୁ ଏକ ଶକ୍ତ ଧକ୍କା ଦେଇଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବା ବେଳେ ଇରାନ ପକ୍ଷରୁ କଠୋର ପ୍ରତିଶୋଧ ନେବାକୁ ଚେତାବନୀ ଦିଆଯାଇଛି। ଇରାନର ତିନୋଟି ସହରରେ ଭିତ୍ତିଭୂମି ଆକ୍ରମଣ ଅଭିଯୋଗ କରିଛି ଇସ୍ରାଏଲ, ଇସ୍ରାଏଲୀ ସେନା କହିଛି ,ତେହେରାନ, ଶିରାଜ ଏବଂ ତାବ୍ରିଜରେ ଭିତ୍ତିଭୂମି ବିରୁଦ୍ଧରେ ଆକ୍ରମଣ ହୋଇଥିଲା। ◆◆ପୃଷ୍ଠା ୭

# ଭବାନୀପୁରରେ ମମତା ବନାମ ଶୁଭେନ୍ଦୁ: ନନ୍ଦିଗ୍ରାମରେ ଶୁଭେନ୍ଦୁ ବନାମ ପବିତ୍ର



ନୂଆଦିଲ୍ଲୀ,୧୭/୩ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଏଥର ରୋଚକ ଲଢ଼େଇ ଦେଖିବାକୁ ମିଳିବ। ଦକ୍ଷିଣ କୋଲକାତାର ଭବାନୀପୁର ଆସନରେ ମୁଖ୍ୟମନ୍ତ୍ରୀ ତଥା ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କ ସହ ଲଢ଼େଇ କରିବେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ। ସୋମବାର ବିଜେପି ଏଠାରେ ଶୁଭେନ୍ଦୁ ଅଧିକାରୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ଆଜି ଟିଏମସି ଜାରି କରିଛି ନିଜର ପ୍ରାର୍ଥୀ ତାଲିକା। ତାଲିକା ଅନୁସାରେ ମମତା ପୂର୍ବଭଳି ଏଥର ମଧ ଭବାନୀପୁର ଆସନରୁ ନିର୍ବାଚନ ଲଢ଼ିବେ। ୨୦୨୧ ବିଧାନସଭା ନିର୍ବାଚନରେ ଟିଏମସି ଏଠାରେ ସୋଭନଦେବ ଚଟ୍ଟୋପାଧ୍ୟୟଙ୍କୁ ପ୍ରାର୍ଥୀ କରିଥିଲେ। ସେ ମଧ ବିଜୟୀ ହୋଇଥିଲେ। ଯେହେତୁ ମମତା ନନ୍ଦିଗ୍ରାମରେ ହାରି ଯାଇଥିଲେ, ତେଣୁ ସେ ମମତାଙ୍କ ପାଇଁ ଏହାକୁ ଖାଲି କରିଥିଲେ। ଏହାପୂର୍ବରୁ ୨୦୧୧ ଓ ୨୦୧୬ରେ ମମତା ଭବାନୀପୁରରେ ଜିତିଥିଲେ। ଏବେ ଭବାନୀପୁରରେ ମମତା ବନାମ ଶୁଭେନ୍ଦୁଙ୍କ ଲଢ଼େଇ ଦେଖିବାକୁ ମିଳିବ। ମମତା ଓ ତାଙ୍କ ପୁତୁରା ତଥା ଟିଏମସିର ସାଧାରଣ ସମ୍ପାଦକ ଆଜି ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ସାର୍ବଜନୀନ କରିଛନ୍ତି। ବିଧାନସଭାର ୨୯୪ଟି ଆସନରୁ ୨୯୧ଟି ଆସନ ପାଇଁ ଆଜି ଟିଏମସି ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଟିଏମସି ଭାରତୀୟ ଗୋର୍ଖା ପ୍ରଜାତାନ୍ତ୍ରିକ ମୋର୍ଚ୍ଚ ସହ କରିଥିବା ବୁଝାମଣା ଅନୁସାରେ ଦାର୍ଜିଲିଂର ୩ଟି ଆସନରେ ପ୍ରାର୍ଥୀ ଦେଇ ନାହିଁ। ବାକି ସମସ୍ତ ଆସନ ପାଇଁ ଦଳ ପ୍ରାର୍ଥୀ ଦେଇଛି। କୌତୁହଳର ବିଷୟ ହେଉଛି ଯେ ମମତା ବାନାର୍ଜୀ ଏଥର ନନ୍ଦିଗ୍ରାମ ଆସନରେ ଲଢ଼ିବେ ନାହିଁ। ପୂର୍ବ ମେଦିନିପୁର ଜିଲ୍ଲାର ଏହି ଆସନରେ ମମତା ୨୦୨୧ରେ ଲଢ଼ିଥିଲେ ହେଁ ଶୁଭେନ୍ଦୁ ଅଧିକାରୀଙ୍କ ଠାରୁ ହାରି ଯାଇଥିଲେ। ଏଥର ଦଳ ଶୁଭେନ୍ଦୁଙ୍କୁ ଟକ୍କର ଦେବାକୁ ତାଙ୍କର ପୂର୍ବତନ ବିଶ୍ୱସ୍ତ ପବିତ୍ର କରଙ୍କୁ ପ୍ରାର୍ଥୀ କରିଛି। ପବିତ୍ର କର ଏକଦା ଶୁଭେନ୍ଦୁଙ୍କ ବିଶ୍ୱସ୍ତ ଭାବେ ନନ୍ଦିଗ୍ରାମରେ କାମ କରୁଥିଲେ। ହେଲେ ସେ ଆଜି ହିଁ ବିଜେପି ଛାଡ଼ି ଟିଏମସିରେ ଯୋଗ ଦେଇଥିଲେ। ସେ ଯୋଗ ଦେବା କ୍ଷଣୀ ତାଙ୍କୁ ନନ୍ଦିଗ୍ରାମରେ ଦଳ ପ୍ରାର୍ଥୀ କରିଛି। ବିଜେପି ଗୋଟିଏ ପଟେ ମମତାଙ୍କ ପୂର୍ବତନ ବିଶ୍ୱସ୍ତ ଶୁଭେନ୍ଦୁ ଅଧିକାରୀଙ୍କୁ ତାଙ୍କ ବିରୋଧରେ ଛିଡ଼ା କରିଥିବା ବେଳେ ଅନ୍ୟପଟେ ଟିଏମସି ମଧ ସମାନ ଫର୍ମୁଲା ଆପଣାଇଛି। ଟିଏମସି ଜାଣିଶୁଣି ପବିତ୍ର କରଙ୍କୁ ଶୁଭେନ୍ଦୁ ଅଧିକାରୀଙ୍କୁ ନନ୍ଦିଗ୍ରାମରେ ପ୍ରାର୍ଥୀ କରିଥିବା କୁହାଯାଉଛି।

## ଜୟପୁରରେ ଜବରଦଖଲ ଉଚ୍ଛେଦ

ଜୟପୁର, ୧୭/୩ (ନି.ପ୍ର): ଜୟପୁର ପୌରାଚଂଳର ଲିଙ୍ଗରାଜ ନଗର ଝୁପୁଡି ଲାଇନ ଓ ଖ୍ରୀଷ୍ଟିଆନପେଟା ୪ର୍ଥ ଲାଇନରେ ଜବରଦଖଲ ଉଚ୍ଛେଦ କରିଛି ପ୍ରଶାସନ । ପୌରପାଳିକା ଜାଗାରେ ଜବର ଦଖଲ କରି ୩ଟି ଘର କରିଥିଲେ । ସେହିପରି ଖ୍ରୀଷ୍ଟିଆନପେଟା ୪ର୍ଥ ଗଳି ରେ ପୌର ପାଳିକା ଜାଗାରେ ନବ ନିର୍ମିତି ଘର ନିର୍ମାଣ କରୁଥିବା ବେଳେ ସାହି ବାସିନ୍ଦାଙ୍କ ଅଭିଯୋଗ ପାଇ ପୌର ପାଳିକା ଉଚ୍ଛେଦ କରିଛି। ବାରମ୍ବାର ନୋଟିସ ତାଗିଦ ପରେ ମଧ ସେମାନେ ହଟିନଥିଲେ । ଏନେଇ ଆଜି ଜୟପୁର ପୌର ପାଳିକା ପହଂଚି ଜେସିବି ଦ୍ୱାରା ଉଛେଦ କରିଛି ।

# ରହସ୍ୟ ଘେରରେ ବିମଳାଗାଁ ବାଗବନ୍ଧରୁ କଙ୍କାଳର ଅଂଶ ଉଦ୍ଧାର ଘଟଣା

ମୁଖୀଗୁଡା, ୧୭/୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଭଇଁରିପାଲି ପଂଚାୟତ ବିମଳାଗାଁ ବାଗବନ୍ଧରୁ ମଣିଷ କଙ୍କାଳରଅଂଶ ଉଦ୍ଧାର ହେବାର ୪ଦିନ ପରେ ମଧ ପୋଲିସ କଙ୍କାଳର ଅନ୍ୟ ଅଂଶ ଖୋଜିବାରେ ବିଫଳ ହୋଇଛି । ଗତ ସାତ ମାସ ତଳେ ଗାଁର ନିଖୋଜ ଥିବା ଅମୃତ ପୁଝାରିର ସନ୍ଧାନ ମଧ ପାଇ ନାହିଁ ପୋଲିସ । ବିମଳା ଗ୍ରାମର ଭିନ୍ନକ୍ଷମ ଯୁବତୀ ଅମୃତ ପୁଝାରୀ ଗତ ଅଗଷ୍ଟ ମାସରୁ ନିଖୋଜ ଥିବା ପରିବାର ପକ୍ଷରୁ ଜୟପାଟଣା ଥାନା ରେ ଅଭିଯୋଗ ହୋଇଥିଲା । ନିଖୋଜ ହେବାର ୭ ମାସ ବିତି ଯାଇଥିଲେ ହେଁ ଯୁବତୀର କୌଣସି ସନ୍ଧାନ ମିଳୁ ନଥିବାରୁ ପରିବାର ଲୋକଙ୍କ ମଧ୍ୟ ରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଅନ୍ୟ ପକ୍ଷେ ଗତ ୧୨ ତାରିଖ ଦିନ ଗାଁ ନିକଟରେ ଥିବା ବାଗବନ୍ଧରୁ ମାନବୀୟ ଶରୀର ଅଂଟାତଳର ଅଂଶ ଉଦ୍ଧାର ହେବା ପରେ ଲୋକଙ୍କ ମଧରେରେ ଅନେକ ପ୍ରଶ୍ନ ଉଠିଥିଲା । ସାଇଂଟିଫିକ ଟିମ, ଜୟପଟଣା ପୋଲିସ ଓ ଅଗ୍ନିଶମ ବିଭାଗ ଖୋଜାଖୋଜି ଜାରି ରଖିଥିଲେ ହେଁ ଦୁଇ ଦିନ କିଛି ସୁରାକ ପାଇ ନଥିଲେ । ପୋଖରୀରେ ଅଧିକ ପାଣି ରହି ଥିବାରୁ ଖୋଜିବାରେ ଅସୁବିଧା ହେବା ପରେ ଗତକାଲି ପ ବାଲାଙ୍ଗୀରର ୧୪ ଜଣିଆ ଓଆରଡିଏଫ ଟିମ ପହଁଚି ଖୋଜା ଖୋଜି କରିଥିଲେ ହେଁ କିଛି ସନ୍ଧାନ ମିଳିନ ଥିବାରୁ ସେମାନେ ମଧ ବିଫଳ ହୋଇଥିଲେ। ଅନ୍ୟ ପକ୍ଷରେ ନିଖୋଜ ଯୁବତୀଟି ଭିନ୍ନକ୍ଷମ ଥିଲେ, ସବୁବେଳେ ବେଳେ ମା' ଙ୍କ ସାହାରାରେ ହିଁ ଏଣେ ତେଣେ ଯିବା ଆସିବା କରୁଥିଲେ ହେଲେ ସେ କିପରି ନିଖୋଜ ହେଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ମାର ଅନୁପସ୍ଥିତି ର ସୁଯୋଗ ନେଇ କେହି ମନ୍ଦ ଉଦେଶ୍ୟରେ ଅପହରଣ କରି ନେଇଥାଏ ବୋଲି ଚର୍ଚ୍ଚା ହେଉଛି । ଗ୍ରାମବାସି ଉଦ୍ଧାର କଙ୍କାଳ କାହାର ଚିହ୍ନଟ ପାଇଁ ଦାବୀ କରିଛନ୍ତି। ନିଖୋଜ ଯୁବତୀ ର କୋଣସି ସନ୍ଧାନ ମିଳି ନଥିବା ବେଳେ ବାଗବନ୍ଧରୁ ଉଦ୍ଧାର ହାଡ଼ କଙ୍କାଳ ଅଂଶକୁ ନେଇ ନାନା କଥା ଆଲୋଚନା ହେଉଛି ଗାଁ ନିକଟ ଏକ ପ୍ରକଳ୍ପରେ ବଳି ଦିଆଯାଇ ସେଠାରେ ମୁଣ୍ଡକୁ ପୋତିବା ପରେ ବାକି ଅଂଶ ବାଗ ବନ୍ଧରେ ଫିଙ୍ଗା ଯାଇଥିବା ଚର୍ଚ୍ଚା ହେଉଛି ।ଆଜି ମଧ ଅଗ୍ନିଶମ ବିଭାଗ କର୍ମଚାରୀ ଖୋଜାଖୋଜି କରି କିଛି ପାଇନଥିବା ସୂଚନା ମିଳିଛି । ହେଲେ ସାତ ମାସ ହେଲା ନିଖୋଜ ଅବା ଅପହୃତ ଯୁବତୀର ସନ୍ଧାନ ନପାଇବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି । ତେବେ ଏହି ରହସ୍ୟ ଉନ୍ମୋଚନ ଯେତେ ଡେରି ହେବ ସେତେ ଦିନ ଯାଏଁ ଚର୍ଚ୍ଚା ଲାଗି ରହିବ ।

# କାକୁଡିକୁଦ ମେଳଣରେ ବିମାନ ପ୍ରତିଯୋଗିତାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଆକ୍ରମଣ : ଉଭୟ ପକ୍ଷରୁ ୬ ଆହତ

ଧର୍ମଶାଳା, ୧୭/୩ (ନି.ପ୍ର): ବ୍ରହ୍ମବରଦା ଥାନା ଅନ୍ତର୍ଗତ କାକୁଡିକୁଦସ୍ଥ ସତ୍ୟସାଇ ଖେଳ ପଡିଆରେ ରବିବାର ଦିନ ମେଲଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ମେଳଣରେ ବିଭିନ୍ନ ସ୍ଥାନରୁ ୧୦ରୁ ଉର୍ଦ୍ଧ ବିମାନ ଯୋଗ ଦେଇଥିଲେ। ଏଥିରେ ସ୍ଥାନୀୟ ପଂଚାୟତର ୨ଟି ବିମାନ ଯୋଗ ଦେଇଥିଲେ। କମିଟି ତରଫରୁ ଆଗ ପଛ ହୋଇ କେଉଁ ବିମାନ ଯିବ ତାହାକୁ ନେଇ ସମୟ ଦିଆ ଯାଇଥିଲା। ତେବେ ସ୍ଥାନୀୟ ଅଂଚଳରୁ ଆସିଥିବା ୨ ବିମାନ ମଧ୍ୟରେ ଆଗକୁ ଯିବା ପାଇଁ ପ୍ରତିଯୋଗିତା ହୋଇଯାଇଥିଲା । ଉଭୟ ପକ୍ଷରୁ ଠାକୁର ବାଡିଆମାନଙ୍କ ମଧ୍ୟ ବଚସା ହେବା ସହ ଠେଲାପେଲା ହୋଇଥିଲା । ଉଭୟ ପକ୍ଷ ଏନେଇ ମେଲଣ କିମଟିରେ ଅଭିଯୋଗ କରିଥିଲେ। କମିଟି ୨ ଦିନ ପରେ ଏହି ଘଟଣାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆ ଯାଇଥିଲା। ତେବେ ସନ୍ଧ୍ୟ ୮ ଘଟିକା ସମୟରେ ଉକ୍ତ ମେଲଣ ପଡିଆରେ ଗ୍ରାମର ଜେନା ସାହିର କିଛି ଯୁବକ ବସି କର୍ଥାବାର୍ତା ହେଉଥିଲେ । ଏହି ସମୟରେ ଦାସସାହିର କିଛି ଯୁବକ ସଂଘବଦ୍ଧ ହୋଇ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଏହି ଆକ୍ରମଣରେ ଉଭୟ ପକ୍ଷରୁ ୬ଜଣ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ କିଛି ଯୁବକଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ସୋମବାର ଗୁରୁତର ଆହତ ହୋଇଥିବା ଆଶିଷ ଗନ୍ତାୟତଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ନାୟକ ବ୍ରହ୍ମବରଦା ଥାନାରେ ଦାସସାହିର ବିଷ୍ଣୁ ଦାସଙ୍କ ପୁଅ ଅକ୍ଷୟ,ବସନ୍ତ ଦାସଙ୍କ ପୁଅ ରାଜେଶ,ନବୀନ ଦାସଙ୍କ ପୁଅ ବଳରାମ ଓ କରୁଣାକର ଦାସଙ୍କ ପୁଅ ବିକ୍ରମଙ୍କ ସମେତ ଅନ୍ୟ ୧୬ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପୁରୀ, ୧୭/୩ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ପିପିଲି ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ମୋଟ ୩୮ଟି ଅଭିଯୋଗ ମିଳିଥିଲା। ସେଥିରୁ ୩୨ଟି ବ୍ୟକ୍ତିଗତ, ୫ଟି ଗ୍ରାମ ସମ୍ବନ୍ଧୀୟ ଓ ୧ଟି ରେଡକ୍ରସ ସହାୟତା ସମ୍ପର୍କରେ ରହିଥିଲା। ତତକ୍ଷଣାତ ଗୋଟିଏ ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣୀରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ସିଡିଏମଓ ଡା. ଅକ୍ଷୟ କୁମାର ଶତପଥୀ, ପିପିଲି ବିଡ଼ିଓ ସରୋଜ କୁମାର ରାଉତ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ, ଅତିରିକ୍ତ ତହସିଲଦାର ବସନ୍ତ ବେହେରା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଟିଟିଲାଗଡ଼ରେ ନୂତନ ସୈନିକ ସ୍କୁଲ୍ ସ୍ଥାପନ ପାଇଁ ରାଜ୍ୟସଭାରେ ଦାବି ଉଠାଇଲେ ସାଂସଦ ନିରଞ୍ଜନ ବିଶି

ବଲାଙ୍ଗିର, ୧୭/୩ (ନି.ପ୍ର): ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ରେ ଏକ ନୂତନ ସୈନିକ ସ୍କୁଲ୍ ସ୍ଥାପନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଲୋକହିତ ମୁଦ୍ଦା ଉଠାଇଛନ୍ତି। ସାଂସଦ ଶ୍ରୀ ବିଶି କହିଥିଲେ ଯେ, ବଲାଙ୍ଗୀର ଜିଲ୍ଲାରେ ଏକ ନୂତନ ସୈନିକ ସ୍କୁଲ୍ ସ୍ଥାପନ ଅତ୍ୟନ୍ତ ଆବଶ୍ୟକ। ବର୍ତମାନ ଭାରତରେ କେବଳ ୩୩ଟି ସୈନିକ ସ୍କୁଲ୍ ଓ ଓଡ଼ିଶାରେ କେବଳ ଭୁବନେଶ୍ୱର ଓ ସମ୍ବଲପୁରରେ ଦୁଇଟି ସୈନିକ ସ୍କୁଲ୍ ଚାଲିଛି । ସାଂସଦ ଶ୍ରୀ ବିଶି କହିଥିଲେ ଯେ, କେନ୍ଦ୍ର ସରକାର ଦେଶରେ ଅତିରିକ୍ତ ୧୦୦ଟି ସୈନିକ ସ୍କୁଲ୍ ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ସୈନିକ ସ୍କୁଲଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଗତ, ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ କରି ନ୍ୟାସନାଲ ଡିଫେନ୍ସ ଏକାଡେମୀ, ଇଣ୍ଡିଆନ ନେଭାଲ ଏକାଡେମୀ ସହିତ ଅନ୍ୟାନ୍ୟ ସୁରକ୍ଷା ପ୍ରଶିକ୍ଷଣ ସଂସ୍ଥାନରେ ପ୍ରବେଶ ପାଇଁ ସକ୍ଷମ କରିବା। ସାଂସଦ ଶ୍ରୀ ବିଶି ସରକାରଙ୍କୁ ଅବଗତ କରାଇଥିଲେ ଯେ, ଗୃହମନ୍ତ୍ରଣାଳୟ ୧୧ ଡିସେମ୍ବର ୨୦୧୫ରେ ଓଡ଼ିଶାର ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ବଲାଙ୍ଗିର ଜିଲ୍ଲା ସହିତ ୧୮ଟି ମାଓ ପ୍ରଭାବିତ ଜିଲ୍ଲାରେ ନୂତନ ସୈନିକ ସ୍କୁଲ୍ ଖୋଲିବାକୁ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ ।

# ଗାଡ଼ି ଚେକିଂ ବେଳେ ୪ କିଲୋ ଗଞ୍ଜେଇ ସହ ବେପାରୀ ଅଟକ

ଭଦ୍ରକ, ୧୭/୩ (ନି.ପ୍ର): ଏହି ଜିଲାର ଧାମନଗର ଥାନାରେ ନୂଆ ଅଧିକାରୀ ଯୋଗ ଦେବା ପରେ ବେଆଇନ ଦେଶୀ ବିଦେଶୀ ମଦ ଓ ଗଞ୍ଜେଇ ବେପାରୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଧାମନଗର ଥାନା ଚୁଡ଼ାକୁଟି ରାସ୍ତା ପଣ୍ଡୁବଜାର ଛକରେ ପୋଲିସ ପକ୍ଷରୁ ଗାଡି ଚେକିଂ ସମୟରେ ୪ କିଲୋ ଗଞ୍ଜେଇ ଜବତ ସହ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଥିବା ସୂଚନା ଦିଆଯାଇଛି। ଅଟକ ବ୍ୟକ୍ତି ହେଲା ଭଦ୍ରକ ରୁରାଲ ଥାନା ଅର୍ଣ୍ଣପାଳ ଅଧିନ ମଧୁସୁଦନପୁର ଗ୍ରାମର ବିଜୟ ସାହୁ ବୋଲି ପୋଲିସ ଠାରୁ ସୂଚନା ମିଳିଛି। ଯୁବକ ଜଣକ ଏକ ମୋଟରସାଇକେଲରେ ଗଞ୍ଜେଇ ନେଇ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ପଣ୍ଡୁବଜାର ଛକରେ ଧାମନଗର ଥାନା ପକ୍ଷରୁ ଯାନବାହନ ଯାଂଚ କରାଯାଉଥିଲା। ଏହି ସମୟରେ ଏସଆଇ ମହେଶ୍ୱର ପ୍ରଧାନଙ୍କ ସନ୍ଦେହ ହେବାରୁ ତାଙ୍କୁ ଅଟକାଇ ଚେକିଂ କରିଥିଲେ। ସେହି ସମୟରେ ତାଙ୍କ ପାଖରୁ ପ୍ରାୟ ୪ କିଲୋ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତ ମହାଳିକ, ଏସଆଇ ସସ୍ମିତା ମଲ୍ଲିକଙ୍କ ଉପସ୍ଥିତରେ ଗଞ୍ଜେଇକୁ ଜବତ କରିବା ସହ ବିଜୟକୁ ପୋଲିସ ଥନାକୁ ନେଇ ଅଟକ ରଖି ପଚରାଉଚରା ଜାରି ରହିଛି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁବ୍ରଜିତ ଦାଶ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

## ଓପିଜିସି ତରଫରୁ ତିଲିଆରେ ଚକ୍ଷୁ ଚିକିତ୍ସା ଶିବିର

ଝାରସୁଗଡ଼ା, ୧୭/୩ (ନି.ପ୍ର): ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଆଜି ଝାରସୁଗୁଡା ଜିଲ୍ଲାର ତିଲିଆ ପଂଚାୟତ କାର୍ଯ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କେୟାର ନେତ୍ରମ, ଭୁବନେଶ୍ୱରର ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା । ପୁଷ୍ପାଞ୍ଜଳି ପଧାନ ତିଲିଆ ସରପଂଚଙ୍କ ଦ୍ୱାରା ଏହି ଶିବିର ଉଦ୍ଘାଟିତ ହୋଇଥିଲା ଓ ବରିଷ୍ଠ ଅଧିକାରୀ ହିମାଂଶୁ ଭୂଷଣ ବେହେରା ଏବଂ କେୟାର ନେତ୍ରମ ର ମେଡିକାଲ ଟିମ ଉପସ୍ଥିତ ଥିଲେ । ଏହି ଶିବିର ସକାଳ ୯ଟା ରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା ଓ ଆଖପାଖ ୧୧ରୁ ଉର୍ଦ୍ଧ୍ୱ ଗ୍ରାମ ଯଥା ତିଲିଆ, ସିଂଘେଇଁପାଲି, ଫଟାପାଲି, କଣ୍ଟାଟିକ୍ରା, ରମେଲା, କୋଲଟିକ୍ରା, ଥୁରୁପାଲୀ, ନୂଆପଡା, ବଡ଼ସାରୁଆ ଆଦି ଗ୍ରାମ ଗୁଡ଼ିକରୁ ୩୦୯ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ଓ ସମୁଦାୟ ୨୭୭ଙ୍କୁ ଦୃଷ୍ଟିଶକ୍ତି ସଂଶୋଧନ ପାଇଁ ବିନାମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା । ୧୧ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା । ଓପିଜିସି ସିଏସଆର ଦଳର ସଦସ୍ୟ ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ଅମର ସିଂ, ଏହି ଶିବିରର ସଂଯୋଜନା କରିବାରେ ସାହାଯ୍ୟ କରିଥିଲେ।

# ବନ୍ୟା କ୍ଷତିଗ୍ରସ୍ତଙ୍କ ସହାୟତା ଦାବିରେ ବିଜେଡି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର: ଶତାଧିକ ଚାଷୀଙ୍କ ଶୋଭାଯାତ୍ରା, ଆର.ଆଇ ଅଫିସ ଘେରାଉ

ଭଦ୍ରକ, ୧୭/୩ (ନି.ପ୍ର): ଏହି ଜିଲାର ଚାନ୍ଦବାଲି ତହସିଲ ଅଧିନ ଆରଡି, ନାନ୍ଦପୁର, ଓଳଗ, ସୁନ୍ଦରପୁର ପଂଚାୟତରେ ଗତ ଅଗଷ୍ଟ ଓ ସେପଟ୍ଟେମ୍ବର ମାସରେ ବୈତରଣୀ ନଦୀରେ ଆସିଥି ଛୋଟବଡ ୬/୭ଟି ବନ୍ୟାରେ ଶହଶହ ଚାଷୀଙ୍କର ବିହନ ଓ ଧାନତଳି ଧୋଇ ନେଇଥିଲା। ବନ୍ୟା ଛାଡିବା ପରେ ଉଭୟ ଜିଲାପ୍ରଶାସନ ଓ କୃଷିବିଭାଗ କ୍ଷେତ୍ରିୟ ପରିଦର୍ଶନ କରିବା ସହିତ ସମସ୍ତ ସହାୟତା ୨ମାସ ମଧରେ ଯୋଗାଇ ଦେବା ପାଇଁ ପ୍ରତିଶୃତି ଦେଇଥିଲେ। ପରେ ଚାଷୀମାନେ ଧାରକରଜ କରି ଧାନତଳି ଓ ବିହନ କିଣି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଇତିମଧରେ ୮ମାସ ବିତିଯାଇଥିଲେ ମଧ ଚାଷୀମାନଙ୍କୁ ବନ୍ୟାରେ କ୍ଷତିଗ୍ରସ୍ତ ସହାୟତା ମିଳିପାରିଲା ନାହିଁ। ଯାହାର ଦାବି କରି ବ୍ଲକ ବିଜେଡି ପକ୍ଷରୁ ଚାରି ପଞ୍ଚାୟତର ଚାଷୀମାନଙ୍କୁ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆରଡି ରାଜସ୍ୱ ନୀରିକ୍ଷକଙ୍କୁ ଦିଆଯାଇଛି। ଏହା ପୂର୍ବରୁ ଆରଡି ବସଷ୍ଟାଣ୍ଡ ଠାରୁ ଏକ ପ୍ରତିବାଦ ଶୋଭାଯାତ୍ରା ଆରଡି ବଜାର ଦେଇ ଆର.ଆଇ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିଜେଡିର ବରିଷ୍ଠ ନେତାଙ୍କ ସହ ଚାଷୀମାନେ ନାରାବାଜି ଦେଇଥିଲେ। ସୂଚନା ଅନୁଯାୟୀ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ତଳିଆ ଅଞ୍ଚଳ ଆରଡି, ଓଳଗ, ସୁନ୍ଦରପୁର, ନାନ୍ଦପୁର ୪ଟି ପଂଚାୟତର ୨୨ଟି ଗାଁର ଶତାଧିକ ଚାଷୀଙ୍କର ଗତ ବନ୍ୟାରେ ହଜାର ହଜାର ଏକର ସାରଦ ଧାନତଳି ଧୋଇ ନେଇଥିଲା। ଏପରିକି କିଏ ବ୍ଲକରୁ ବିହନ ଧାନ ଆଣିଥିଲା ତ ଆଉ କିଏ ବଜାରରୁ ଆଣିଥିଲା। ସବୁତକ ବିହନ ଧାନତଳିକୁ ଧୋଇ ନେଇଥିଲା ବନ୍ୟାପାଣି। ଖବର ପାଇବା ପରେ ଜିଲାପାଳ ବନ୍ୟାଂଚଳ ବୁଲିବା ସହ ଧାନ କ୍ଷେତ ବୁଲି ଦେଖିଥିଲେ। ତାହାସହ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ବ୍ଲକ ପ୍ରଶାସନ ଓ କୃଷି ବିଭାଗର ଅଧିକାରୀଙ୍କ ପକ୍ଷରୁ ମିଳିତ ଭାବେ କ୍ଷେତ୍ରୀୟ ପରିଦର୍ଶନ କରିବା ସହ ଚାଷୀମାନଙ୍କୁ ଭେଟିଥିଲେ। ଏପରିକି କ୍ଷୟକ୍ଷତି ହୋଇଥିବା ଚାଷର କ୍ଷତିପୂରଣ ଖୁବଶିଘ୍ର ଅର୍ଥାତ୍ ଅକ୍ଟୋବର ମାସରେ ମିଳିବ ବୋଲି ପ୍ରତିଶୃତି ଦେଇଥିଲେ। ତାହାସହ ଚାନ୍ଦବାଲି ତହସିଲଦାରଙ୍କ ଦପ୍ତରରୁ ଗତ ଅକ୍ଟୋବର ମାସ ୨୫ତାରିଖରେ ଚିଠି ସଂଖ୍ୟା ୧ରେ ପ୍ରକାଶିତ କ୍ଷତିଗ୍ରସ୍ତ ଚାଷୀମାନେ ନିଜର ଚାଷଜମିର ପରିମାଣ, ବ୍ୟାଙ୍କ ବହିର ନକଲ, ପରିଚୟପତ୍ର ଅକ୍ଟୋବର ୨୭ରୁ ନଭେମ୍ବର ୧୫ତାରିଖ ମଧରେ ଆରଡି ରାଜସ୍ୱ ଅଧିକାରୀଙ୍କ ପାଖରେ ଦାଖଲ କରିବା ପାଇଁ ନଟକା ଜାରି ହୋଇଥିଲା। ଏପରିକି କ୍ଷତିଗ୍ରସ୍ତ ଚାଷୀମାନେ ନିର୍ଦ୍ଧାରିତ ସମୟର ମଧରେ ତାଙ୍କର କ୍ଷୟକ୍ଷତିର ଦସ୍ତାବିଜ ଦେବା ପରେ ସହାୟତାରାଶି ୨.୬୯କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏପରିକି ଏହି ଅଂଚଳ ଧୋୟା ଅଂଚଳ ହୋଇଥିବାରୁ ସମସ୍ତ କ୍ଷତିର ସହାୟତା ମିଳିବ ବୋଲି ଅଧିକାରୀ ପ୍ରକାଶ କରିଥିଲେ। ବନ୍ୟାରେ ଚାଷଜମିରେ ୩୩ପ୍ରତିଶତ କ୍ଷତି ହୋଇଥିବା ଜିଲାପ୍ରଶାସନ ଘୋଷଣା କରିବା ସହ ସହାୟତା ରାଶି ନିମନ୍ତେ ଚାଷୀମାନଙ୍କର ପଞ୍ଜିକୃତ କରିଥିଲା। ହେଲେ ପୁଣି ଏବେ ୩୩ପ୍ରତିଶତରୁ କମ କ୍ଷତି ହୋଇଥିବା ଦର୍ଶାଇ ଚାଷୀଙ୍କ ପେଟକୁ ନାତ ମାରିଛି ବିଜେପି ସରକାର ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତା ମାନେ। ହେଲେ ସହାୟତା ବିଳମ୍ବକୁ ନେଇ ଜିଲା ପ୍ରଶାସନ ଓ କୃଷି ବିଭାଗର ଉଚ୍ଚପ୍ରଦାଧିକାରୀ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଯଦି ଆସନ୍ତା ୫ଦିନ ମଧ୍ୟରେ ସହାୟତା ରାଶି ନମିଳେ ଆନ୍ଦୋଳନକୁ ଜୋରଦାର କରାଯିବା ସହ ଅଖଚକ ବନ୍ଦ କରିବେ ବୋଲି ଚେତାବନୀ ଦେଇଛି ବିଜେଡି। ବିଜେଡିର ବରିଷ୍ଠ ନେତାଙ୍କ କହିବା ଅନୁଯାୟୀ ଚାଷ ପ୍ରାରମ୍ଭରୁ ବନ୍ୟାରେ ଗଜା ଓ ବିହନ ହୋଇଯିବା ପରେ ଚାଷୀ ୨ଗୁଣାରେ ପଡୋଶୀ ଜିଲାରୁ ବିହନ ଓ ଧାନତଳି କିଣି ଚାଷ କରିବା ପରେ ଭଲ ଫସଲ ହୋଇଥିଲା। ହେଲେ ବିଜେପି ସରକାର ଚାଷୀମାନଙ୍କର ସହାୟତା ଟଙ୍କାକୁ ହଡ଼ପ କରିବା ସହ ଧୋୟା ସହାୟତା(ଇନପୁଟ) ନଦେଇ ଟଙ୍କା ଫେରାଇ ନେବାକୁ ବସିଛି।

# ପୁରୀରେ ଗ୍ୟାସ ପାଇଁ ଗ୍ରାହକ ହନ୍ତସନ୍ତ

ପୁରୀ, ୧୭/୩ (ନି.ପ୍ର): ବିଶ୍ୱର ମଧ୍ୟପ୍ରାଚ୍ୟ ଅଂଚଳରେ ଯୁଦ୍ଧର ବିଭୀଷିକା ଚାଲିଥିବା ବେଳେ ଭାରତରେ ତୈଳ ସଙ୍କଟ ଦେଖାଦେଇଛି । ପୁରୀରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି । ବ୍ୟବସାୟୀକ ଗ୍ୟାସ ନମିଳିବାରୁ ଅନେକ ହୋଟେଲରେ ଖାଦ୍ୟ ରନ୍ଧନ ବନ୍ଦ ରହିଛି । ଯାହାଫଳରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅସାଧୁ କଳାବଜାରୀ ଗ୍ୟାସ ରଖିଥିବା ବେଳେ ପୋଲିସ ସେମାନଙ୍କ ପାଖରେ ଚଢ଼ାଉ କରି ଗ୍ୟାସ ଜବତ କରିଥିଲା । ଘରୋଇ ଏଲପିଜି ଗ୍ୟାସ ଗ୍ରାହକ ମାନେ ବୁକିଂ କରି ଡିପୋକୁ ଗ୍ୟାସ ସିଲିଣ୍ଡର ନେଇ ବାରମ୍ବାର ଫେରୁଥିବା ଦେଖିବାକୁ ମିଳିଛି । ସହରରେ କୋଠା ଘର ହେଉଥିବାରୁ କାଠ ଜାଳି ରୋଷେଇ କରିବା ସମ୍ଭବ ହେଉନାହିଁ । ଗ୍ୟାସ ମିଳୁନଥିବା ବେଳେ ଇଲେକ୍ଟ୍ରି ଇଣ୍ଡକସନ ଚୁଲା ମଧ ଦୋକାନିଙ୍କ ପାଖରେ ଉଭାନ ହୋଇଯାଇଛି । ଯାହାଫଳରେ ଘରୋଇ ପରିବାର ଗ୍ୟାସ ନପାଇବା ଯୋଗୁ ହନ୍ତସନ୍ତ ହେଉଛନ୍ତି । ଗ୍ୟାସ ବୁକିଂ କଲେ ମଧ ମେସେଜ ଆସୁନାହିଁ । ପୁରୀ ସହରବାସୀ ଗ୍ୟାସ ଗ୍ରାହକ ମାନଙ୍କୁ ଯୋଗାଣ ବିଭାଗ ଜରିଆରେ ନିରବଚ୍ଛିନ୍ନ ଗ୍ୟାସ ଦେବା ପାଇଁ ସାଧାରଣରେ ଦାବି ହେଉଛି । ଏବେ ବି କିଛି ଗ୍ୟାସ କଳାବଜାରୀ ମାନେ ଗ୍ୟାସ କେଜି ପିଛା ୨ଶହ ଟଙ୍କାରେ ୧୦ କେଜି ଗ୍ୟାସ ଭର୍ତି କରି ଗ୍ରାହକଙ୍କୁ ଲୁଚାଛପାରେ ଦେଉଥିବା ଅଭିଯୋଗ ହେଉଛି । ଗ୍ୟାସ ଡିପୋ ମାନଙ୍କରେ ଗହଳି କୁ ଲକ୍ଷ କରି କର୍ମଚାରୀ ମାନେ ରହୁନଥିବାବେଳେ କେବଳ ସିକ୍ୟୁରିଟ ଡିପୋ ଜଗିଥିବା ଦେଖିବାକୁ ମିଳିଛି ।

# ସ୍ୱେଡ଼ ଅନୁଷ୍ଠାନ ପକ୍ଷରୁ 'ବାଉଁଶ ପର୍ବ' ଅନୁଷ୍ଠିତ

ଜୟପୁର, ୧୭/୩ (ନି.ପ୍ର): ଦିନକୁ ଦିନ ବାଉଁଶ ଗଛ ମଧ ଗାଁ ଗହଳିରୁ କମିଲାଣି । ଯେଉଁଠି କିଛି କିଛି ମିଳୁଛି ତାକୁ ମଧ ଅଧିକ ଦାମରେ କିଣିବାକୁ ପଡୁଛି । ତେଣୁ ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁନାହିଁ । ପୂର୍ବରୁ ଅଳ୍ପ ରୋଜଗାର ହେଉଥିଲେ ମଧ ପରିବାର ପ୍ରତିପୋଷଣର ଏହା ଏକ ମାଧ୍ୟମ ଥିଲା । ହେଲେ ଏବେ ଏହାକୁ ମାଧ୍ୟମ କରି ପରିବାର ଚଳାଇବା ବେଶ କଷ୍ଟକର ହେଉଥିବା କହିଛନ୍ତି କାରିଗର । ଏଭଳି ପରିସ୍ଥିତି ରେ ଅଂଟା ଭିଡିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱେଡ଼ । ଅନୁଷ୍ଠାନ ପକ୍ଷରୁ ଆଜି ବୈପାରୀଗୁଡା ବ୍ଲକ ରାମଗିରି ବନାଚଂଳ ଅନ୍ତର୍ଗତ ଖଜୁରୀପଦର ଠାରେ 'ବାଉଁଶ ପର୍ବ ' ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଉଁଶ ଚାଷୀ ଏବଂ ବିଭିନ୍ନ ଗ୍ରାମାଚଂଳ ଲୋକେ ଉପସ୍ଥିତ ଥିବା ବେଳେ ସେମାନଙ୍କୁ ବାଉଁଶର ଚାହିଦା ଏବଂ ବଜାରୀକରଣ ସହ ଆଧୁନିକ କୌଶଳ ଅବଲମ୍ବନ କିପରି କରାଯାଇପାରିବ ସେ ନେଇ ଆଲୋକପାତ କରାଯାଇଛି । ସ୍ୱେଡ଼ ଅନୁଷ୍ଠାନ ଅଦକ୍ଷ ବିଦ୍ୟୁତ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ଼ାଇରେକ୍ଟର ଓଡିଶା ବାମ୍ବୁ ଡେଭଲପମେଂଟ ମିଶନ କାର୍ତିକ ଭି ଯୋଗ ଦେଇଥିବା ବେଳେ ଅନ୍ୟନ୍ୟ ଅତିଥିଭାବେ ମାଲକାନଗିରି ଏସିଏଫ ମନସୁନ ଖେମୁଡୁ, ଜୟପୁର ଏସିଏଫ ପ୍ରଶନ୍ନ କୁମାର ମିଶ୍ର, ଗୁପ୍ତେଶ୍ୱର ରେଞ୍ଜର ଛବି ରନ୍ଧାରୀ, ପଂଚାୟତ ସମିତି ଅଦକ୍ଷ ପ୍ରଶାନ୍ତ ଗୁପ୍ତା, ଜିଲ୍ଲାପରିଷଦ ସଭ୍ୟ ରାଜେଶ ମହୁରିଆ ଓ ସଭ୍ୟା ମଣି ଜାନି, ରାମଗିରି ସରପଂଚ କୁମନ ମୁଦୁଲି, ଦଣ୍ଡାବାଡ଼ି ସରପଂଚ ଚେଣ୍ଡିଆ ଖିଲ ପ୍ରମୁଖ ଉପସ୍ଥିତ ଥିଲେ।

# ଲଇକେରାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି: ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ

ଝାରସୁଗୁଡା, ୧୭/୩ (ନି.ପ୍ର): ଝାରସୁଗୁଡା ଜିଲା ଲଇକେରା ବ୍ଲକ କାର୍ଯ୍ୟାଳୟ ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଆଜି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଲୋକଙ୍କ ସମସ୍ୟାକୁ ଗୁରୁତର ସହ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଆଜିର ଏହି ଶିବିରରେ ମୋଟ ୩୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ସମସ୍ୟା ହୋଇଥିବା ବେଳେ ୧୨ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା। ମୁଖ୍ୟତଃ ଜମିଜମା ସମ୍ବନ୍ଧୀୟ ବିବାଦ, ଦିବ୍ୟାଙ୍ଗଙ୍କ ସହାୟତା ଏବଂ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ ସେବାରେ ସୃଷ୍ଟି ହେଉଥିବା ବ୍ୟାଘାତ ସମ୍ପର୍କରେ ଲୋକେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତମାନର ପ୍ରଖର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଂଚାୟତ ସ୍ତରରେ ଜନସାଧାରଣଙ୍କ ସୁବିଧା ପାଇଁ ଅଧିକ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯେପରି କୌଣସି ଅବହେଳା ନହୁଏ, ସେଥିପ୍ରତି ସତର୍କ ରହିବାକୁ ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ୨ ଜଣ ହିତାଧିକାରୀଙ୍କୁ ରେଡକ୍ରସ ପାଣ୍ଠିରୁ ୧୦,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ମଧ ପ୍ରଦାନ କରାଯାଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି.ଆର ରାଘବେନ୍ଦ୍ର, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଲଇକେରା ବିଡିଓ ଜକ୍ ଡୁଙ୍ଗଡୁଙ୍ଗଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

# ସଙ୍କଟରେ ଜୁଳୁଜୁଳିଆ ପୋକ



## ଅଧ୍ୟାପକ ରାଜେଶ୍ ରାୟ

'ଜୁଳୁଜୁଳିଆ ପୋକ ' ଏହି ନାଁ ଟି ଆମ ପିଲାଦିନ ସହ ଖୁବ୍ ଗଭୀର ଭାବେ ଜଡ଼ିତ । ଗାଁର କଳା କିଟିମିଟି ଅନ୍ଧାରରେ ଆକର୍ଷଣର ମିଞ୍ଜିମିଞ୍ଜି ଆଲୁଅ ବୁଣି ଦେଉଥିବା ପ୍ରାକୃତିକ ଶିଳ୍ପୀ ହେଉଛନ୍ତି ଜୁଳୁଜୁଳିଆ ପୋକ । ଜୀବଜ୍ୱଳନ ପ୍ରକ୍ରିୟାରେ ନିଜ ଶରୀରରୁ ସୂକ୍ଷ୍ମ ଆଲୋକ ଉତ୍ପନ୍ନ କରି ସେମାନେ ପରିବେଶ ସନ୍ତୁଳନକୁ ଉଡ଼ିଉଡ଼ି ପରିପ୍ରକାଶ କରନ୍ତି । ଦୁଃଖର କଥା ହେଉଛି ଏବେ ଜୁଳୁଜୁଳିଆ ପୋକର ଅବସ୍ଥିତିକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ପ୍ରବନ୍ଧଟି ଲେଖିବା ପୂର୍ବରୁ ମୁଁ ରହୁଥିବା ସ୍ଥାନରେ ରାତିବେଳା ଯାଇ ଖୋଜିବାକୁ ଚେଷ୍ଟା କରିଥିଲି କିନ୍ତୁ କୌଣସିବି ଗୋଟିଏ ଜୁଳୁଜୁଳିଆ ପୋକ ମୋ ଆଖି ସାମ୍ନାକୁ ଆସିଲେ ନାହିଁ । ଏ ସମ୍ପର୍କରେ କିଛି ବନ୍ଧୁ ମାନଙ୍କୁ ପଚାରିବାରୁ ସେମାନେ କହିଲେ ' ଆଉ କଣ ଜୁଳୁଜୁଳିଆ ପୋକ ଅଛନ୍ତି ? ' ପ୍ରଦୂଷଣ ମାତ୍ରା ବଢ଼ିବା କାରଣରୁ ସେମାନଙ୍କ ସଂଖ୍ୟା ଦୃତ ବେଗରେ କମି ଯାଉଛି । ଅନ୍ୟ କିଛି ବନ୍ଧୁ ଉତ୍ତର ଦେଲେ ଗାଁ ରେ କାଁ ଭାଁ ଦେଖିବାକୁ ମିଳୁଛନ୍ତି ହେଲେ ସହରରେ ଆଦୌ ନାହାନ୍ତି । ଜୁଳୁଜୁଳିଆ ପୋକ ଲାମ୍ପାଇରିଡେଇ ପରିବାରରେ ଅନ୍ତର୍ଭୁକ୍ତ ଯେଉଁଥିରେ ୨୦୦୦ ରୁ ଅଧିକ ପ୍ରଜାତିର ପୋକ ରହିଛନ୍ତି । ନରମ ଶରୀର ଧରି ରଖିଥିବା ପୋକ ହେଉଛନ୍ତି ଜୁଳୁଜୁଳିଆ ପୋକ ଯାହାଙ୍କୁ ଅନ୍ୟ ଅର୍ଥରେ ଆଲୋକ ଦେଉଥିବା ପୋକ ବା ଉଜ୍ଜଳ ପୋକ ଭାବେ ଗାଁ ଗଣ୍ଡାରେ ଜାଣନ୍ତି । ଏକ ସ୍ୱତନ୍ତ୍ର ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ଏହି ପୋକମାନେ ନିଜ ଶରୀରରୁ ଆଲୋକ ଉତ୍ପନ୍ନ କରନ୍ତି ଯାହାକୁ ବୈଜ୍ଞାନିକ ଭାଷାରେ ଜୀବଜ୍ୱଳନ ବୋଲି କୁହାଯାଏ । ଜୁଳୁଜୁଳିଆ ପୋକ ଦେହରେ ଏକ ଜୈବ ରାସାୟନିକ ପଦାର୍ଥ ଅଛି ଯାହାର ନାଁ ଲୁସିଫେରିନ୍ ଏବଂ ଏକ ଜୈବ ଉତ୍ପେରକ ବା ଏନଜାଇମ୍ ମଧ୍ୟ ଅଛି ଯାହାର ନାଁ ଲୁସିଫରେଜ୍। ଜୀବଜ୍ୱଳନ ସମୟରେ ଲୁସିଫେରିନ୍ ଏଟିପି (ଶକ୍ତିମୁଦ୍ରା) ସହ ମିଶି ସକ୍ରିୟ ରୂପକୁ ଆସେ । ଉକ୍ତ ସକ୍ରିୟ ରୂପ ଅମ୍ଳଜାନ ସଂସ୍ପର୍ଶରେ ଆସିଲେ ଏକ ଅସ୍ଥାୟୀ ପଦାର୍ଥ ସୃଷ୍ଟିକରେ ଯାହା ଭାଙ୍ଗିବା ଯୋଗୁ ହଳଦିଆ କିମ୍ବା ସବୁଜ ରଙ୍ଗର ଆଲୋକ ଉତ୍ପନ୍ନ ହୁଏ । ଜୁଳୁଜୁଳିଆ ପୋକ ଶରୀରରୁ ରାସାୟନିକ ପ୍ରତିକ୍ରିୟା ମାଧ୍ୟମରେ ୯୦ ରୁ ୯୮ ପ୍ରତିଶତ ଶକ୍ତି ଆଲୋକ ରୂପେ ନିର୍ଗତ ହୁଏ ତେଣୁ ତା ଶରୀରର କିଛି କ୍ଷତି ହୁଏ ନାହିଁ । ପ୍ରାଥମିକ ଅବସ୍ଥାରେ ଜୁଳୁଜୁଳିଆ ପୋକ ଲାର୍ଭା ଥିବା ସମୟରେ ଶରୀରରୁ ଆଲୋକ ଉତ୍ପନ୍ନ କରି ତାର ଖାଦକ ମାନଙ୍କୁ ଜଣାଇ ଦିଏ ଯେ ସେ ଖାଇବା ଯୋଗ୍ୟ ନୁହେଁ ବା ଅରୁଚିକର କାରଣ ତା ପାଖରେ ବିଭିନ୍ନ ବିଷାକ୍ତ ରାସାୟନିକ ପଦାର୍ଥ ଥାଏ ଯଥା ଲୁସିବୁଫାଜିନ୍ସ । ଏହି ସୂଚନା ଯୋଗୁଁ ଖାଦକ ମାନେ ସୁରକ୍ଷିତ ରୁହନ୍ତି । ପରବର୍ତ୍ତୀ ସମୟରେ ସେହି ଆଲୋକ ଜୁଳୁଜୁଳିଆ ପୋକକୁ ସଠିକ୍ ସାଥୀ ଖୋଜିବାରେ ସହାୟକ ହୁଏ ଯାହାଦ୍ୱାରା ସେମାନେ ସଙ୍ଗମ ଏବଂ ପ୍ରଜନନ କରିପାରନ୍ତି । ବର୍ତ୍ତମାନ ଏହି ପୋକର ସଂଖ୍ୟା ସଙ୍କଟକୁ ଆସିବାର ବିଭିନ୍ନ କାରଣ ରହିଛି ଯଥା ବାସସ୍ଥଳୀ କ୍ଷୟ । ଜୁଳୁଜୁଳିଆ ପୋକମାନେ ସାଧାରଣତଃ ସନ୍ତସନ୍ତିଆ ବା ଓଦାଳିଆ ସ୍ଥାନ ଯେପରିକି ଧାନକ୍ଷେତ, ଜଙ୍ଗଲ ଆଦିରେ ରହିବାକୁ ପସନ୍ଦ କରନ୍ତି କିନ୍ତୁ ଏବେ ଦୃତ ବେଗରେ ବଢ଼ି ଚାଲୁଥିବା ଜଙ୍ଗଲ କ୍ଷୟ ଏବଂ ସହରୀକରଣର ପ୍ରଭାବ ଯୋଗୁ ଦିନକୁ ଦିନ ଏହି ସ୍ଥାନ ଗୁଡ଼ିକ ସଙ୍କୁଚିତ ହୋଇଯାଉଛି ! ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ କାରଣଟି ହେଉଛି ଆଲୋକ ପ୍ରଦୂଷଣ । ବର୍ତ୍ତମାନ ଗାଁ ଠୁ ସହର ଯାଏ ରାସ୍ତାଘାଟ ସବୁ ଆଲୋକିକରଣ ହୋଇଯିବା ଦ୍ୱାରା ଜୁଳୁଜୁଳିଆ ପୋକ ସଠିକ୍ ସାଥୀ ସହ ପ୍ରଜନନ କରିପାରୁ ନାହାନ୍ତି । ଫସଲ କ୍ଷେତରେ ଏବେ ବିଭିନ୍ନ କିସମର ରାସାୟନିକ କୀଟନାଶକ ପ୍ରୟୋଗ କରାଯାଉଛି ଯାହାର ସିଧାସଳଖ ପ୍ରଭାବ ଏହି ପୋକ ମାନଙ୍କ ଉପରେ ପଡୁଛି । ଜଳବାୟୁ ପରିବର୍ତ୍ତନ ହେବାସହ ବଢୁଥିବା ତାପମାତ୍ରା ଜୁଳୁଜୁଳିଆ ପୋକଙ୍କ ସଙ୍ଗମ ଋତୁ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ଯାହାଦ୍ୱାରା ସେମାନଙ୍କ ବଂଶବୃଦ୍ଧି ବାଧାପ୍ରାପ୍ତ ହେଉଛି ଏବଂ ଫଳ ସ୍ୱରୂପ ପ୍ରାକୃତିକ ପରିସଂସ୍ଥାନ ଗୁଡ଼ିକ ଅସନ୍ତୁଳନ ହୋଇପଡ଼ିବା ଯୋଗୁ ଏହି ପୋକ ଉପରେ ନିର୍ଭର କରୁଥିବା ଖାଦକ ମାନେ ଏବେ ଅନେକ ସମସ୍ୟାକୁ ସାମ୍ନା କରୁଛନ୍ତି । ତେଣୁ ସତର୍କ ଘଣ୍ଟିର ସୂଚନା ଦେଇ ବୈଜ୍ଞାନିକ ମାନେ କହିବା ଆରମ୍ଭ କଲେଣି ଯେ ' ହୁଏତ ଏହି ଯୁଗର ପିଲାମାନେ ଶେଷଥର ପାଇଁ ଜୁଳୁଜୁଳିଆ ପୋକକୁ ଦେଖିବେ , ଆଗାମୀ ଦିନରେ କେବଳ ତାର ସ୍ମୃତି ହିଁ ଆମ ଚାରିପାଖେ ଘୁରି ବୁଲୁଥିବ କିନ୍ତୁ ସେ ନୁହେଁ '।



ସାମୟିକ ଉଦଘୋଷକ , ଆକାଶବାଣୀ ,
ଜୟପୁର , କୋରାପୁଟ
ମୋ- ୬୩୭୧୫୫୫୯୪୦

# ଆଇଟି କର୍ମଚାରୀଙ୍କ ପାଇଁ ଅବସାଦ ଆଣୁଛି ଏଆଇ



## ଡାକ୍ତର ସମ୍ରାଟ କର

୨୦୧୭-୨୦୨୫ ମଧ୍ୟରେ ଦେଶରେ ୨୨୭ ଜଣ ଆଇଟି କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ମଧ୍ୟରେ ଚେନ୍ନାଇର ଏକ ସଫ୍ଟୱେୟାର କମ୍ପାନୀର ମ୍ୟାନେଜର ଛାତରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଅତ୍ୟଧିକ କାର୍ଯ୍ୟ ଚାପ ଯୋଗୁଁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ ବୋଲି ପୋଲିସ କହିଥିଲା। ସେହିଭଳି ପୁଣେରେ ଜଣେ ୩୬ ବର୍ଷୀୟ ଆଇଟି କର୍ମଚାରୀ ନଦୀକୁ ଡେଇଁ ଜୀବନ ହାରିଥିଲେ। ଆଉ ଜଣେ ୩୮ ବର୍ଷୀୟ ସଫ୍ଟୱେବେର ଇଞ୍ଜିନିୟର ନିଜକୁ କରେଣ୍ଟ ଦେଇ ଆତ୍ମହତ୍ୟା କରିଥିଲେ। ସେ ମଧ୍ୟ କାର୍ଯ୍ୟରେ ଅଧିକ ଚାପ ଯୋଗୁଁ ଜୀବନ ହାରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ଭାରତୀୟ ଆଇଟି କର୍ମଚାରୀଙ୍କ ଜୀବନରେ ଅତ୍ୟଧିକ ଅବସାଦ ଆଣୁଛି। ଏହି ଚିନ୍ତାରେ ଆଇଟି କର୍ମଚାରୀମାନେ ଆତ୍ମହତ୍ୟା କରୁଛନ୍ତି। ଏସବୁ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବା ରେଷ୍ଟ ଅଫ୍ ଓର୍ଲ୍ଡ ରିପୋର୍ଟରୁ ଜଣାପଡ଼ିଛି। ଏଭଳି ଚିନ୍ତା କର୍ମଚାରୀଙ୍କ ମଧ୍ୟରେ ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରୁଛି।

କୃତ୍ରିମ ବୁଦ୍ଧିମତ୍ତା ବିଶ୍ୱକୁ ଦ୍ରୁତ ଗତିରେ କବଳିତ କରିବାରେ ଲାଗିଛି। କୃତ୍ରିମ ବୁଦ୍ଧିମତ୍ତାର ମଧ୍ୟ ପ୍ରକାର ଭେଦ ରହିଛି। ପ୍ରଥମଟି ହେଉଛି ସୀମିତ କୃତ୍ରିମ ବୁଦ୍ଧିମତ୍ତା ଏହା ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାର କ୍ଷମତା ରଖିଥାଏ। ଆଉ ଗୋଟିଏ ହେଉଛି ଅତି କୃତ୍ରିମ ବୁଦ୍ଧିମତ୍ତା ଏହା ଏକ ପ୍ରକାର ଏଆଇ ଯାହା ମାନବୀୟ ବୁଦ୍ଧି, ବିଚାରଶକ୍ତି ଓ ନିଷ୍ପତ୍ତି ନେବାର କ୍ଷମତାକୁ ଅତିକ୍ରମ କରି ଅଧିକ କୁଶଳ ଓ ସଚେତନ କରିପାରେ। ତେବେ ସୃଜନଶୀଳ କୃତ୍ରିମ ବୁଦ୍ଧିମତ୍ତାଟି ହେଉଛି ଅନ୍ୟତମ। ଯାହା ଅଗ୍ରୀମ ତଥ୍ୟ ଓ ପ୍ରଣାଳୀ ଉପରେ ଆଧାର କରି ନୂତନ ବିଷୟ ସୃଷ୍ଟି ବା ସୃଜନ କରିପାରେ। ଏଆଇ ପ୍ରଭାବରେ ଚଳିତ ବର୍ଷରୁ ବିଶ୍ୱର ୧ ଲକ୍ଷରୁ ଉର୍ଦ୍ଧ୍ୱ କର୍ମଚାରୀ ସେମାନଙ୍କ ଚାକିରୀ ହରାଇ ବେକାର ହୋଇସାରିଛନ୍ତି। ଅଧିକାଂଶ କମ୍ପାନୀର ବ୍ୟବସାୟ, ପରିବେଶରେ ପରିବର୍ତ୍ତନ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରଭାବରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଉଛି। ଉଦାହରଣ ବଶତଃ ଆମାଜନ ୧୪ ହଜାର କର୍ପୋରେଟ କର୍ମଚାରୀଙ୍କୁ ଛଟେଇ କରିଥିବାବେଳେ ଚିପ ନିର୍ମାତା ଇଣ୍ଟେଲ ଚଳିତ ବର୍ଷ ୨୪ ହଜାର ପାଖାପାଖି କର୍ମଚାରୀଙ୍କୁ ଛଟେଇ କରିଛି। ପ୍ରଥମେ ଭାରତ ଭଳି ଦେଢ଼ଶହ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ବେକାରୀ ସମସ୍ୟାକୁ ଏଆଇ ପ୍ରୋତ୍ସାହିତ କରୁଛି। ସାରା ବିଶ୍ୱ ପାଇଁ ମଧ୍ୟ ବୃହତ୍ ଆର୍ଥିକ ସଂକଟ ସୃଷ୍ଟି କରିବାକୁ ଯାଉଛି। କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସ୍ୱୟଂ ଚାଳିତ ଶକ୍ତି ଏବଂ କୃତ୍ରିମ ଶକ୍ତି ଆମ କାମର କରିବାର ଶୈଳୀକୁ ପରିବର୍ତ୍ତନ କରୁଛି। ଯାହାଦ୍ୱାରା ଭବିଷ୍ୟତରେ ଦେଶର ବେକାର ଓ ନିଯୁକ୍ତି ସମସ୍ୟା ଅଧିକ ଉତ୍କଟ ହେବାର ସମ୍ଭାବନା ରହିଛି। ଏଆଇର ବ୍ୟାପକ ବ୍ୟବହାର ଦ୍ୱାରା ୨୦୩୦ ସୁଦ୍ଧା ବିଶ୍ୱ କର୍ମଶକ୍ତିର ୩ରୁ ୧୪ ପ୍ରତିଶତ କର୍ମଚାରୀ ସେମାନେ ଚାକିରି ବଦଳାଇ ନୂତନ କୌଶଳ ଶିଖିବାକୁ ବାଧ ହେବେ। ପ୍ରଯୁକ୍ତିବିଦ୍ୟା ଓ ବ୍ୟବସାୟ କ୍ଷେତ୍ରର ବ୍ୟବସାୟୀ ଅଧିକ ଲାଭବାନ ହୋଇଥିବାବେଳେ ଆମର ଶ୍ରମ ବଜାରର ଭବିଷ୍ୟତ ଉପରେ ଏକ ବଡ଼ ପ୍ରତିବନ୍ଧକ ହୋଇଛି ଏଆଇ।

କୃତ୍ରିମ ବୁଦ୍ଧିବତ୍ତା ହେଉଛି ଏକ ମେସିନ କ୍ଷମତା ଯାହା ଆମର ବୁଦ୍ଧିକୁ ବ୍ୟବହାର କରି ମେସିନ ଶିକ୍ଷା ଠାରୁ ସମସ୍ୟା ସମାଧାନ, କାର ଚଳାଇବା ଠାରୁ ନିଷ୍ପତ୍ତି ବା ତଥ୍ୟ ବିଶ୍ଲେଷଣ ସବୁ କରିପାରୁଛି। କେବଳ ସେତିକି ନୁହେଁ ଏଆଇ ମାଧ୍ୟମରେ ଭଏସ ଆସିଷ୍ଟାଣ୍ଟ ସୁପାରିଶ ଭଳି କାର୍ଯ୍ୟ କରାଯାଇପାରୁଛି। ବର୍ତ୍ତମାନ ସମୟରେ ଆମର ଦୈନନ୍ଦିନ ଜୀବନରେ ଏହାର ଭୂମିକା ବଢ଼ିବାରେ ଲାଗିଛି। ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ଓ ଶ୍ରମ ଶକ୍ତି ବିନିଯୋଗ ସମ୍ପନ୍ନ ରାଷ୍ଟ୍ର ପାଇଁ ଏଆଇ ଯେତିକି ଲାଭ କରୁଛି ଅନେକ କ୍ଷତି ମଧ୍ୟ କରୁଛି। ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଖଡ଼ଗପୁରର ତଥ୍ୟ ଅନୁଯାୟୀ ଏଆଇ ଯୋଗୁଁ ଟେକ କର୍ମଚାରୀମାନେ ସେମାନଙ୍କ ଚାକିରି ବିଷୟରେ ଏକ ବିରାଟ ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି। ଏହା କମ୍ପାନୀ ଗୁଡ଼ିକୁ ଖର୍ଚ୍ଚ ହ୍ରାସ କରିବା ପାଇଁ ପ୍ରଯୁକ୍ତି ବିଦ୍ୟାରେ ନିବେଶ କରିବାକୁ ପ୍ରେରଣା ଦେଇଛି। ରିପୋର୍ଟରେ କୁହାଯାଇଛି ଯେ ପ୍ରବେଶ ସ୍ତରୀୟ ଚାକିରିଗୁଡ଼ିକ ସର୍ବାଧିକ ବିପଦରେ ଆଜି ଏବଂ ଭାରତର ଆଇଟି ଶିଳ୍ପ ମଧ୍ୟ ଏଥିରୁ ମୁକ୍ତ ନୁହେଁ। ୨୦୨୫ରେ ଆମେରିକାର ଟେକ୍ନୋଲୋଜି କ୍ଷେତ୍ର ୧.୫ ଲକ୍ଷ ଚାକିରି ହ୍ରାସ କରିଥିଲା।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସିର ଚାପ ଏବଂ ଆମେରିକା-ଭାରତ ବାଣିଜ୍ୟିକ ସମ୍ପର୍କର ଉତ୍ତେଜନା ମଧ୍ୟରେ ଟିସିଏସ୍ ଗତ କିଛି ବର୍ଷ ଅକ୍ଟୋବରରେ ପ୍ରାୟ ୨୦ ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲା। କମ୍ପାନୀ ଏଆଇ ଏବଂ ସ୍ୱୟଂ ଚାଳିତ ସେବା ଆଡ଼କୁ ଅଗ୍ରସର ହେଉଥିବାରୁ ଏହା ମାର୍ଚ୍ଚ ୨୦୨୬ ସୁଦ୍ଧା ଏହାର ବିଶ୍ୱସ୍ତରୀୟ କର୍ମଚାରୀଙ୍କ ଦୁଇ ପ୍ରତିଶତ ହ୍ରାସ କରିବାକୁ ଯୋଜନା କରୁଛି। ରିପୋର୍ଟରେ କୁହାଯାଇଛି ଯେ କାର୍ଯ୍ୟ ଘଣ୍ଟା ବୃଦ୍ଧି ଯୋଗୁଁ କର୍ମଚାରୀମାନେ ଏକାକୀ ହୋଇଯାଉଛନ୍ତି ଏବଂ ଯେଉଁମାନେ ନିଯୁକ୍ତି ପାଉଛନ୍ତି ସେମାନେ ନିରନ୍ତର ଚାକିରି ହରାଇବାର ଆଶଙ୍କାରେ ଅଛନ୍ତି। ଏହି ସବୁ ପ୍ରସଙ୍ଗ ଉପରେ ଅଧିକ ଧ୍ୟାନ ଦେଉଥିବା କର୍ମଚାରୀଙ୍କ ମଧ୍ୟରୁ କେତେକ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନିଅନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ବହୁଳ ଭାବେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଅନେକଙ୍କର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମନୁଷ୍ୟପରି ଏଆଇକୁ ବିଶ୍ରାମର ଆବଶ୍ୟକତା ନାହିଁ କିମ୍ବା ମଜୁରୀ ବୃଦ୍ଧି ପାଇଁ ଶ୍ରମିକ ମାନଙ୍କର ଧର୍ମଘଟ ବା ଆନ୍ଦୋଳନର ଭୟ ନାହିଁ। ତେଣୁ ଏ କ୍ଷେତ୍ରରେ ଏଆଇ ଅନେକଙ୍କ ପାଇଁ ମାନସିକ ଦୁଃଚିନ୍ତାର ବଡ଼ କାରଣ ପାଲଟୁଛି। କୃତ୍ରିମ ବୁଦ୍ଧିମତ୍ତା ଯେଉଁଠାରେ ଅର୍ଥନୈତିକ କାର୍ଯ୍ୟକ୍ଷମତା ବଢ଼ାଇ ପାରୁଛି ସେଠାରେ ନିଯୁକ୍ତି ଓ ଆର୍ଥିକ ବୈଷମ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ଏହା ସ୍ୱାଭାବିକ କଥା ଏଆଇର ପ୍ରୟୋଗ ବଢ଼ିବା ଦ୍ୱାରା ମଣିଷର ଉପଯୋଗ, ବ୍ୟବହାର ଓ ସାମର୍ଥ୍ୟର କ୍ଷମତା ସବୁକିଛି କମିବାରେ ଲାଗିଛି। ଯାହାଦ୍ୱାରା କର୍ମସଂସ୍ଥାନ ହରାଉଥିବା ବା ନୂଆ ଆହ୍ୱାନପୂର୍ଣ୍ଣ କୃତ୍ରିମ ବୁଦ୍ଧିମତ୍ତା ଉନ୍ନତ ଜ୍ଞାନସମ୍ପନ୍ନ ଟେକ୍ନୋଲୋଜି ଧାରାରେ ନିଜକୁ ସାମିଲ କରିବା ମଧ୍ୟ କେତେକଙ୍କ କ୍ଷେତ୍ରରେ କଷ୍ଟକର ହୋଇଯାଉଥିବାରୁ ଅନେକ ଏହି କ୍ଷେତ୍ରରେ ମାନସିକ ଭାବେ ଆଘାତ ପାଇଥାନ୍ତି।

କୃତ୍ରିମ ବୁଦ୍ଧିମତ୍ତା ମାନବ ସୃଜନଶୀଳତାକୁ କୌଣସି ପରିସ୍ଥିତିରେ ବଦଳାଇ ପାରିବ ନାହିଁ। ଏହା ଆମ ପାଇଁ ଏକ ପ୍ରତିଦ୍ୱନ୍ଦ୍ୱୀ ବଦଳରେ ବରଂ ସୃଜନଶୀଳ ସହଭାଗୀ ଭାବରେ ଗ୍ରହଣ କରିବା ଉଚିତ। କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରିବା ଏବେ ସହଜ ଓ ଅଧିକ ଉପଲବ୍ଧ ହେଲାଣି। ତେବେ କୃତ୍ରିମ ବୁଦ୍ଧିମତ୍ତା ଚାକିରି ଛଡ଼ାଇ ନେବାର ଆଶଙ୍କା ସୃଷ୍ଟି କରୁଥିଲେ ମଧ୍ୟ ଏହି ଆହ୍ୱାନକୁ ଗ୍ରହଣ କରି ଅନେକ ଭଲ କ୍ୟାରିୟର ମଧ୍ୟ ଗଢ଼ି ପାରୁଛନ୍ତି। ଏହା ନୂତନ ସୃଜନଶୀଳ ଯୁଗର ଦ୍ୱାର ଖୋଲି ଦେଇଛି ଏବଂ ଏହା ବିକଶିତ ହେବାସହ ଆସନ୍ତାକାଲିର ଆହ୍ୱାନ ଭରା ସମୟ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଯାଉଛି। ତେଣୁ ଏ କ୍ଷେତ୍ରରେ ମାନସିକ ଭାବେ ନିଜକୁ ପ୍ରସ୍ତୁତ କରି ଆହ୍ୱାନ ଭରା ଏହି ନୂତନ ଟେକ୍ନୋଲୋଜିକୁ ଗ୍ରହଣ କରି ନୂଆ କର୍ମସଂସ୍ଥାନକୁ ଆଗେଇ ନେବା ବାଞ୍ଛନୀୟ। ମାନସିକ ଭାବେ ନିଜକୁ ସୁଦୃଢ଼ କରି ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କଲେ ଆପଣ ଏହାକୁ ନେଇ କୌଣସି ଆଶା ଆଶଂକାରେ ନରହି ବରଂ ସକରାତ୍ମକ ଭାବନାର ସହିତ ନୂଆ ସମ୍ଭାବନାକୁ ଗ୍ରହଣ କରିବା ହିଁ ବୁଦ୍ଧିମାନର ପରିଚୟ ହେବ।

ମାନସିକ ରୋଗ ବିଶେଷଜ୍ଞ, 'ଦି'ବେନ '
ପୁରୀଘାଟ ରୋଡ଼, କଟକ,
ମୋ : ୯୪୩୭୧୬୩୪୦୬

# କହିଲେ କୁଳ କୁଟୁମ୍ବକୁ ଲାଜ



## ଅଜୟ କୁମାର ବେହେରା

ଏହି ପଦର ଭିନ୍ନପଦ, ନକହିଲେ କୁଳ ଭାସି ଯାଉଛି, ହଁ ପାଠକ ବନ୍ଧୁଗଣ, ଏମିତି ପରିସ୍ଥିତି ସମସ୍ତଙ୍କ ମନକୁ ନିଶ୍ଚୟ ଆସୁଥିବ ସର୍ବଦା ଯେପରି ଏକ ଅଦୃଶ୍ୟ କାଳ ଗତିରେ ଭିଡ଼ି ହୋଇ ଦ୍ରୁତ ଆଗକୁ ମାଡ୍ରୁଛନ୍ତି। ଅନେକ ରକ୍ତପାତ ପ୍ରାଣହାନୀ ଜେଲଦଣ୍ଡ ଭୋଗ ହୋଇପାରେ। ବ୍ରିଟିଶ ରାଜରୁ ଦେଶ ସ୍ୱାଧୀନତା ହାସଲ ହୋଇଥିଲା। ଗଣତନ୍ତ୍ର ପ୍ରଶାସନର ସ୍ୱାଦ ଲୋକଙ୍କୁ ଅପ୍ୟାୟିତ କରିଥିଲା। କ୍ରମେ ଏହା ମଧ୍ୟରେ ୧୯୬୨ ମସିହାକୁ ୭୯ ବର୍ଷ ହେଉଛି ଏଥିରେ ଏକପିଢ଼ିକୁ ୩୦ ବର୍ଷ ଧରିଲେ ଏବେ ତୃତୀୟ ପିଢ଼ିଙ୍କ ଉମର ଭୋଗ। ଯାହା ମୂଳ ସ୍ୱାଧୀନତା ସଂଗ୍ରାମ କାଳର ନାତି ନାତୁଣୀଙ୍କ ଯୁବକାଳ। ଯେଉଁମାନେ ଜେଜେମା ଜେଜେଙ୍କପିଲାକାଳର ଅଙ୍ଗଲିଭା କାହାଣୀର ଡାଇରୀ ଦେଖି ପଢ଼ି ନାହାନ୍ତି ବା ପଢ଼ି ଅଣଦେଖା କରିଛନ୍ତି। ରାଜା, ରାଜୁଡ଼ା, ଜମିଦାରୀ, ସାହୁ ମହାଜନ ରାଜ କି ମାରାତ୍ମକ ଉତ୍କଟ କଷ୍ଟ ଦାୟୀ ଥିଲା ଏହା ଏବେ କାହାର ଗୋଚର ନାହିଁ, ଏତ ଇତିହାସ ହୋଇଯାଇଛି। ସବୁ ଇତିହାସ ଧନୀ ଲୋକଙ୍କ ପାଇଁ ଏପରିକି ଇତିହାସ ଲେଖକଙ୍କ ପୃଷ୍ଠ ପୋଷକ ହିଁ ଧନୀ ଲୋକ, ଧନୀଙ୍କୁ ବଡ଼ ଲୋକ ବିଚାରରେ ନିଆଯାଉଛି, ଇତିହାସରେ କଷ୍ଟ ଭୋକ୍ତାଙ୍କୁ ରାଜଦ୍ରୋହୀ ଆଖ୍ୟା ଦିଆଯାଇଛି। ରାଜ କରୁଥିବା ଲୋକଙ୍କୁ ଉତ୍ତମ କରି ବନାଇ ଚୁନାଇ ଅନେକସ୍ତରରେ ଲେଖାଯାଇଛି।

ରାଜମହଲ ଇମାରତର ଯତ୍ନ ସଂରକ୍ଷଣ ଯାହା କରାଯାଇଛି ତାକୁ ଦେଖିଲେ କେମିତି ଏସବୁ ତିଆରି ହୋଇଛି ? କେଉଁଠୁ ଲୋକବଳର ଐକ୍ୟ ଶ୍ରମ କିପରି ସଂଗଠିତ କରାଯାଇଥିଲା ? ବେଠି ବେଗାରୀ ପ୍ରଥାର ଜ୍ୱଳନ୍ତ ଉଦାହରଣ ଢେଙ୍କାନାଳ ସହରରଅନତି ଦୂର ଯତନ ନଗର ରାଜପ୍ରସାଦ।ଏପରି ଅନେକ ରାଜମହଲ ଜମିଦାର ଜିଲ୍ଲା ଯେ ତିଆରି ହୋଇନାହିଁ ଏକଥା କେଉଁ ଇତିହାସକାର ପ୍ରମାଣ ପାଇଁ କିଛି ଲେଖା ରଖିବା ଦେଖାଯାଉନାହିଁ। ଭାରତ ସରକାରଙ୍କ ରାଜସ୍ୱ କେତେ ? ଏକ ପଞ୍ଚ ବାର୍ଷିକ ଯୋଜନର ବଜେଟ କେତେ ? ଏକ ହିରାକୁଦ ବନ୍ଧ ତିଆରି କେତେ କଷ୍ଟରେ କେତେ ଟଙ୍କାରେ ହୋଇଛି, ଯାହା ଅତି ଦରକାର ପଡ଼ିଲେ ବି ଦ୍ୱିତୀୟ ବନ୍ଧ ସରକାର ଲୋକଙ୍କ ଆବଶ୍ୟକ ଦୃଷ୍ଟେ କରିବା ଭାବନାରେ ଅର୍ଥ ବିନିଯୋଗ ଦୃଷ୍ଟେ ଆସିପାରୁନାହିଁ। ଅଥଚ ବାବର ଅଯୋଧ୍ୟାରେ କେମିତି ଶକ୍ତି ମସଜିଦ ମାତ୍ର ପାଞ୍ଚ ବର୍ଷ ଆଦାୟ ରାଜକରରେ ନିଜର ଭିନ୍ନ ଖର୍ଚ୍ଚ ସହ କରିଥିଲେ। କଣ କେବଳ ତାଙ୍କରି ଧର୍ମର ଶ୍ରମିକ ଗଣ ସେ ମସଜିତ ନର୍ମାଣରେ ସାମିଲ ଥିଲେ ? ଆଗ୍ରାର ମୋଗଲ ରାଜଧାନୀ, ମାକବରା ନିର୍ମାଣରେ କଣ କେବଳ ଇସ୍ଲାମିକ ଶ୍ରମିକମାନଙ୍କ ଦ୍ୱାରା କାମ କରାଇ ଏମାରତ ଠିଆ କରାଯାଇଛି ? ଏତେ ରାଜସ୍ୱ କେଉଁଠୁ ଆସୁଥିଲା ? ଇତିହାସକାର ଯାହାଁପନା ମାନଙ୍କ ପ୍ରୀତ୍ୟର୍ଥେ କୃତି ଲେଖିଛନ୍ତି ତତସହ ସାଧାରଣ ଲୋକଙ୍କ ନିର୍ଯ୍ୟାତନା କଷ୍ଟର ତଥ୍ୟ ଲୁଚାଇ ଦେଇଛନ୍ତି। ରାଜତନ୍ତ୍ରରେ ପ୍ରଜା ଜନସାଧାରଣ ଅବହେଳା ପାଉଥିଲେ ବୋଲି ଶାସନ ସଂଶୋଧନ ସଂସ୍କାର କରାଇ ଗଣତନ୍ତ୍ରକୁ ଆପଣାର କରାଗଲା। ଲୋକେ ତାଙ୍କର ମୁଖିଆ ଯୋଗ୍ୟ ଦେଖି ବାଛି ଶାସନ କ୍ଷେତ୍ରର ମୁଖ୍ୟ କେନ୍ଦ୍ରକୁ ପଠାଇବେ ତ୍ରିଥାକିଆ ଶାସନ ବ୍ୟବସ୍ଥାରେ ଜନପ୍ରତିନିଧି ଭୋଟରେ ସାବ୍ୟସ୍ତ କେବଳ ବିଦ୍ୟାର ପରାକାଷ୍ଠାରେ ପ୍ରଶାସନ ଅଧିକାରୀ, ଓ ବିଚାର ବିଭାଗ କର୍ତ୍ତା ତତସହ ଏମାନଙ୍କୁ ସହାୟକମାନେ ପ୍ରତିଯୋଗିତା ପରୀକ୍ଷାରେ ଉତ୍ତମ ଉତ୍ତୀର୍ଣ୍ଣ ମାନଙ୍କୁ ନିଆଯାଉଛି।

ଏପରି ଆନୁସଙ୍ଗିକ ଅନ୍ୟ ବିଭାଗ ଗୁଡ଼ିକର କର୍ତ୍ତବାବୁ ଓ ତାଙ୍କ ସହଯୋଗୀ ଏପରି ଶିକ୍ଷାର ମାନଦଣ୍ଡ ନିର୍ଦ୍ଧାରଣରେ ନିଆଯାଉଛି ଏସବୁ ଚାଲିଛି। ହେଲେ ଯେଉଁ ଜନପ୍ରତିନିଧି ରାଜ୍ୟ ମନ୍ତ୍ରୀ ମଣ୍ଡଳ ଦେଶ ମନ୍ତ୍ରୀ ମଣ୍ଡଳକୁ ବଛାଯାଇ ପଠା ଯିବା ବ୍ୟବସ୍ଥା ରହିଥିଲା। ତାହା କାଳକ୍ରମେ ଏକ ଧନାଢ଼୍ୟ ବ୍ୟକ୍ତିମାନଙ୍କ ହସ୍ତଗତ ଦିଗକୁ ଆସିଗଲାଣି, ଯେତେ ନିର୍ବାଚନ ଗଲାଣି ଏଥିରେ ମୂଳ ମୁଖ୍ୟ କଂଗ୍ରେସରୁ ଭାଙ୍ଗି ଭାଙ୍ଗି ଅନେକ ଦଳ ଏବେ ସୃଷ୍ଟି ଅବଶ୍ୟ ଅନ୍ୟ କିଛି ଆନୁସଙ୍ଗିକ ଦଳ ଅଛନ୍ତି କିନ୍ତୁ ସେମାନେ ବ୍ୟାପକ ଏଇ ଧନଦୌଡ଼ରେ ହୋଇପାରୁନାହାନ୍ତି। ଦେଶକୁ ବାହ୍ୟ ଶତ୍ରୁ ଠାରୁ ରକ୍ଷା କରିବାସହ ସୀମା ସୁରକ୍ଷା ଦେଶ ସରକାରଙ୍କ କାମ ସହ ପ୍ରଜା ମଙ୍ଗଳ ପାଇଁ ପ୍ରଜାଙ୍କ ଦେୟ କରରେ ନାନାଦି ଯୋଜନା ଆଣି ସମୃଦ୍ଧି ଆଣିବା ମୁଖ୍ୟକାମ ଯେକେହି ଦେଶର ରାଜ୍ୟର ସ୍ୱନିର୍ବାଚନ ମଣ୍ଡଳୀର ଅତୀତ ଇତିହାସ ସ୍ଥାନର ଭୌଗୋଳିକ ସ୍ଥିତି ଆର୍ଥିକ ମାନ ଜନସଂଖ୍ୟା ଲୋକଙ୍କ ଜୀବନ ଧାରଣର ମାନ ପ୍ରାକୃତିକ ପରିବେଶ ନିହାତି ନଖ ଦର୍ପଣରେ ରହିବା ଆବଶ୍ୟକ, ରାଜଧାନୀ ବସି ଯେ ରାଜ କରାଯିବ ଏହା ଭୁଲ। କୋଣେଅନୁକୋଣେ ଗସ୍ତ କରି ସମସ୍ୟା ଅନୁଧ୍ୟାନ ଆବଶ୍ୟକ। ଏ ପାଇଁ ଗସ୍ତ ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି କଣ କାହାରି ବିବାହ ଭୋଜିରେ ଯୋଗ ଦେବା କଣ ଗସ୍ତରେ ଆସିବ କି ? ଦିଲ୍ଲୀରୁ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ସ୍ଥଳ ପରିଦର୍ଶନରେ ଗସ୍ତ କରିବା ଠିକ ମାତ୍ର ତାପରେ ସେ ସ୍ଥାନ ପାଇଁ କଣ ଉପକାର ହେଲା, ଏହା ବିଚାର୍ଯ୍ୟ ବିଷୟ ନୁହେଁ କି ? ଧନିବ୍ୟକ୍ତିଙ୍କ ଗୋଡ଼ାଣିଆ ଅନେକ ସହଜରେ ମିଳନ୍ତି ଏପରି ଗୁରୁ ବ୍ୟକ୍ତିଙ୍କ ଶିଷ୍ୟ ଚେଲା ଛାତ୍ର ଅନେକ ହୋଇପାରନ୍ତି। ରାଜନୀତିରେ ଗୁରୁ ଦରକାର ନା ଧନୀ ଦରକାର ଏହା ପ୍ରକୃତରେ ଲୋକଙ୍କ ବୁଝିବା ଆବଶ୍ୟକ ଅଛି। ଆଉ ଏକ ମୁଣ୍ଡଟେକୁଛି ଦାଦାଗିରି ପଥ କଂସଙ୍କ ଅଷ୍ଟମଲ୍ଲ ପ୍ରଶାସନ ଥିଲା। ଅଷ୍ଟ ଦିଗ ଧରି ଅଷ୍ଟମଲ୍ଲ ଆତଙ୍କରାଜ। ଦୁର୍ଯ୍ୟୋଧନର ଦୁଃଶାସନ ଭାଇ ଭାଇରେ ସେଞ୍ଚୁରୀ ମାରି କେବଳ ନିଜେ ଓ ନିଜ ଦଳର ସହାୟକ ଭାଇ ବଞ୍ଚିବେ ଏ ଚିନ୍ତାରେ ପ୍ରଜା ପୀଡ଼ନ ବିଭିନ୍ନ ଉଗ୍ର ବିତଣ୍ଡା ରାଜ କାନୁନ ଲଗାଇ କରି ରାଜକୋଷ ଅଭିବୃଦ୍ଧି କରିବା। କିମ୍ବୀର କାନ୍ଦରା, ଛଳନା, ବାହାନା, ଦୀପତେଜିଲେ ହାତ ଚିକ୍କଣ, ଅପାରଗଙ୍କୁ ଚଢ଼ାଉକାରୀ ପାରାଗ ମାନଙ୍କୁ ରକ୍ଷା କରିବା ଏପରିକି ସମୟରେ ଦେଶର ବଛା ବଛା କର୍ଣ୍ଣଧାର ହୋଇଗଲେଣି, ପୁଞ୍ଜିପତି ବଣିକମାନେ ନେତାଙ୍କୁ ଘୋଡ଼ା ଖେଳର ଘୋଡ଼ା ମନେକରି ନିର୍ବାଚନ ମୈଦାନରେ ରେସର ଦୌଡ଼କୁ ରଖିଲେଣି। ଅର୍ଜ୍ଜୁନ ମଲେ ପାଞ୍ଚ କର୍ଣ୍ଣ ମଲେ ପାଞ୍ଚ ଯେଉଁ ଘୋଡ଼ା ଜିତୁ ଲାଭ ଅଛି, ଏଣେ ଦଳପତି ଯେ ସେ ହାଇକମାଣ୍ଡ, ତାଙ୍କର ମନମାନୀରେ ନଚାଲିଲେ ପଦ ଗଲା, ପ୍ରଶାସନ ଯଦି ଶାସକ ଯଦି ଶାସକ ଦଳକୁ ପକ୍ଷ ଦେଲା ଲୋକ ବାଛିବା ପାର୍ଥି ମୂକ ବଧିର ନ ହେଲେ ଅନ୍ଧ ହୋଇ ରହିବାକୁ ପଡ଼ିବ। ହୋ ଭାଇ ଦେଶବାସୀ ଏହି ପରମ୍ପରା କଣ ଆପଣ ମାନଙ୍କୁ ଦେହସୁହା ହୋଇ ରହିବା ଦରକାର କି ? କଣ ସାମୁହିକ ଚେଷ୍ଟା ଦ୍ୱାରା ପ୍ରଜା ଭୋଟରଙ୍କ ମତର ମୂଲ୍ୟ ରହିବ ଏକଥା ଚିନ୍ତନ କରିବା ସମୟ ହୋଇନାହିଁ ?

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ,
ମୋ : ୯୪୩୭୧୦୩୧୨୫୩

# ଉପଭୋଗ୍ୟ ଶବ୍ଦ ପ୍ରଦୂଷଣ



## ଯୁଧିଷ୍ଠିର ମହାରଣା

ଓଡ଼ିଶାର ଜନୈକ ପ୍ରସିଦ୍ଧ ଓ ଲୋକପ୍ରିୟ ନାଟ୍ୟ ଅଭିନେତାଙ୍କର ଡିଜେର ବିକଟାଳ ଶବ୍ଦରେ ହୃଦଘାତ ହୋଇ ଅକାଳରେ ପରଲୋକ ହୋଇଗଲା, ଏହା କିଛି ଦିନ ତଳର ଘଟଣା। ବାସ୍ତବ କଥା ହେଉଛି ସମାଜରେ ଶବ୍ଦ ପ୍ରଦୂଷଣର ଯେଉଁପରି କାୟା ବିସ୍ତାର ହୋଇଛି ଏହାକୁ ନେଇ ପ୍ରତିବାଦର ସ୍ୱର ଯେପରି ଅନେକଙ୍କ ଭିତରେ ହଜି ଯାଇଛି। ଆଇନ କାନୁନ ବ୍ୟବସ୍ଥା ଦେଖିଲେ ପୋଲିସର ପ୍ରଶାସନିକ ବ୍ୟବସ୍ଥାରେ ଶବ୍ଦର ସ୍ତର ଓ ଡିଜେ ଉପରେ କଟକଣା ଜାରି ରହିଛି। କିନ୍ତୁ କ୍ୱଚିତ କ୍ଷେତ୍ରରେ ଏହାର ସଫଳ ବ୍ୟବହାର ଦେଖାଦେଉଛି। ଅନେକ ସମୟରେ ଦେଖାଯାଏ ପୂଜା ମଣ୍ଡପ ବ୍ୟତୀତ ସପିଂ ମଲ, ମନ୍ଦିର, ହାଟ ଆଦି ସର୍ବସାଧାରଣ ସ୍ଥାନରେ ଛାଡ଼ି ଦୁଲୁକାଇବା ଭଳି ଡିଜେ ବାଜୁଥିଲେ ମଧ୍ୟ ଏଥିପ୍ରତି ସମସ୍ତେ ଦେଖି ନଦେଖିବା ଭଳି ଅଭିନୟ କରୁଥିଲେ। ଏହି କଟକଣା ଉଲ୍ଲଙ୍ଘନକାରୀଙ୍କ ମଧ୍ୟରୁ ଯଦି ଜଣକ ବିରୋଧରେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା ତେବେ ଶବ୍ଦ ରାକ୍ଷସର ଦୌରାତ୍ମ୍ୟକୁ କିଛି ପରିମାଣରେ ନିୟନ୍ତ୍ରଣ କରାଯାଇପାରନ୍ତା। ଅନେକ ହୁଏତ ଏହା ମଧ୍ୟ କହିପାରନ୍ତି ଯେ, କିଛି ବର୍ଷ ତଳେ ଦେଶର ସର୍ବୋଚ୍ଚ ଅଦାଲତ ଦିଲ୍ଲୀ ମହାନଗରରେ ବାଣଫୁଟା ଉପରେ ସଂପୂର୍ଣ୍ଣ କଟକଣା ଜାରି କରିଥିଲେ କିନ୍ତୁ କଟକଣାକୁ ଗ୍ରହଣ କରିବେ କ'ଣ ବରଂ ଦେଶର ସବୁ ରେକର୍ଡ଼ ଦିଲ୍ଲୀରେ ହିଁ ଭାଙ୍ଗିଥିଲା। ବଜାରକୁ କିପରି ଏ ବାଣ ଆସୁଛି ପ୍ରଶାସନ ଦେଖିବା ପ୍ରଥମ କାର୍ଯ୍ୟ କିନ୍ତୁ ଲୋକଦେଖାଣିଆ କଟକଣା ଧର୍ମକୁ ଆଖି ଠାର ମାରିଲା ପରି।

ବିବାହ ଉତ୍ସବରେ ସମାନ ଧାରା ଜାରି ରହିଛି, ଯାହା ଚଳିତ ବର୍ଷ ମଧ୍ୟ ଜାରି ରହିବା ସମ୍ଭାବନା ପ୍ରାୟତଃ ନିଶ୍ଚିତ। ଆକାଶକୁ ଥରାଇ ଦେବା ଭଳି ରକେଟ ବାଣର ଗୁରୁଗର୍ଜନ ଡିଜେର ବୁକୁଫଟା ଶବ୍ଦ ତରଙ୍ଗର କୁପ୍ରଭାବ ଯେତେ ସୁଦୂରପ୍ରସାରୀ ହେଲେ ହେଁ ଏସବୁ ପ୍ରତି ଆମେ ନିଜେ ସଚେତନ ନ ହେବା ଦ୍ୱାରା ଆମ ଅଲକ୍ଷ୍ୟରେ ନିଜର ଓ ଉତ୍ତରପିଢ଼ିର କ୍ଷତି ସାଧନ କରିଚାଲୁଛେ। ଗତ କିଛିବର୍ଷ ଧରି ଖୋଦ ବରଯାତ୍ରୀରେ ସାମିଲ ହୋଇଥିବା ଲୋକ ଏପରିକି ବରପିତା ଡିଜେର ଉତ୍କଟ ଶବ୍ଦରେ ପ୍ରାଣ ହରାଇଥିବା ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁଥିବାର ଖବରମାନ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହାସତ୍ତ୍ୱେ ବିନା ଡିଜେ ଓ ଉତ୍କଟ ଶବ୍ଦ ସୃଷ୍ଟିକାରୀ ବାଣ ବିନା ବରଯାତ୍ରୀ ଥାଟ ବାହାରି ପାରୁନାହିଁ କି ପୁଲିସ ପ୍ରଶାସନ କଠୋର ହେଉନାହିଁ।

ବର୍ତ୍ତମାନର ସମୟରେ ଡିଜେର ଛାତିଥରା ଘଟଣାଟିକୁ ଚିନ୍ତା କଲାବେଳକୁ ଏହା ଅନୁଭବ ହେଉଛି ଯେ ଆମ୍ଭେମାନେ ଜୀବନ ଶୈଳୀକୁ ଏବଂ ଆମର ସୁଖଦ କାର୍ଯ୍ୟକ୍ରମକୁ ଆଡ଼ମ୍ବରପୂର୍ଣ୍ଣ ଓ ଉପଭୋଗ୍ୟ କରିବାପାଇଁ ଯେଉଁ ସବୁ ବିଜୁଳି ଚାଳିତ ଓ ଯାନ୍ତ୍ରିକ ଉପକରଣର ସହଯୋଗ ନେଉଛୁ ସେ ସବୁ ଆମର ପରୋକ୍ଷରେ ହୁଏତ ଅଜାଣତରେ ମଣିଷ, ପଶୁ-ପକ୍ଷୀ, କୀଟ-ପତଙ୍ଗ ଓ ବୃକ୍ଷଲତା ପାଇଁ ନିରବ ଘାତକର ରୂପ ନେଉଛି। ବିଜ୍ଞାନର ଅଗ୍ରଗତି ସହିତ ଶବ୍ଦ ରାକ୍ଷସର ରୂପ ଆହୁରି କରାଳ ଓ ତା'ର ପ୍ରକୃତି ଅଧିକ କ୍ରୁର ହେବାରେ ଲାଗିଛି। ଏପରିକି ବିଦ୍ୟାଳୟର ବ୍ୟାୟାମ ପାଇଁ ବାଜୁଥିବା ଡ୍ରମ ଓ ହ୍ୱିସିଲରୁ ଆରମ୍ଭ କରି ମଠ ମନ୍ଦିରରେ ଢ଼ୋଲ, ରୋଷଣୀର ସଙ୍ଗୀତ ଓ ଆତସବାଜୀ, ଗାଡ଼ିର ହର୍ଣ୍ଣ ମଧ୍ୟ କାହାର ତତ୍କାଳ ଜୀବନ ନେଇପାରେ, ନିରବ ଘାତକ ସାଜି ଜୀବନକୁ ଅର୍ଥବ କରିପାରେ। ଏହା ଆମେ କ୍ଷଣିକ ଆନନ୍ଦର ମୋହରେ ଭୁଲି ଯାଉଛୁ କିମ୍ବା ଜାଣି ମଧ୍ୟ ଅବହେଳା କରୁଛୁ। ଅନେକ ହୁଏତ ଜାଣିନଥିବେ, ଆତସବାଜି ଆମ ପ୍ରିୟ ଗୃହପାଳିତ ପଶୁଙ୍କ ପାଇଁ ଯେ ମୃତ୍ୟୁର ଯନ୍ତ୍ରଣା ଆଣୁଛି ତାହା ମଧ୍ୟ ଆମେ ଜାଣି ଅଜଣା ହେଉଛୁ।

ଡିଜେର ଛାତିଥରା ବିକଟାଳ ଶବ୍ଦ, ବାଣଫୁଟା, ରାବଣ ପୋଡ଼ି, ଜଳ ପ୍ରଦୂଷଣ ଏ ସବୁ ଉପରେ ପ୍ରଶାସନିକ ଭାବରେ ଅନେକ କଠୋର ଆଇନ ଓ ଦଣ୍ଡର ବ୍ୟବସ୍ଥା ରହିଛି।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ବିକଳ୍ପ ସନ୍ଧାନରେ ଭାରତ: ଏଲପିଜିରୁ ପିଏନଜି

ସାମ୍ପ୍ରତିକ ପରିସ୍ଥିତିରେ ପଶ୍ଚିମ ଏସିଆରେ ଲାଗିରହିଥିବା ଭୟାବହ ଯୁଦ୍ଧ ଏବଂ ଅଶାନ୍ତି କେବଳ ସେହି ଭୌଗୋଳିକ ଅଞ୍ଚଳରେ ସୀମିତ ହୋଇ ରହିନାହିଁ, ବରଂ ଏହାର ସୁଦୂରପ୍ରସାରୀ ପ୍ରଭାବ ସମଗ୍ର ବିଶ୍ୱର ଅର୍ଥନୀତି, ଯୋଗାଣ ଶୃଙ୍ଖଳା ଏବଂ ଶକ୍ତି ସୁରକ୍ଷା ଉପରେ ପଡ଼ିବାରେ ଲାଗିଛି । ବିଶେଷ କରି ଭାରତ ପରି ଏକ ଦ୍ରୁତ ବିକାଶଶୀଳ ତଥା ନିଜର ଶକ୍ତି ଆବଶ୍ୟକତା ପାଇଁ ଆମଦାନୀ ଉପରେ ଅଧିକ ନିର୍ଭରଶୀଳ ଥିବା ଦେଶ ପାଇଁ ଏହା ଏକ ଅଭୂତପୂର୍ବ ଆହ୍ୱାନ ସୃଷ୍ଟି କରିଛି । ବର୍ତ୍ତମାନ ଭାରତରେ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ ବା ଏଲପିଜିର ଘୋର ସଙ୍କଟ ଦେଖାଦେଇଛି, ଯାହାକି ସାଧାରଣ ଜନଜୀବନ ଠାରୁ ଆରମ୍ଭ କରି ବ୍ୟାପକ ଶିଳ୍ପ କ୍ଷେତ୍ରକୁ ପ୍ରଭାବିତ କରିଛି । ଏହି ଜଟିଳ ସଙ୍କଟର ତ୍ୱରିତ ମୁକାବିଲା କରିବା ପାଇଁ କେନ୍ଦ୍ର ସରକାର ଏବେ ପାଇପ୍ ଯୁକ୍ତ ପ୍ରାକୃତିକ ଗ୍ୟାସ୍ ବା ପିଏନଜି ନେଟୱାର୍କର ସମ୍ପ୍ରସାରଣକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବା ଦିଗରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ପତ୍ର ଲେଖିଛନ୍ତି । ଏହି ପଦକ୍ଷେପ କେବଳ ଏକ ସାମୟିକ ବିକଳ୍ପ ନୁହେଁ, ବରଂ ଭାରତର ଦୀର୍ଘମିଆଦୀ ଶକ୍ତି ଭିତ୍ତିଭୂମି ସୁଦୃଢ଼ୀକରଣ ଦିଗରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ନିଷ୍ପତ୍ତି । ଏହି ସମ୍ପାଦକୀୟରେ ଆମେ ଏଲପିଜି ସଙ୍କଟର ପ୍ରକୃତ କାରଣ, ପିଏନଜି ନେଟୱାର୍କର ବାସ୍ତବିକ ଆବଶ୍ୟକତା, କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଏବଂ ଏହାର ବୃହତ୍ତର ଅର୍ଥନୈତିକ ତଥା ସାମାଜିକ ପ୍ରଭାବ ଉପରେ ଏକ ବିସ୍ତୃତ ଏବଂ ତଥ୍ୟଭିତ୍ତିକ ବିଶ୍ଳେଷଣ କରିବା।

ଏହି ଭୟଙ୍କର ଏଲପିଜି ସଙ୍କଟର ମୂଳ କାରଣ ହେଉଛି ହରମୁଜ୍ ପ୍ରଣାଳୀ ଦେଇ ସାମୁଦ୍ରିକ ବାଣିଜ୍ୟ ଏବଂ ପରିବହନ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହେବା । ଇରାନ ଏବଂ ଓମାନ ମଧ୍ୟରେ ଅବସ୍ଥିତ ଏହି ସଂକୀର୍ଣ୍ଣ ସାମୁଦ୍ରିକ ପଥ ବିଶ୍ୱର ତୈଳ ଏବଂ ଗ୍ୟାସ୍ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ପାରସ୍ୟ ଉପସାଗରକୁ ଓମାନ ଉପସାଗର ସହିତ ସଂଯୋଗ କରିଥାଏ । ତଥ୍ୟ ଅନୁଯାୟୀ, ଭାରତ ତାର ମୋଟ ଏଲପିଜି ଚାହିଦାର ପ୍ରାୟ ଷାଠିଏ ପ୍ରତିଶତ ବିଦେଶରୁ ଆମଦାନୀ କରିଥାଏ। ସବୁଠାରୁ ଉଦ୍ବେଗଜନକ ବିଷୟ ହେଉଛି, ଏହି ଆମଦାନୀ ହେଉଥିବା ବିପୁଳ ଏଲପିଜିର ନବେ ପ୍ରତିଶତ କେବଳ ଏହି ଗୋଟିଏ ହରମୁଜ୍ ପ୍ରଣାଳୀ ଦେଇ ଭାରତକୁ ଆସିଥାଏ । ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ତିକ୍ତତା କାରଣରୁ ଏହି ପଥରେ ବାଣିଜ୍ୟିକ ଜାହାଜ ଚଳାଚଳ ପ୍ରାୟତଃ ବନ୍ଦ ହୋଇଯାଇଥିବାରୁ, ଭାରତର ମୋଟ ଏଲପିଜି ବ୍ୟବହାରର ପ୍ରାୟ ପଞ୍ଚାବନ ପ୍ରତିଶତ ଏବେ ଅନିଶ୍ଚିତତା ମଧ୍ୟରେ ରହିଛି ଏବଂ ଦେଶରେ ଉପଲବ୍ଧ ହୋଇପାରୁନାହିଁ । ଏହି ବିପୁଳ ନିଅଣ୍ଟ ସ୍ଥିତି ଯୋଗୁଁ କେନ୍ଦ୍ର ସରକାର ଏବଂ ତୈଳ ବିପଣନ କମ୍ପାନୀଗୁଡ଼ିକ ଘରୋଇ ଉପଭୋକ୍ତାମାନଙ୍କୁ ଏଲପିଜି ଯୋଗାଣ ଜାରି ରଖିବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଥିଲେ ମଧ୍ୟ ବ୍ୟାବସାୟିକ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକ ଘୋର ଅଭାବର ସମ୍ମୁଖୀନ ହେଉଛନ୍ତି । ଉଦାହରଣ ସ୍ୱରୂପ, କେରଳର କୋଚି ସହରରେ ଏଲପିଜିର ତୀବ୍ର ଅଭାବ କାରଣରୁ ଶତାଧିକ ହୋଟେଲ ଓ ରେଷ୍ଟୁରାଣ୍ଟ ବନ୍ଦ ହୋଇଯିବା ଏବଂ ବାଧ୍ୟ ହୋଇ ଜାଳେଣି କାଠର ଚାହିଦା ତଥା ମୂଲ୍ୟ ଆକାଶଛୁଆଁ ହେବା ଏହି ସଙ୍କଟର ଭୟାବହତାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି । ତେଣୁ, ଏଲପିଜି ଉପରୁ ଚାପ କମାଇବା ପାଇଁ ତୁରନ୍ତ ଏକ ଦୃଢ଼, ନିର୍ଭରଯୋଗ୍ୟ ଏବଂ ବ୍ୟବହାର୍ଯ୍ୟ ବିକଳ୍ପର ଆବଶ୍ୟକତା ଜରୁରୀ ହୋଇପଡ଼ିଛି ।

ଏହି ଜଟିଳ ପରିପ୍ରେକ୍ଷୀରେ ପିଏନଜି ବା ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ଦେଶ ପାଇଁ ଏକମାତ୍ର ବାସ୍ତବବାଦୀ ଏବଂ ଉପଯୁକ୍ତ ବିକଳ୍ପ ଭାବରେ ଉଭା ହୋଇଛି। ସରକାରୀ ପରିସଂଖ୍ୟାନ ଉପରେ ନଜର ପକାଇଲେ ଜଣାଯାଏ ଯେ, ଭାରତରେ ବର୍ତ୍ତମାନ ପ୍ରାୟ ତେତିଶି ଦଶମିକ ତିନି କୋଟି ପରିବାର ଏଲପିଜି ସଂଯୋଗ ଉପରେ ନିର୍ଭରଶୀଳ ଥିବା ବେଳେ, ପିଏନଜି ସଂଯୋଗ ଥିବା ପରିବାର ସଂଖ୍ୟା ମାତ୍ର ଦେଢ଼ କୋଟି ପାଖାପାଖି ରହିଛି । ଅର୍ଥାତ୍ ଏଲପିଜି ତୁଳନାରେ ପିଏନଜିର ବ୍ୟବହାର ବହୁତ କମ୍ ରହିଛି। ତେବେ ଆଶ୍ୱାସନାର ବିଷୟ ହେଉଛି, ସରକାରଙ୍କ ଆକଳନ ଅନୁଯାୟୀ ବର୍ତ୍ତମାନ ଦେଶରେ ପ୍ରାୟ ଷାଠିଏ ଲକ୍ଷ ପରିବାର ଏପରି ଅଞ୍ଚଳରେ ବସବାସ କରୁଛନ୍ତି ଯେଉଁଠାରେ ପିଏନଜି ନେଟୱାର୍କର ଭିତ୍ତିଭୂମି ପୂର୍ବରୁ ଉପଲବ୍ଧ ରହିଛି ଏବଂ ସେମାନେ ଚାହିଁଲେ ଅତି ଶୀଘ୍ର ବିନା କୌଣସି ବାଧାରେ ପିଏନଜିକୁ ସ୍ଥାନାନ୍ତରିତ ହୋଇପାରିବେ। ଏଲପିଜି ସିଲିଣ୍ଡର ମାଧ୍ୟମରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବହନ କରାଯାଇ ଘରକୁ ଘର ପହଞ୍ଚାଯାଉଥିବା ବେଳେ ପିଏନଜି ପାଇଁ ଭୂଗର୍ଭସ୍ଥ ପାଇପଲାଇନ୍ ନେଟୱାର୍କର ନିରନ୍ତର ଆବଶ୍ୟକତା ରହିଥାଏ । ତେଣୁ ନୂତନ ଏବଂ ଅପହଞ୍ଚ ଅଞ୍ଚଳରେ ପିଏନଜି ପହଞ୍ଚାଇବା ପାଇଁ ସହରାଞ୍ଚଳ ଗ୍ୟାସ୍ ବିତରଣ କମ୍ପାନୀମାନଙ୍କୁ ଦ୍ରୁତ ଗତିରେ ଭିତ୍ତିଭୂମି ବିକାଶ କରିବାକୁ ପଡ଼ିବ । ଏହି ବିଶାଳ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଉଭୟ ବ୍ୟାବସାୟିକ ତଥା ଘରୋଇ ଏଲପିଜି ଉପଭୋକ୍ତାମାନଙ୍କୁ ନିବେଦନ କରିଛନ୍ତି ଯେ, ଯେଉଁଠାରେ ସମ୍ଭବ ସେଠାରେ ସେମାନେ ତୁରନ୍ତ ପିଏନଜି ଆପଣାଇ ନିଅନ୍ତୁ । ଏହାଦ୍ୱାରା ଦେଶର ସୀମିତ ଏଲପିଜି ମହଜୁଦ୍ ଉପରେ ଥିବା ପ୍ରବଳ ଚାପ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇପାରିବ ଏବଂ ଅତ୍ୟାବଶ୍ୟକ ତଥା ଦୁର୍ଗମ କ୍ଷେତ୍ରଗୁଡ଼ିକ ପାଇଁ ଏଲପିଜି ସୁରକ୍ଷିତ ରଖାଯାଇପାରିବ । ଭାରତରେ କୌଣସି ବି ଭିତ୍ତିଭୂମି ପ୍ରକଳ୍ପ, ବିଶେଷ କରି ପିଏନଜି ନେଟୱାର୍କ ସମ୍ପ୍ରସାରଣରେ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ପ୍ରଶାସନିକ ଅନୁମୋଦନରେ ବିଳମ୍ବ ଏବଂ ସ୍ଥାନୀୟ ପ୍ରଶାସନର ଜଟିଳ ନିୟମାବଳୀ । ଏହି ସମସ୍ୟାକୁ ଗଭୀର ଭାବରେ ହୃଦୟଙ୍ଗମ କରି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପତ୍ର ଲେଖିଛନ୍ତି । ଏହି ପତ୍ରରେ ରାଜ୍ୟଗୁଡ଼ିକୁ କେତେକ ତ୍ୱରିତ ତଥା ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଦୃଢ଼ ଅନୁରୋଧ କରାଯାଇଛି । ସହରାଞ୍ଚଳ ଗ୍ୟାସ୍ ବିତରଣ ପାଇପଲାଇନ୍ ବିଛାଇବା ପାଇଁ ବିଭିନ୍ନ ବିଭାଗରେ ପଡ଼ିରହିଥିବା ଆବେଦନଗୁଡ଼ିକୁ ତୁରନ୍ତ ବିଚାର କରି ଅନୁମୋଦନ ପ୍ରଦାନ କରିବା, ସମସ୍ତ ନୂତନ ଅନୁମତିକୁ ବିନା କୌଣସି ପ୍ରଶାସନିକ ବାଧାରେ ଚବିଶି ଘଣ୍ଟା ମଧ୍ୟରେ ପ୍ରଦାନ କରିବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜ୍ୟ ତଥା ସ୍ଥାନୀୟ ପ୍ରଶାସନ ଦ୍ୱାରା ଲାଗୁ କରାଯାଉଥିବା ରାସ୍ତା ମରାମତି ଏବଂ ଅନୁମତି ଶୁଳ୍କକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ କରିବା ଭଳି ପ୍ରସ୍ତାବ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ବ୍ୟତୀତ ଶ୍ରମିକମାନଙ୍କ କାର୍ଯ୍ୟ କରିବାର ସମୟସୀମା ଏବଂ ବିଭିନ୍ନ ଋତୁକାଳୀନ କଟକଣାରେ କୋହଳ କରିବା ସହିତ ଦ୍ରୁତ କାର୍ଯ୍ୟାନ୍ୱୟନ ଏବଂ ସମନ୍ୱୟ ରକ୍ଷା ପାଇଁ ସ୍ୱତନ୍ତ୍ର ନୋଡାଲ୍ ଅଧିକାରୀ ନିଯୁକ୍ତ କରିବାକୁ କୁହାଯାଇଛି। ଯଦି ରାଜ୍ୟ ସରକାରମାନେ ଏହି ଅନୁରୋଧକୁ ସକାରାତ୍ମକ ଭାବେ ଗ୍ରହଣ କରି ନିଜର ପ୍ରଶାସନିକ ପ୍ରକ୍ରିୟାକୁ ସରଳ କରନ୍ତି, ତେବେ ଗ୍ୟାସ୍ ବିତରଣ କମ୍ପାନୀଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ବିଛାଇ ଅଧିକରୁ ଅଧିକ ଲୋକଙ୍କ ପାଖରେ ପିଏନଜିର ନିରବଚ୍ଛିନ୍ନ ସେବା ପହଞ୍ଚାଇପାରିବେ ।

ଏହି ଅଭୂତପୂର୍ବ ସଙ୍କଟ ସମୟରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ନିୟାମକ ବୋର୍ଡ ମଧ୍ୟ ନିଜର ଦାୟିତ୍ୱବୋଧ ପ୍ରଦର୍ଶନ କରି ଏକ ଅତ୍ୟନ୍ତ ସକ୍ରିୟ ଭୂମିକା ଗ୍ରହଣ କରିଛି। ବୋର୍ଡ ପକ୍ଷରୁ ସମସ୍ତ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ତୁରନ୍ତ ଅତିରିକ୍ତ ମାନବ ସମ୍ବଳ ଏବଂ ଆଧୁନିକ ଯନ୍ତ୍ରପାତି ନିୟୋଜିତ କରି ନେଟୱାର୍କ ସମ୍ପ୍ରସାରଣ କାର୍ଯ୍ୟକୁ ଆଗେଇ ନିଅନ୍ତୁ । ବିଶେଷ କରି ଯେଉଁସବୁ ଅଞ୍ଚଳରେ ପିଏନଜି ନେଟୱାର୍କର ମୂଳ ଭିତ୍ତିଭୂମି ପୂର୍ବରୁ ଅଛି, ସେଠାରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନେଇ ଗ୍ରାହକମାନଙ୍କୁ ତୁରନ୍ତ ନୂଆ ସଂଯୋଗ ଯୋଗାଇଦେବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଲୋକଙ୍କୁ ଏହି ନୂତନ ବ୍ୟବସ୍ଥା ପ୍ରତି ଆକୃଷ୍ଟ କରିବା ପାଇଁ କେତେକ ଗ୍ୟାସ୍ ବିତରଣ କମ୍ପାନୀ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି, ଯେପରିକି ବିନା ମୂଲ୍ୟରେ କିଛି ପରିମାଣର ଗ୍ୟାସ୍ ପ୍ରଦାନ କରିବା ଏବଂ ନୂତନ ସଂଯୋଗ ପାଇଁ ଲାଗୁଥିବା ଦେୟକୁ ସମ୍ପୂର୍ଣ୍ଣ ଛାଡ଼ କରିବା ଭଳି ପ୍ରୋତ୍ସାହନମୂଳକ ଘୋଷଣା । ଏହା ସହିତ ସରକାର ସାଧାରଣ ଉପଭୋକ୍ତାମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି ଯେ, ସେମାନେ ବିଦ୍ୟୁତ୍ ଚାଳିତ ଇଣ୍ଡକ୍ସନ୍ ଚୁଲ୍ହା ଭଳି ବିକଳ୍ପ ରନ୍ଧନ ବ୍ୟବସ୍ଥା ଆପଣାନ୍ତୁ ଏବଂ ଉପଲବ୍ଧ ଏଲପିଜିର ଅତ୍ୟନ୍ତ ମିତବ୍ୟୟୀ ତଥା ସୁଚିନ୍ତିତ ବ୍ୟବହାର କରନ୍ତୁ । ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକ ଘରୋଇ ଉପଭୋକ୍ତାଙ୍କ ପାଇଁ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ରଖିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ ମଧ୍ୟ ସାଧାରଣ ନାଗରିକଙ୍କ ସହଯୋଗ ଏବଂ ବିକଳ୍ପ ଶକ୍ତି ଉତ୍ସର ବ୍ୟବହାର ହିଁ ବର୍ତ୍ତମାନର ପରିସ୍ଥିତିରେ ଏକମାତ୍ର ବାସ୍ତବିକ ସମାଧାନ । ଏହାଦ୍ୱାରା ଦେଶର ଆଭ୍ୟନ୍ତରୀଣ ଶକ୍ତି ସୁରକ୍ଷା ନିଶ୍ଚିତ ହେବା ସହ ଆମଦାନୀ ଉପରେ ଥିବା ଅତ୍ୟଧିକ ନିର୍ଭରଶୀଳତା କିଛି ମାତ୍ରାରେ ହ୍ରାସ ପାଇପାରିବ ।

ଏଠାରେ ସାଧାରଣରେ ଏକ ଯୁକ୍ତିଯୁକ୍ତ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଯଦି ହରମୁଜ୍ ପ୍ରଣାଳୀ ଦେଇ ସମସ୍ତ ପ୍ରକାର ସାମୁଦ୍ରିକ ବାଣିଜ୍ୟ ବନ୍ଦ ଅଛି, ତେବେ ପ୍ରାକୃତିକ ଗ୍ୟାସ୍ ବା ପିଏନଜି ଯୋଗାଣ କିପରି ସମ୍ଭବ ହେବ ଏବଂ ଏହା କିପରି ଏକ ନିର୍ଭରଯୋଗ୍ୟ ବିକଳ୍ପ ହୋଇପାରିବ, ତାହା ବିଚାରଯୋଗ୍ୟ ଅଟେ । ଉପଲବ୍ଧ ତଥ୍ୟ ଅନୁଯାୟୀ, ଭାରତ ତାର ମୋଟ ପ୍ରାକୃତିକ ଗ୍ୟାସ୍ ଆବଶ୍ୟକତାର ପ୍ରାୟ ଅଧା ଅଂଶ ବା ପଚାଶ ପ୍ରତିଶତ ବିଦେଶରୁ ଆମଦାନୀ କରିଥାଏ ଏବଂ ସେଥିମଧ୍ୟରୁ ପଞ୍ଚାବନ ରୁ ଷାଠିଏ ପ୍ରତିଶତ କେବଳ ହରମୁଜ୍ ପ୍ରଣାଳୀ ଦେଇ ଆସିଥାଏ । ଅର୍ଥାତ୍ ଏହି ଯୁଦ୍ଧ ପରିସ୍ଥିତି କାରଣରୁ ଭାରତକୁ ପ୍ରାକୃତିକ ଗ୍ୟାସ୍ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି । କିନ୍ତୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ଏହାର ନକାରାତ୍ମକ ପ୍ରଭାବ ଏଲପିଜି ସଙ୍କଟ ତୁଳନାରେ ଯଥେଷ୍ଟ କମ୍ ରହିଛି । ଭାରତ ନିକଟରେ ଦେଶ ଭିତରେ ଉତ୍ପାଦିତ ହେଉଥିବା ପ୍ରାକୃତିକ ଗ୍ୟାସ୍ ?ର କିଛି ମାତ୍ରାରେ ମହଜୁଦ୍ ଏବଂ ସ୍ୱଦେଶୀ ଉତ୍ପାଦନ କ୍ଷମତା ରହିଛି, ଯାହା ପିଏନଜି ଚାହିଦାକୁ କିଛି ଦିନ ପାଇଁ ସୁରୁଖୁରୁରେ ପୂରଣ କରିବାରେ ସକ୍ଷମ ହେବ । ଏଲପିଜି କ୍ଷେତ୍ରରେ ବିଦେଶୀ ଯୋଗାଣ ଉପରେ ନିର୍ଭରଶୀଳତା ଅତ୍ୟଧିକ ଥିବାରୁ ଏବଂ ବିକଳ୍ପ ଯୋଗାଣ ପଥ ନଥିବାରୁ ଏହାର ପ୍ରଭାବ ସାଧାରଣ ଜନତା ଏବଂ ବ୍ୟବସାୟ ଉପରେ ସିଧାସଳଖ ଏବଂ ତୀବ୍ର ଭାବରେ ପଡୁଛି । ତେଣୁ ଏଲପିଜିରୁ ପିଏନଜିକୁ ରୂପାନ୍ତରଣ ପ୍ରକ୍ରିୟା ଦେଶର ସାମଗ୍ରିକ ଶକ୍ତି ବିତରଣ ବ୍ୟବସ୍ଥାରେ ଏକ ଆବଶ୍ୟକୀୟ ସନ୍ତୁଳନ ଆଣିବାରେ ସାହାଯ୍ୟ କରିବ । ଯଦିଓ ଏହା ସମସ୍ୟାର ସମ୍ପୂର୍ଣ୍ଣ ଏବଂ ଚୂଡ଼ାନ୍ତ ସମାଧାନ ନୁହେଁ, ତଥାପି ଏହା ବର୍ତ୍ତମାନ ସଙ୍କଟର ତୀବ୍ରତାକୁ ହ୍ରାସ କରିବାରେ ଏବଂ ଅର୍ଥନୀତିକୁ ସଚଳ ରଖିବାରେ ଏକ ଅତ୍ୟନ୍ତ ପ୍ରଭାବଶାଳୀ ତଥା ବ୍ୟବହାରିକ ପଦକ୍ଷେପ।

ପରିଶେଷରେ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ବର୍ତ୍ତମାନର ଏହି ଏଲପିଜି ସଙ୍କଟ ଭାରତର ଦୀର୍ଘମିଆଦୀ ଶକ୍ତି ନୀତି ଏବଂ ରଣନୀତିକ ଭିତ୍ତିଭୂମି ପାଇଁ ଏକ ବଡ଼ ଚେତାବନୀ ଏବଂ ଶିକ୍ଷା । ଏହା ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ କରିଦେଇଛି ଯେ କୌଣସି ଗୋଟିଏ ବିଦେଶୀ ଶକ୍ତି ଉତ୍ସ ବା ଗୋଟିଏ ନିର୍ଦ୍ଦିଷ୍ଟ ସାମୁଦ୍ରିକ ପଥ ଉପରେ ଦେଶର ଅତ୍ୟଧିକ ନିର୍ଭରଶୀଳତା ଜାତୀୟ ଅର୍ଥନୀତି ଏବଂ ସୁରକ୍ଷା ପାଇଁ କେତେ ମାତ୍ରାରେ ବିପଜ୍ଜନକ ହୋଇପାରେ । ପିଏନଜି ନେଟୱାର୍କର ଦ୍ରୁତ ସମ୍ପ୍ରସାରଣ କେବଳ ଏକ ଜରୁରୀକାଳୀନ ପଦକ୍ଷେପ ଭାବରେ ବିବେଚନା ନକରି ଦେଶର ଶକ୍ତି ଭିତ୍ତିଭୂମିକୁ ଆଧୁନିକୀକରଣ କରିବାର ଏକ ସୁବର୍ଣ୍ଣ ସୁଯୋଗ ଭାବରେ ଗ୍ରହଣ କରିବା ଉଚିତ୍ । ଏହି ବିଶାଳ ପ୍ରକଳ୍ପଗୁଡ଼ିକୁ ବାସ୍ତବ ରୂପ ଦେବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ବା ପ୍ରକୃତ ସହଯୋଗୀ ସଂଘବାଦର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାରମାନେ ସଂକୀର୍ଣ୍ଣ ସ୍ଥାନୀୟ ରାଜନୀତି ଏବଂ ପ୍ରଶାସନିକ ଜଟିଳତାକୁ ପଛରେ ପକାଇ ବୃହତ୍ତର ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରକଳ୍ପଗୁଡ଼ିକୁ ତୁରନ୍ତ ବିନା ବାଧାରେ ଅନୁମୋଦନ ଦେବା ଆବଶ୍ୟକ । ଏହା ସହିତ ଭବିଷ୍ୟତରେ ଏପରି ଅନ୍ତର୍ଜାତୀୟ ସଙ୍କଟର ସଫଳ ସମ୍ମୁଖୀନ ହେବା ପାଇଁ ସରକାରଙ୍କୁ ସୌର ଶକ୍ତି, ବାୟୋଗ୍ୟାସ୍, ସବୁଜ ଉଦଜାନ ଏବଂ ଅନ୍ୟାନ୍ୟ ନବୀକରଣଯୋଗ୍ୟ ଶକ୍ତି ଉତ୍ସଗୁଡ଼ିକର ବ୍ୟାପକ ବିକାଶ ଉପରେ ମଧ୍ୟ ଅଧିକ ଧ୍ୟାନ ଦେବାକୁ ପଡ଼ିବ

# ପିଲାଙ୍କ ପାଇଁ ସୃଜନଶୀଳ ଓ ପ୍ରେରଣାଦାୟୀ ଗ୍ରୀଷ୍ମ ଛୁଟି

## ଡକ୍ଟର ସୁରେଶ କୁମାର ନାୟକ

ପିଲାମାନଙ୍କ ପାଇଁ ଗ୍ରୀଷ୍ମ ଛୁଟି ସ୍ୱାଭାବିକ ଭାବେ ସମସ୍ତେ ଏହି ଛୁଟିକୁ ନେଇ ଯାହା ଭାବନ୍ତି ସମ୍ଭବତଃ ମୁଁ ଛୁଟିର ବିଭିନ୍ନ ଦିଗ ଉପରେ ଆଲୋଚନାଟି ରଖିବା ପାଇଁ ଚାହୁଁଛି । କାରଣ ପିଲାମାନଙ୍କୁ ପ୍ରତିଟି କ୍ଷେତ୍ରରେ ପାଠପଢ଼ା ହେଉ ବା ଛୁଟି ସବୁଥିରେ ପିତାମାତାଙ୍କ ଗୁରୁତ୍ୱପୂର୍ଣ୍ଣ ଓ ଯୋଜନବଦ୍ଧ ଭୂମିକା ରହିଛି। ପିଲାମାନଙ୍କୁ ଏହି ସମୟରେ ଦିଗଦର୍ଶନ ଦେବା ପାଇଁ ଅନେକ ସୁଯୋଗ ଆପଣ ମାନଙ୍କ ହାତରେ। ସବୁବେଳେ ଗୋଟିଏ କଥା ମନେରଖିଥିବେ ଛୁଟିରେ ନିଶ୍ଚିନ୍ତ ଭାବରେ ଖୁସି ଆନନ୍ଦ ପାଇଁ ପର୍ଯ୍ୟାପ୍ତ ସମୟ ତ ରହିଛି କିନ୍ତୁ ପିଲାଟି ପାଇଁ ଏହି ରୁଟିନଟି ମଧ୍ୟ ରଖନ୍ତୁ ଯେ ଏତେ ବଡ଼ ଲମ୍ବା ଛୁଟି ଭିତରେ ସେ ଯେପରି ତାହାର ଆଗାମୀ ବର୍ଷର ପାଠ୍ୟ ଖସଡ଼ା ସହ ନିଜକୁ ପ୍ରସ୍ତୁତ କରିପାରିବ। ଏ କ୍ଷେତ୍ରରେ ଆପଣଙ୍କ ବିଦ୍ୟାଳୟର ଅଧକ୍ଷ, ଶ୍ରେଣୀ ଶିକ୍ଷକଙ୍କ ପରାମର୍ଶ ମଧ୍ୟ ନେଇପାରନ୍ତି। ଛୁଟି ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ଏକ ଭଲ ଯୋଜନା ପ୍ରସ୍ତୁତ କରନ୍ତୁ। ପାଠପଢ଼ା ସହ ପିଲାଙ୍କୁ ବାହାର ଭ୍ରମଣ ଯୋଜନା ଥିଲେ ପିଲାଙ୍କ ମାନସିକତାକୁ ମଧ୍ୟ ଗୁରୁତ୍ୱ ଦିଅନ୍ତୁ। ବାହାରକୁ ଯିବାର ଯୋଜନା କରୁଥିଲେ ପିଲାମାନଙ୍କ ଖୁସି ସହିତ କ୍ଲାନ୍ତର ଦିଗକୁ ମଧ୍ୟ ଦେଖନ୍ତୁ। ଏହା ଯେପରି ତାକୁ ଅଧିକ କ୍ଲାନ୍ତ ଏବଂ ଭାରାକ୍ରାନ୍ତ କରରେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଛୁଟିକୁ ମଉଜ ମଜଲିସରେ କଟାଇବା ପାଇଁ ପ୍ରତ୍ୟେକ ପିଲା ଚାହାଁନ୍ତି। ପିଲାଟିକୁ ଭିତରେ ରହିଥିବା ନିଜର ଅର୍ନ୍ତହିତ ପ୍ରତିଭା ଓ ସୃଜନ ଦକ୍ଷତାକୁ ପସନ୍ଦ ଅନୁସାରେ ବିକଶିତ କରିବାକୁ ପ୍ରୋତ୍ସାହନ ଦିଅନ୍ତୁ।

ସାଧାରଣତଃ ଅଭିଭାବକ ମାନେ ଛୁଟିରେ ପିଲାଙ୍କୁ ବାହାରକୁ ବୁଲାଇ ନିଅନ୍ତୁ। ତେବେ ପିଲା ଯେପରି ମନ ପସନ୍ଦର ସ୍ଥାନକୁ ଯାଇ ଛୁଟିର ଆନନ୍ଦ ନେଇ ପାରିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଙ୍କୁ ସଂଗ୍ରହାଳୟ, ପାଠାଗାର, ଚିଡ଼ିଆଖାନା, ପାର୍କ କିମ୍ବା ଐତିହାସିକ ସ୍ଥାନକୁ ବୁଲାଇ ନେବା ଭଲ। ଏପରି ସ୍ଥାନ ପିଲାଙ୍କୁ ଖୁସି ଲାଗିବା ସହିତ ସେ କିଛି ଶିକ୍ଷା ମଧ୍ୟ ପାଇପାରିବେ। କୌଣସି ଆଡ଼ଭେଞ୍ଚର ଆଇଲ୍ୟାଣ୍ଡ ୱାଟର ପାର୍କ, ଆମ୍ୟୁଜ୍‌ମେଣ୍ଟ ପାର୍କ, ସୁଇମିଂ ପୁଲ ଆଦି ସ୍ଥାନକୁ ମଧ୍ୟ ନେଇପାରନ୍ତି । ଏପରି ସ୍ଥାନକୁ ଗଲେ ପିଲାର ବ୍ୟକ୍ତିତ୍ୱର ବିକାଶ ଘଟିବ।

ପିଲାଙ୍କୁ କିଛି ରଚନାତ୍ମକ କାର୍ଯ୍ୟ ଶିଖାନ୍ତୁ। ଆର୍ଟ ଏବଂ କ୍ରାଫ୍ଟ କ୍ଲାସରେ ଯୋଗ ଦେଇପାରେ। ଏପରି କ୍ଲାସକୁ ଗଲେ ପିଲା ବହୁତ କିଛି ଶିଖିବା ସହିତ ଘରେ ସେସବୁ ଜିନିଷ ତିଆରି କରିପାରିବ। ଘରେ ମଧ୍ୟ ତାକୁ ଚିତ୍ର କଳା, କାର୍ଡ଼, ଫଟୋ ଆଲବମ୍ ତିଆରି ଶିଖାଇ ପାରିବେ। ନୃତ୍ୟ ଏବଂ ସଂଗୀତ ପିଲାର ମନକୁ ଅଧିକ ଖୁସି କରିଥାଏ। ପରୀକ୍ଷାରେ ମାନସିକ ଚିନ୍ତାରୁ ମୁକୁଳିବା ପରେ ମଧୁର ସଂଗୀତ ତାର ମନକୁ ଖୁସି ଦେଇଥାଏ। ତେଣୁ ଆପଣ ଚାହିଁଲେ ତା ପାଇଁ ନୃତ୍ୟ ସଂଗୀତ ଶିକ୍ଷାର ବ୍ୟବସ୍ଥା କରିପାରିବେ। ଆତ୍ମରକ୍ଷାର କୌଶଳ ନିମନ୍ତେ ଦୁଇମାସ ପାଇଁ ଜୁଡ଼ୋ, କରାଟେ ଶିକ୍ଷାର ବ୍ୟବସ୍ଥା ମଧ୍ୟ କରିପାରନ୍ତି। ଛୁଟି ବେଳେ ଘରର ଛୋଟ ଛୋଟ କାମ କରିବା ପାଇଁ ପିଲାଙ୍କୁ ଶିଖାନ୍ତୁ। ଯଥା ଘର ସଜାଡ଼ିବା, ଲୁଗାପଟା ଝଡ଼ାଝଡ଼ି, ବହିଥାକ ସଜଡ଼ା ସଜଡ଼ି ଇତ୍ୟାଦି, ଗଛ ଲଗାଇବା, ପାଣି ଦେବା ଆଦି କାମ ମଧ୍ୟ ଶିଖାନ୍ତୁ। ଗୋଟିଏ ଭଲ ଉପାୟ ଚିନ୍ତା କରନ୍ତୁ। ବିଶେଷକରି ଖାଇବାରେ ଅମଙ୍ଗ ହେଉଥିବା ପିଲାଙ୍କୁ ଏହି ଛୁଟିରେ ରୋଷେଇ କାର୍ଯ୍ୟରେ ଛୋଟିଆ ସହଯୋଗ ପାଇଁ ପ୍ରୋତ୍ସାହିତ କରନ୍ତୁ। ଖାଦ୍ୟ ପ୍ରସ୍ତୁତି ଓ ରୋଷେଇ ଘରର ଆଦବକାଇଦା ତାକୁ ଏକ ଭଲ ଶିକ୍ଷା ଦେବ।

ପିଲାଙ୍କୁ ମଧ୍ୟ ସମର କ୍ୟାମ୍ପକୁ ପଠାଇପାରନ୍ତି। ସେଠାରେ ସେ ଅନ୍ୟପିଲାମାନଙ୍କ ସହିତ ମିଶି ବହୁତ କିଛି ଶିଖିପାରିବ। ତେବେ ଏହି ସମର କ୍ୟାମ୍ପଟିର ଆୟୋଜନକୁ ନେଇ ଓ ପରିପାର୍ଶ୍ୱିକ ସମୟ ବ୍ୟବଧାନକୁ ଦେଖି ଏକ ଶିକ୍ଷା ବର୍ଦ୍ଧକ ସମର କ୍ୟାମ୍ପ ନିମିତ୍ତ ପ୍ରୋତ୍ସାହନ ଦିଅନ୍ତୁ। ପିଲାକୁ କିଛି ଜ୍ଞାନ ବର୍ଦ୍ଧକ ପୁସ୍ତକ ଦିଅନ୍ତୁ, ଫଳରେ ସେ ଦେଶ ଦୁନିଆ ସଂପର୍କରେ ଅନେକ କିଛି ଜାଣି ପାରିବ। କାହାଣୀ ମାଧ୍ୟମରେ ଏକ ଭଲ ମଣିଷ ହେବା ପାଇଁ ତାକୁ ପ୍ରେରଣା ଦିଅନ୍ତୁ। ସେହିପରି ତାର ପରବର୍ତ୍ତୀ ବା ଉପରଶ୍ରେଣୀକୁ ଯିବା ପୂର୍ବରୁ ସେହି ବିଷୟର ପୁସ୍ତକ ଗୁଡ଼ିକ ସହ ସେ ଯେପରି ପରିଚୟ ହେବ ସେ ଦିଗକୁ ଦେଖନ୍ତୁ। ଏଥି ନିମିତ୍ତ ଅନଲାଇନର ସୁଯୋଗ ମଧ୍ୟ ନେଇପାରିବେ। ପିଲାମାନେ କୌଣସି ନୂଆ ନୂଆ କଳାକୌଶଳ ଶିକ୍ଷା ପାଇଁ ଚାହୁଁଥିଲେ ଏହି ସମର ଭେକେସନଟି ତାଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ସ୍ୱତନ୍ତ୍ର କୌଶଳ ଶିକ୍ଷା ଦିଆଯାଉଥିବା କ୍ଲାସରେ ମଧ୍ୟ ଆଡ଼ମିସନ କରାଇ ପାରିବେ।

କିଛି ମନୋରଂଜନ ନାଟକରେ ଅଂଶ ଗ୍ରହଣ ପାଇଁ ପିଲାଙ୍କୁ ସୁଯୋଗ ଦିଅନ୍ତୁ। ଏହାଫଳରେ ସେ ନିଜ ସଂସ୍କୃତି ସଂପର୍କରେ ନାଟକରୁ କିଛି ଶିଖି ପାରିବ। ସେହିପରି ପିଲାଟି ଭିତରେ ରହିଥିବା ନିଜର ଆଶା, ସମ୍ଭାବନା, ସ୍ୱପ୍ନ, ଆକାଂକ୍ଷା ଓ ଲକ୍ଷ୍ୟ ସହ ନିଜର ମନର କଥାକୁ ଲେଖି ରଖିବାକୁ ଶିକ୍ଷା ଦିଅନ୍ତୁ। ବର୍ଷ ତମାମ ପାଠପଢ଼ା ଓ ରୁଟିନ ବନ୍ଧା ଜୀବନ ପାଇଁ ସେ ସମୟ ନପାଇ ସଙ୍କୋଚରେ ତାର ମନୋଭାବ ଅନେକଙ୍କୁ ବାଣ୍ଟି ପାରିନଥାଏ ତେଣୁ ଏହି ସମୟରେ ସେ ଲେଖାପଢ଼ା କରିବା ସହ ନିଜ କଥାକୁ ବାହାରକୁ ପ୍ରକାଶ କରିବାର ସୁଯୋଗ ପାଇଥାଏ। ଆପଣ ଚାହିଁଲେ ଛୁଟିରେ ପିଲାଟିକୁ ଅନ୍ୟ ଭାଷା ଉପରେ ମଧ୍ୟ ଶିକ୍ଷା ଦେଇପାରିବେ। କୌଣସି ନିର୍ଦ୍ଦିଷ୍ଟ ଭାଷାରେ ପିଲାଟିର ଦୁର୍ବଳତା ଥିଲେ ଏହି ସମୟଟି ତାଙ୍କୁ ଭରପୁର ଓ ସୁଯୋଗ ପ୍ରେରଣା ଦେବ। ପିଲାଟି ଇଚ୍ଛା କରୁଥିଲେ କୌଣସି ପ୍ରାନ୍ତୀୟ ଭାଷା ବା ବିଦେଶୀ ଭାଷା ମଧ୍ୟ ଶିକ୍ଷା କରିପାରିବ।

ଛୁଟି ଦିନକୁ ଛାଡ଼ିଦେଲେ ପାଠପଢ଼ା ସମୟରେ ପିଲାମାନେ ଏପରି ଲମ୍ବା ଅବକାଶ ପାଇନଥାନ୍ତି। ଏହି ସମୟ ଭିତରେ ପିଲାଟି ନିଜ ଲୋକମାନଙ୍କୁ, ପ୍ରକୃତି, ପରିବେଶ ସହିତ ମିଶି ଅପୂର୍ବ ଓ ସୁନ୍ଦରପୂର୍ଣ୍ଣ ଜୀବନକୁ କିପରି ଅତିକ୍ରମ କରାଯାଏ ଏ ସବୁ ଶିକ୍ଷା ଅତିବ ଗୁରୁତ୍ୱପୂର୍ଣ୍ଣ। ଭଗବାନ ସୂର୍ଯ୍ୟଦେବ ଉଦୟ ହେବାର ଢ଼େର ପୂର୍ବରୁ ଅର୍ଥାତ୍ ପ୍ରତ୍ୟୁଷର ସୂର୍ଯ୍ୟୋଦୟ, ପକ୍ଷୀ ମାନଙ୍କର କିଚିରମିଚିର ଶବ୍ଦ ସହ ରାତିରେ ଖୋଲା ଆକାଶ ତଳେ ତାରା ଦେଖି ସେମାନଙ୍କୁ କିଛି କ୍ଷଣ ପାଇଁ ଜହ୍ନ ମାମୁଁଙ୍କ ରାଜ୍ୟକୁ ନେଇ ଯାଆନ୍ତୁ ଏହା କିଛି ଲୋକଙ୍କ ପାଇଁ ମାମୁଲି କଥା ହୋଇପାରେ କିନ୍ତୁ ଏହା ଅତ୍ୟନ୍ତ ବାସ୍ତବଦାୟୀ ଓ ପିଲାର ସାମଗ୍ରୀକ ବିକାଶ ସହ ପ୍ରକୃତିର ପ୍ରଭାବକୁ ଅତ୍ୟନ୍ତ ଶିକ୍ଷାଦାୟକ ଓ ଆନନ୍ଦ ପ୍ରଦାୟକ ହୋଇପାରିବ।

+ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସିଡିଏ, କଟକ,
ମୋ: ୯୪୩୭୨୨୫୫୯୨

# କର୍ମଯୋଗୀ ଜନସେବୀ ବିଦେହ ମହାତ୍ମାଙ୍କୁ ସ୍ମୃତି ନୈବେଦ୍ୟ

## ଗଙ୍ଗାଧର ସାମଲ



'ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିତ୍ ଜତିତ ସିଦ୍ଧୟେ ଯତତା ମ ପି ସିଦ୍ଧାନାଂ କଶ୍ଚିନ୍ ମାଂ ବେତ୍ତି ତତ୍ତ୍ୱତଃ।' (ଗୀତା ୭/୩) 'ସହସ୍ର ସହସ୍ର ଲୋକଙ୍କ ମଧ୍ୟରୁ କ୍ୱଚିତ କେହି ଜଣେ ମୋର ପ୍ରାପ୍ତି ପାଇଁ ଯତ୍ନ କରନ୍ତି, ପୁଣି ସେହି ଯତ୍ନ କରୁଥିବା ଯୋଗୀ ମାନଙ୍କ ମଧ୍ୟରୁ ବି କ୍ୱଚିତ୍ କେହି ଜଣେ ମତ ପରାୟଣ ହୋଇ ମୋତେ ତତ୍ତ୍ୱତଃ ଯଥାର୍ଥ ରୂପେ ଜାଣିପାରନ୍ତି।' ବହୁନା ଜନ୍ମନା ଅନ୍ତେ ଜ୍ଞାନବାନ ମାଂ ପ୍ରପଦ୍ୟେନ୍ତେ' (ଗୀତା)। ସ୍ୱପ୍ନ ଦେଖିବାକୁ ମନା ନାହିଁ ବେଳେ ବେଳେ ରାତି ଛୋଟ ଓ ସ୍ୱପ୍ନ ଅଧିକ ହୋଇଯାଏ ମାତ୍ର ହୃଦୟକୁ ଦୃଢ଼ କରି ସ୍ୱପ୍ନକୁ ସାକାର କରିବାରେ ହିଁ ମଣିଷର ମନୁଷ୍ୟତ୍ୱ ପରିଚୟ ଦେଇଥାଏ। ଆଜିର ଭୌତିକ ଧନ ମାନବ ସମାଜ ଉପରେ ଜୀବନର ମହାମନ୍ତ୍ର ଭୁଲି ଯାଇ ମଣିଷଟି ଗର୍ବୀ, ଅହଂକାରୀ ପାଲଟି ଯାଉଛି। ଯାହାର ପ୍ରଭାବରେ ସମାଜରେ ଅନୀତି, ଦୁର୍ନୀତି ବଢ଼ି ବଢ଼ି ଚାଲିଛି। ମୂଲ୍ୟବୋଧ ଭିତ୍ତିକ ଜୀବନ ହିଁ ସଂସାରରେ ସାର ଏହାକୁ ହୃଦୟଙ୍ଗମ କରି ପାଳନ କରିବାର ଆଜୀବନ ସେ ସଂକଳ୍ପ ନେଇଥିଲେ। ଆଜି ଦୁଇଧାଡ଼ି ଶ୍ରଦ୍ଧାଞ୍ଜଳି ଅର୍ପଣ କଲାବେଳକୁ ସବୁକିଛି ମନେପଡ଼ିଯାଉଛି। ୧୯୯୦ ମସିହାର କଥା। ମୋ ମାଉସୀ ପୁଅ ଭାଇ ସ୍ୱର୍ଗତଃ ଚିରଞ୍ଜିବୀ ସ୍ୱାଇଁ ହିଁ ଚିହ୍ନାଇ ଥିଲେ ଦେବତୁଲ୍ୟ ଦେବେନ୍ଦ୍ର ବାବୁଙ୍କୁ। ଯଦିଓ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୯୭ ମସିହା ବେଳକୁ ପେଷାଦାରୀ ଆଇନଗତ ବୃତ୍ତିଗତ କ୍ଷେତ୍ର ଦ୍ୱାରା ତାଙ୍କ ସହିତ ଅଧିକ ଜଡ଼ିତ ହେଲି। ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ଆଜୀବନ ସଦସ୍ୟତା ପାଇଁ ମୋର ଛୋଟିଆ ଉଦ୍ୟମକୁ ସେ ଗ୍ରହଣ କରିଥିଲେ ଓ ସଭ୍ୟ ମଧ୍ୟ ହୋଇଥିଲେ। ଆଳିର 'ନିଆଳ' ଗ୍ରାମରେ ଜନ୍ମିତ ଦେବେନ୍ଦ୍ର ବାବୁ ବିଏସସି, ଏଲଏଲବି ଶିକ୍ଷା ଅର୍ଜନ କରିଥିଲେ। ଥରେ ବିଧାୟକ ଓ ଥରେ ପଞ୍ଚାୟତ ସମିତିର ଅଧକ୍ଷ ଭାବେ ସେ ଲୋକମାନଙ୍କର ସେବା କରିବାର ସୁଯୋଗ ପାଇଥିଲେ। ତାଙ୍କ ରାଜନୀତି ଜୀବନ ଆରମ୍ଭ ହୋଇଥିଲା ସ୍ୱର୍ଗତଃ ଶରତ ଦେବଙ୍କ ଜନତା ଦଳ ସହିତ। ସେ ସମୟରେ ଜନତା ଦଳର ନିର୍ବାଚନୀ ସଂକେତଥିଲା ଚକ୍ର ଚିହ୍ନ। ପରେ ଦେବେନ୍ଦ୍ର ବାବୁ କଂଗ୍ରେସରେ ଯୋଗ ଦେଇଥିଲେ। ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ଓ ସବୁବେଳେ ଲୋକମାନଙ୍କ ସହ ଯୋଡ଼ି ହୋଇ ଲୋକମାନଙ୍କ ସ୍ୱାର୍ଥ ପାଇଁ ଯାହାକିଛି ବି କରିବା ପାଇଁ ସେ ସବୁବେଳେ ଉଦ୍ୟମରତ ଥିଲେ। ଅତି ସାଧାରଣ ସରଳ ବେଶପରିପାଟୀ ତାଙ୍କର ବାପା ଡାକ୍ତର ଦିବାକରନାଥ ଶର୍ମା ମଧ୍ୟ ପଞ୍ଚାୟତ ସମିତି ଅଧକ୍ଷ ଓ ବିଧାୟକ ହୋଇଥିଲେ। ଓଡ଼ିଶା ରାଜନୀତିରେ ସମ୍ଭବତଃ ଏହା ଏକ ବିରଳ ସଂଯୋଗ ଅର୍ଥାତ୍ ଦୁଇ ପିଢ଼ିରେ ବାପ, ପୁଅ ପ୍ରଥମେ ପଞ୍ଚାୟତ ସମିତି ଅଧକ୍ଷ ଓ ବିଧାୟକ ହେବାର ଗୌରବ ପାଇବା।

ଆଜି ରାଜନୀତିରେ ଆମେ ପ୍ରାୟତଃ ଦେଖୁଛୁ ରାଜନୀତିକୁ ଅନେକ ବୃତ୍ତି ପ୍ରବୃତ୍ତି କରି ଢ଼େର ଜାଗାବାଡ଼ି କିଣୁଛନ୍ତି କିନ୍ତୁ ସେ ଜଣେ ଏପରି ରାଜନେତା ଥିଲେ ଯିଏ ଜାଗା ବିକ୍ରି କରି ନିର୍ବାଚନ ଲଢୁଥିଲେ ଏପରିକି ତାଙ୍କ ଝିଅ ଡାକ୍ତର ଦେବସ୍ମିତା ଶର୍ମା ମଧ୍ୟ ନିର୍ବାଚନ ଲଢ଼ିବା ବେଳେ, ଖର୍ଚ୍ଚ ଉଠାଇବା ପାଇଁ ଜମି ବିକ୍ରି ଖବର ଗଣମାଧ୍ୟମରେ ବେଶ ଚର୍ଚ୍ଚା ସୃଷ୍ଟି କରିଥିଲା। କୋଭିଡ଼ ସମୟରେ ତାଙ୍କ ଝିଅ ଡାକ୍ତର ଦେବସ୍ମିତା ସ୍ଥାନୀୟ ଲୋକମାନଙ୍କ ପାଖରେ ପହଞ୍ଚି ଯେଉଁ ପରି ସେବା ଓ ଭଲ ପାଇବା ବାଣ୍ଟି ଥିଲେ ଏବେ ବି ଅଞ୍ଚଳର ପ୍ରତିଟି ଲୋକ ମନେରଖିଛନ୍ତି। ମୋ ପରି ଜଣେ ଛୋଟିଆ ଲୋକଟିକୁ କେଜାଣି କାହିଁ ଦେବେନ୍ଦ୍ର ବାବୁ ଏପରି ଭଲ ପାଇଯାଇଥିଲେ ଆମ ଦୁଇ ପରିବାର ଗୋଟିଏ ପରିବାର ପରି ସଂପର୍କ ରଜ୍ଜୁରେ ବନ୍ଧା ହୋଇଥିଲା। ତାଙ୍କ ଆଖିରେ ମୁଁ ଜଣେ ବଡ଼ ଓକିଲ ଥିଲି। ତାଙ୍କ ଜୀବନ ତମାମ ସମସ୍ତ ଆଇନଗତ ପରାମର୍ଶ ସର୍ବପ୍ରଥମେ ମୋ ସହଯୋଗ ଲୋଡ଼ୁଥିଲେ। ଆଳି ଅନ୍ତର୍ଗତ ମାଣିକପାଟଣା ପଞ୍ଚାୟତରେ ଆମ ପରିବାର ଏକ ଉଚ୍ଚଶିକ୍ଷିତ ସମ୍ଭ୍ରାନ୍ତ ପରିବାର ଥିବାରୁ ତାଙ୍କର ସମ୍ମାନ ଢ଼େର ରହିଥିଲା। ସେ ମୋତେ ଆଇନଗତ କ୍ଷେତ୍ରର ସବୁ ଗୌରବ ଦେଉଥିଲେ ବି ମୁଁ କିନ୍ତୁ ଅତି ନମ୍ର ଭାବେ କହିବି ତାଙ୍କ ପାଇଁ ଓକିଲାତିରେ ମୁଁ ଯଶ, ଜ୍ଞାନ ଓ ପରିଚୟ, ଶ୍ରେୟତା ସବୁକିଛି ହିଁ ପାଇଥିଲି। ପାଖାପାଖି ତାଙ୍କର ସତାବନଟି କେସ ଓଡ଼ିଶା ହାଇକୋର୍ଟରେ ମୁଁ ଅତ୍ୟନ୍ତ ଦକ୍ଷ ଓ ପାରଙ୍ଗମତାର ସହିତ ସୁପରିଚାଳନା କରି ତାଙ୍କୁ କେବେ ବି ଜେଲ ଯିବାକୁ ସେ କଷ୍ଟଦାୟକ ଦୁର୍ଭାଗ୍ୟର ସୁଯୋଗ ହିଁ ଦେଇନାହିଁ। ଠାକୁର ନିଗମାନନ୍ଦ ଓ ଭଗବାନ ସତ୍ୟସାଇଙ୍କ ଆଶ୍ରିତ ତାଙ୍କ ପରିବାର। ନିଆଳି କପାସୀ ପଞ୍ଚାୟତ, କୋରକୋର ଗାଁର 'ଅନୀତା ଦେବୀ'ଙ୍କ ସହ ତାଙ୍କର ଶୁଭପରିଣୟ ହୋଇଥିଲା। ଏକମାତ୍ର ଝିଅ ଡାକ୍ତର ଦେବସ୍ମିତା ଶର୍ମା। ହିଁ କହିବାକୁଗଲେ ଶର୍ମା ପରିବାରର ରାଜନୈତିକ ଲିଗାସିକୁ ତୃତୀୟ ପିଢ଼ି ଭାବେ ଗୌରବର ସହ ଆଗକୁ ନେଉଛନ୍ତି। ଦେବେନ୍ଦ୍ର ବାବୁ ଏକଦା ଏନଏସିରେ ବୁକ ହୋଇଥିଲେ। ତାଙ୍କ ଭାବନା ଓ ସବୁବେଳେ ଚେତନା ହେଉଛି 'ଲୋକମାନଙ୍କ ପାଇଁ, ଲୋକମାନଙ୍କ ସ୍ୱାର୍ଥରେ ଓ ଲୋକମାନଙ୍କ ନିମିତ୍ତ ହିଁ ମୋ ଜୀବନଟି ତିଆରି ହୋଇଛି। ଲୋକମାନଙ୍କ ସ୍ୱାର୍ଥ ପରିପୂରଣ ପାଇଁ ଥାନାକୁ ଜେଲକୁ ମୋର ଡର ନାହିଁ।' ସ୍ଥାନୀୟ ଅଞ୍ଚଳ ପାଇଁ ରାସ୍ତା ଠାରୁ ପିଇବା ପାଣି, ବିଜୁଳି ଠାରୁ କୃଷିକ୍ଷେତ୍ର, ବିଦ୍ୟାଳୟ ଠାରୁ ଡାକ୍ତରଖାନା, ମଠ ମନ୍ଦିର ଠାରୁ ବନ୍ୟା ଓ ବାତ୍ୟା ମୁକାବିଲା ତଥା ସୁପରିଚାଳନା ସବୁକିଛି ତାଙ୍କ ନେତୃତ୍ୱରେ ହିଁ ହେଉଥିଲା। ତାଙ୍କ ଆଖି ଆଗରେ ଆଳି ନିର୍ବାଚନୀ ମଣ୍ଡଳୀର ପ୍ରତିଟି ପରିବାରର ଜନ୍ମ କୁଣ୍ଡଳୀ ଓ ତାଙ୍କର ସମସ୍ତ ତଥ୍ୟ ସେ ରଖୁଥିଲେ। ଯେ କୌଣସି ଲୋକ, ଯେ କୌଣସି ସମୟରେ, ଯେ କୌଣସି କାମ ପାଇଁ ସାହାଯ୍ୟର ଆଶା ରଖି ଆସିଥିଲେ ସେ ଖାଲି ହାତରେ ଫେରାଇ ନଥାନ୍ତି। ତାଙ୍କ ଲୋକପ୍ରିୟତା ଏପରି ଥିଲା ତାହାର ମୂକସାକ୍ଷୀ ଚିରକାଳ ପାଇଁ ରହିଯାଇଛି ଆଳି ମୂଳକର ସେହି ପ୍ରତିଟି ଧୂଳିବାଲି ଭିତରେ। ତାଙ୍କ ପରଲୋକ ଶବାଧାରରେ ତିରିଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଏକ ବିଶାଳ ଜନସମୁଦ୍ର ଦେଖାଇ ଦେଇଥିଲା। ତାଙ୍କ ବିଷୟରେ କ'ଣ ବା ଲେଖିବି, ଅନୀତା ଭାଉଜ ଆଉ ଝିଅ ଦେବସ୍ମିତାଙ୍କୁ କିପରି ବି ବୁଝାଇବି, ମୋ ପାଟିରେ ଭାଷା ନାହିଁ। ତାଙ୍କ ଭଲପାଇବା, ମୋ ପରିବାର ପ୍ରତି ଭଲପାଇବା ସବୁ କିଛି ଜଳ ଜଳ ହୋଇ ମୋ ଆଖି ଆଗରେ ଦିଶିଯାଉଛି। ତାଙ୍କପରି ଜଣେ ଲୋକମାନଙ୍କୁ ଭଲ ପାଉଥିବା ଲୋକଙ୍କ ମଣିଷ ନିରଳସ କର୍ମଯୋଗୀ ଦେବେନ୍ଦ୍ର ବାବୁ ଧରା ଛାଡ଼ି ଚାଲିଯିବାର ଏହା ଭିତରେ ଗୋଟିଏ ବର୍ଷ ବିତିବାକୁ ଯାଉଛି।

ଏ ବିନାଶଶୀଳ ସଂସାରରେ ଜନ୍ମ ନେଲେ ମୃତ୍ୟୁ ନିଶ୍ଚିନ୍ତ। ମାତ୍ର ରହିଯାଏ ପ୍ରାଣୀର କର୍ମ ଏବଂ ଯଶ। 'ଚିରସ୍ଥାୟୀ ନୁହେଁ କିଛି ସକଳ ଅସ୍ଥିର, ଜୀବନ ଯୌବନ ଧନ ପଦ୍ମପତ୍ର ନୀର।' ମାୟା ମୋହ ବିଜଡ଼ିତ ଧରାଧାମରେ କିଛି ଚିରସ୍ଥାୟୀ ନୁହେଁ - ଜୀବନ ଯୌବନ, ଧନ ସମ୍ପତ୍ତି କୋଠାବାଡ଼ି ସବୁ ଅସ୍ଥିର - ଶତଦଳ ପଦ୍ମପତ୍ରରେ ଜଳ ସୁଦୃଶ ଢ଼ଳ - ଢ଼ଳ - କେତେବେଳେ କେଉଁ ମୁହୂର୍ତ୍ତରେ ଢ଼ଳି ପଡ଼ିବ ତାହା ଅଜଣା - ଅମୂଲ୍ୟ ଦୁର୍ଲ୍ଲଭ ଜୀବନର ଅବସ୍ଥାନ ତଦ୍ରୂପ ନିମିଷ ମାତ୍ରକେ କାଳ ସିନ୍ଧୁ ଗର୍ଭରେ ନିଶ୍ଚିହ୍ନ ହୋଇଯିବ। ଗଣକବି ବୈଷ୍ଣବ ପାଣିଙ୍କ ଭାଷାରେ 'ଯାହା କରି ଗଲେ ଭାବିବ ଦୁନିଆ, ତାହା ଯାଥାରେ କରି, ମରିଯିବୁ ଯେବେ କାନ୍ଦିବେ ସରବେ, ନୟନୁ ବୁହାଇ ବାରି।'

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ: ୮୩୨୮୯୪୮୬୪୩




# ତୁମେ, ମୁଁ - ଆମେ

## ସଦାଶିବ ବିଶ୍ୱାଳ



ତୁମେ କେମିତି ହସିବ ମୋ ବିନା
କେମିତି ତୁମେ
ଭଲରେ ରହିବ ମୋ ବିନା
ତୁମେ କେମିତି ଭଲରେ ରହିବ ମୋ ବିନା
କେମିତି ଭାବିବ ତୁମେ
ଗଢିବାକୁ ପରିବାର ମୋ ବିନା
ତୁମେ କେମିତି ଭାବିବ
ପାଇବାକୁ ସାଥି ମୋ ବିନା
ତେଣୁ ମୁଁ, ମୁଁ ହିଁ
ତୁମ ପାଇଁ ଏକକ, ଅନ୍ୟନା

କିନ୍ତୁ କିପରି ମୁଁ...
ପାଇବି ସଫଳତା ତୁମ ବିନା
ହସିବି ତୁମ ବିନା
ପିଇବି କପେ ଚା ତୁମ ବିନା
ଖରା ପୁଇଁବି ତୁମ ବିନା
ଆମୋଦ ପ୍ରମୋଦ କରିବି ତୁମ ବିନା
ସେଥିପାଇଁ ତୁମେ
ଏକାନ୍ତ ଜରୁରୀ ଠିକ ମୋ ପରି

ସେଥିପାଇଁ ମଣିଷ ସମାଜେ
ଆଦାମ - ଇଭ ଯୋଡି ଏକାନ୍ତ ଜରୁରୀ
ଦୁହେଁ ଦୁଇଜଣ ପାଇଁ ପରିପୂରକ
'ଆମେ' ହେବା ପାଇଁ ଏବେ ସମାଜେ
ପଡଇ ହୁରି ।

+ଗ୍ରାମ - ଅଙ୍ଗରୁଆ,
ଜିଲ୍ଲା - କେନ୍ଦୁଝର-୧

# ମନେପଡେ

## ରମାକାନ୍ତ ଦାସ



ମନେପଡେ
ତୁମ ସହ ପ୍ରଥମ ଦେଖାର ଅସ୍ଥିରତା
ଆମ ପ୍ରଥମ ଆଳାପର
ସେହି ଅପାସୋରା ମଧୁରତା ।।

ମନେପଡେ
ତୁମ ପ୍ରତୀକ୍ଷାରେ ରାତ୍ରିର ନିସ୍ତବ୍ଧତା
ତୁମକୁ ଟିକେ ଦେଖିବା ପାଇଁ
ମୋ ଆଖିର ବ୍ୟାକୁଳତା ।।

ଆଜି ବି ମନେଅଛି
ତୁମ ଆଖିର ଗଭୀରତା
ତୁମର ସେହି ନିଆରା ବାସ୍ନା
ତୁମ ଶାନ୍ତ କଣ୍ଠସ୍ୱର
ତୁମର ସେହି ସୁନ୍ଦର ହସ
ଦୂରରୁ ତୁମକୁ ଦେଖିବାର
ସେହି ପାଗଳାମି
ଆଉ ପାଖରେ ନଥାଇ ବି
ତୁମ ଉପସ୍ଥିତିର ସେଇ ଅନୁଭବ ।।

ପ୍ରତିଦିନ ତୁମକୁ ମନେପକାଏ
ପ୍ରତିଦିନ ତୁମକୁ ଭୁଲିବାକୁ ଚେଷ୍ଟାକରେ
ତୁମକୁ ପାଇବାର ଅସୀମ ଆନନ୍ଦ
ଆଜି ବି ମନେଅଛି
ତୁମକୁ ନପାଇବାର ଗଭୀର ଯନ୍ତ୍ରଣାରେ
ମୁଁ ପ୍ରତି ମୁହୂର୍ତ୍ତରେ ଜଳୁଛି ।।

+ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯




ଓଜନ କମାଇବାକୁ ଆପଣ କରୁଛନ୍ତି କି ଉପବାସ ? ଜିରୋ ଫିଗର ପାଇଁ କିମ୍ବା ପତଳା ହେବାକୁ ଖାଇବାରେ କରୁଛନ୍ତି କି କାଣ୍ଟଛାଣ୍ଟ ? ଆଜିକାଲି ଦୁନିଆରେ ସମସ୍ତେ ପତଳା ହେବାକୁ ଇଚ୍ଛା କରୁଥିବା ବେଳେ ଡାଏଟ କରିବାରେ ସମସ୍ତେ ବ୍ୟସ୍ତ । ଯୁବପିଢି ତ ଓଜନ କମାଇବାକୁ ଅନେକ ବାଟ ବାଛୁଛନ୍ତି । ବେଶି ଟ୍ରେଣ୍ଡରେ ଅଛି ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ । ଏହାର ଅର୍ଥ ଦିନର ୨୪ ଘଣ୍ଟାରୁ ନିର୍ଦ୍ଦିଷ୍ଟ ସମୟ ଯାଏଁ ଉପାସ ରହିବା ଏବଂ ବାକି ସମୟ ଭିତରେ ଖାଦ୍ୟ ଖାଇବା । ଏହାର କିଛି ସୁଫଳ ଥିଲେ ବି କିଛି ଖରାପ ପ୍ରଭାବ ବି ରହିଛି , ଯାହା ଆପଣ ଜାଣିବା ନିହାତି ଜରୁରୀ । ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗର ଚଳଣୀ ଆଜିକାଲି ବଢ଼ିଚାଲିଛି । ଫିଟ୍ ବଡ଼ି ଓ ଭଲ ସ୍ୱାସ୍ଥ୍ୟ ପାଇଁ ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗର ସାହାଯ୍ୟ ନେଉଛନ୍ତି । ଏଥିରୁ ଓଜନ ତ କମିଥାଏ ରକ୍ତଚାପ ବି ନିୟନ୍ତ୍ରଣରେ ରୁହେ । ଅନ୍ୟପଟେ ଏହାର ଏକାଧିକ ନକାରାତ୍ମକ ପରିଣାମ ବି ରହିଛି ଯାହା ସର୍ଭେରୁ ଜଣାପଡ଼ିଛି । ପ୍ରଥମ କଥା ହେଉଛି ଆପଣ ଯଦି ଓଜନ କମାଇବା ଲକ୍ଷ୍ୟରେ ଉପବାସ କରିବାକୁ ଚାହୁଛନ୍ତି ତାହେଲେ ଆପଣଙ୍କୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ବା ଡାଏଟିସିଆନଙ୍କ ସହ ପରାମର୍ଶ କରିବା ଜରୁରୀ । ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗରେ ଟାଇମ୍ ପ୍ୟାଟର୍ଣ୍ଣ ବା ନିର୍ଦ୍ଧାରିତ ସମୟ ଧାର୍ଯ୍ୟ କରାଯାଏ । ନିକଟରେ ହୋଇଥିବା ସର୍ଭେରୁ ଜଣାପଡ଼ିଛି, ଏଥିରେ ୧୬ ଘଣ୍ଟା ଉପାସ ରହିବାକୁ ପଡ଼େ । କେହି କେହି ୧୨ ଘଣ୍ଟା ଉପାସ ରହିବା ସହ ଅନ୍ୟ ୧୨ ଘଣ୍ଟା ଭିତରେ ଯାହା ଖାଇଥାନ୍ତି । ଆଉ କେହି ୧୦ ଘଣ୍ଟା ଉପାସ ରୁହନ୍ତି । ତେଣୁ ଏହି ଉପାସକୁ ୧୬:୮ ପ୍ୟାଟର୍ଣ୍ଣ କୁହାଯାଏ କିନ୍ତୁ ଏହା ହାର୍ଟ ଉପରେ ପ୍ରଭାବ ପକାଏ , ହାର୍ଟ ସମ୍ପର୍କୀତ ସମସ୍ୟା ବଢ଼ିଥାଏ । ଏହାସହ କ୍ୟାନ୍ସର ଓ ଅନ୍ୟ ଘାତକ ରୋଗର କାରଣ ହୋଇପାରେ । ଏଥିରେ ମଧୁମେହ ସମସ୍ୟା ଥିବା ଲୋକଙ୍କ ପାଇଁ ଆଦୌ ଗ୍ରହଣୀୟ ନୁହେଁ । ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଉପାସ କଲେ ହେଉଥିବା ସମସ୍ୟା ଭିତରେ ଚିଡ଼ଚିଡ଼ାପଣ ଅନୁଭବ ହେବା । ମୁଣ୍ଡ ବିନ୍ଧିବା, ଶରୀରରେ ପୋଷଣର ଅଭାବ ଦେଖାଦେବା, ଅଧିକ ଭୋଗ ଲାଗିବା ସହ ହାଲିଆ ଲାଗିବା । ତଥାପି ଯଦି ଆପଣ ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ କରିବାକୁ ଚାହୁଛନ୍ତି ତେବେ ପ୍ରଥମେ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ ଏବଂ ନିଜ ପୋଷଣଯୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ ଦିଅନ୍ତୁ । ଫଳ, ସବୁଜ ପନିପରିବା, ସାଗୁ ପରି ପୋଷଣଯୁକ୍ତ ଖାଦ୍ୟ ଖାଆନ୍ତୁ । ଯଦି ଦେହରେ କିଛି ଅସହଜ ଅନୁଭବ କରନ୍ତୁ ତାହେଲେ ତୁରନ୍ତ ଉପବାସ ବନ୍ଦ କରନ୍ତୁ । କହିବାର ଅର୍ଥ ଓଜନ କମାଇବା ବଦଳରେ ଯେପରି କିଛି କ୍ଷତି ନହୁଏ ତାକୁ ଦୃଷ୍ଟିରେ ରଖନ୍ତୁ , ନିଜ ଶରୀରକୁ ଚାହିଁ ଉପବାସ କରନ୍ତୁ ।

କେବେ କେବେ ଡେରିରେ ଅଫିସରେ ଫେରିବା ହେଉ କିମ୍ବା ସୁଟିଂ ସାରୁ ସାରୁ ବିଳମ୍ବିତ ରାତି ହେଇଯିବା ହେଉ... ଅବା କେଉଁ କାମରେ ଫସିବା କିମ୍ବା ସଉକରେ କେହି କେହି ବିଳମ୍ବିତ ରାତିରେ ଖାଉଥିବା ଦେଖିବାକୁ ମିଳୁଛି । ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏହା ଏବେ ହେଇ ପାରୁନି । ତେବେ ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ...




-ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ

-ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ

-ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ

-ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ

-ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ

-ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ

-ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ

-ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ

-ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ

-ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ

-ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ

-ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ

-ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ

-ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ

ତେଣୁ କଥାରେ ଅଛି ଶହେ କାମ ଛାଡି ଭୋଜନ କର । ଖାଦ୍ୟ ଖାଇଲେ ହିଁ ଆମ ଶରୀର ପୋଷଣ ପାଇଥାଏ। କିନ୍ତୁ ଖାଦ୍ୟ ଆମେ ଭୋକ ଲାଗିଲେ ଖାଉ ଏବଂ ଲୋଭରେ ବି ଖାଉ। ଲୋଭରେ ଖାଇଲେ ତାହା ଆମର ପୁଷ୍ଟି ସାଧନ ନ କରି ଅହିତ କରିଥାଏ। ସୁତରାଂ ଭୋକ ଲାଗିଲେ ହିଁ ଖାଇବା ଉଚିତ। ଭୋକ ନ ଥାଇ ଖାଦ୍ୟ ଲୋଭରେ ଖାଇବା ଉଚିତ ନୁହେଁ। ପୁଣି ଖାଦ୍ୟ ଖାଇବାର ଗୋଟିଏ ନିର୍ଦ୍ଦିଷ୍ଟ ସମୟ ରହିବା ଉଚିତ। ଯେତେବେଳେ ଇଚ୍ଛା ସେତେବେଳେ ଖାଇବା ଏବଂ ବିଳମ୍ବିତ ରାତିରେ ଖାଇବା ଉଚିତ ନୁହେଁ। ଆୟୁର୍ବେଦ ଶାସ୍ତ୍ର ମତରେ ସକାଳର ଖାଇବାଟା ରାଜକୀୟ ଭୋଜନ ପରି ଗରିଷ୍ଠ ହେବା ଉଚିତ। ମଧ୍ୟାହ୍ନଭୋଜନ ତା'ଠୁ ହାଲୁକା ଏବଂ ସନ୍ଧ୍ୟାକାଳୀନ ଭୋଜନ ସବୁଠୁ ହାଲୁକା ହେବା ଉଚିତ। ବିଳମ୍ବିତ ରାତିରେ ଆଦୌ ଖାଇବା ଉଚିତ ନୁହେଁ। ରାତିରେ ଶୋଇବା ପୂର୍ବରୁ ଆପଣ ଛୋଟ କାଚ ଗ୍ଲାସ୍‌ରେ ଏକ ଗ୍ଲାସ୍ ଦେଶୀ ଗାଈ କ୍ଷୀର ପିଇ ଶୋଇପାରିବେ। କିନ୍ତୁ କ୍ଷୀର ପିଇସାରି କୁଳି କରିବା ନିହାତି ଆବଶ୍ୟକ, ନ ହେଲେ ଦାନ୍ତ ପୋକ ଖାଇବ। ବିଳମ୍ବିତ ରାତିରେ ବା ମଧ୍ୟରାତ୍ରିରେ ଯେଉଁମାନେ ?ଭୋଜନ କରନ୍ତି ତାକୁ ରାକ୍ଷସୀ ଭୋଜନ କୁହାଯାଏ। ସ୍ନାନ, ଦାନ, ଭୋଜନ ଓ ଭଜନ- ଏ ଚାରିଟି ଆମ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାକୁ ପ୍ରତ୍ୟହ ନିର୍ଦ୍ଦିଷ୍ଟ ସମୟରେ କରିବା ଉଚିତ। ଶାସ୍ତ୍ରରେ ଅଛି-

''ଶତଂ ବିହାୟ ଭୋକ୍ତବ୍ୟଂ ସହସ୍ରଂ ସ୍ନାନମାଚରତ୍।
ଲକ୍ଷଂ ବିହାୟ ଦାତବ୍ୟଂ କୋଟିଂ ତ୍ୟକ୍ତ୍ୱା ହରିଂ ଭଜେତ୍।।''
(ସୁଭାଷିତ)

ଅର୍ଥାତ୍, ଶହେ କାମ ଛାଡି ଭୋଜନ କର, ହଜାରେ କାମ ଛାଡି ସ୍ନାନ କର, ଲକ୍ଷେ କାମ ଛାଡି ଦାନ କର ଏବଂ କୋଟିଏ କାମ ଛାଡି ହରିଙ୍କୁ ଭଜନ କର।

ଶହେ କାମ ଛାଡ଼ି ଭୋଜନ କର, ମାନେ ଯଦି ଭୋଜନର ସମୟ ହୋଇଯାଇଛି ଓ ଭୋକ ହେଉଛି, ତେବେ ଅନ୍ୟ ସବୁ କାମ ଛାଡ଼ି ଆଗେ ଭୋଜନ କରିବା ଉଚିତ। କାରଣ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କଲେ ତାହା ଆମ ଦେହର ଅଭ୍ୟାସଗତ ହୋଇଯାଇଥାଏ। ସେଥିରେ ବିଳମ୍ବ ବା ଅନିୟମିତତା ହେଲେ ଆମ ହଜମ ଶକ୍ତି ଉପରେ ପ୍ରଭାବ ପଡ଼େ। ଖାଦ୍ୟ ହଜମ କରିବା ପାଇଁ ଆମ ଶରୀରରେ ଏକ ପ୍ରକାର ଅମ୍ଳ ସୃଷ୍ଟି ହୁଏ, ଯାହାକୁ ଇଂରାଜୀରେ କୁହାଯାଏ ହାଇଡ୍ରୋକ୍ଲୋରିକ୍ ଏସିଡ୍ ବା ଲବଣାମ୍ଳ। ପେଟ ଯଦି ଦୀର୍ଘ ସମୟ ଧରି ଖାଲି ରହେ ଏବଂ ଏହା ଦିନ ଦିନ ଧରି ଘଟେ, ତେବେ ସେହି ଅମ୍ଳ ଆମର ଅନ୍ତନଳୀର ମ୍ୟୁକସ୍ ମେମ୍ବ୍ରେନକୁ ଖାଇଯାଏ। ଫଳରେ ପେଟରେ ଘାଆ ସୃଷ୍ଟି ହୁଏ, ଯାହାକୁ ଷ୍ଟୋମାକ୍ ଅଲ୍‌ସର କୁହାଯାଏ। ଶୀଘ୍ର ଚିକିତ୍ସା ନ କଲେ ତାହା ମାରାତ୍ମକ ହୋଇପାରେ। ତେଣୁ ନିୟମିତଭାବେ ଠିକ୍ ସମୟରେ ଖାଇବା ଉଚିତ। ପୁଣି ଖାଦ୍ୟ ତ ଆମକୁ କାମ କରିବା ପାଇଁ ବଳ ଯୋଗାଇଥାଏ। ଆମେ ଖାଇବାନି ଯଦି ଅନ୍ୟସବୁ କାମ କରିବା ପାଇଁ ବଳ ପାଇବା କିପରି ? ତେଣୁ ଶହେ କାମ ଛାଡ଼ି ଆଗ ଖାଇବା ପାଇଁ ପରାମର୍ଶ ଦିଆଯାଇଛି।




ଆମ ଶରୀରକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ କିଛି ଭିଟାମିନ୍ ନିତାନ୍ତ ଆବଶ୍ୟକ। ସେଥିମଧ୍ୟରୁ ଭିଟାମିନ୍ ବି୧୨ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଅତ୍ୟାବଶ୍ୟକ ଭିଟାମିନର ଅଭାବ ଅନେକ ଶାରୀରିକ ସମସ୍ୟାର କାରଣ ବନିପାରେ।

ଭିଟାମିନ୍ ବି୧୨ର ଅଭାବ କେବଳ ମାନସିକ ସମସ୍ୟା ନୁହେଁ ବରଂ ପେଟ ସମସ୍ୟା ମଧ୍ୟ ସୃଷ୍ଟି କରେ। ଆଜିକାଲି, ଆମର ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ହେତୁ ଭିଟାମିନ୍ ବି୧୨ର ଅଭାବ ଦେଖାଦିଏ। ଏହା ଶରୀରରେ ସମସ୍ୟା ସୃଷ୍ଟି କଲେ, ଆମେ ଔଷଧ ଏବଂ ସପ୍ଲିମେଣ୍ଟ୍ ଖାଇବା ଆରମ୍ଭ କରିଥାଉ।

ଭିଟାମିନ୍ ବି୧୨ ଅଭାବର ଲକ୍ଷଣଗୁଡ଼ିକ ବିଷୟରେ ସଚେତନ ରହିବା ଏବଂ ଲକ୍ଷଣଗୁଡ଼ିକ ଅତିରିକ୍ତ ହେବା ପୂର୍ବରୁ ଶରୀରରେ ବି୧୨ ସ୍ତର ପରୀକ୍ଷା କରି ସତର୍କ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ବାରମ୍ବାର ପେଟ ପୋଡ଼ା, ଗ୍ୟାସ୍, ବଦହଜମୀ କିମ୍ବା ଥକ୍କା ଅନୁଭବ କରନ୍ତି, ତେବେ ଏହା ବି୧୨ ଅଭାବ ଯୋଗୁଁ ହୋଇପାରେ। ଆସନ୍ତୁ ଭିଟାମିନ୍ ବି୧୨ ଅଭାବରୁ ଉପୁଜିପାରୁଥିବା ପେଟ ସମସ୍ୟା ଏବଂ ସେଗୁଡ଼ିକୁ ଦୂର କରିବା ପାଇଁ କ'ଣ ଖାଇବା ଉଚିତ ସେ ସଂପର୍କରେ ଜାଣିବା।

ଗ୍ୟାସ୍ ଏବଂ ବଦହଜମୀ: ବି୧୨ ଅଭାବ ପାଚନ କ୍ରିୟାକୁ ଦୁର୍ବଳ କରିଦିଏ। ଏହା ଖରାପ ପାଚନ, ଗ୍ୟାସ୍ ଏବଂ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରେ।

ଭୋକ ନ ଲାଗିବା: ଯେତେବେଳେ ଶରୀରରେ ବି୧୨ ସ୍ତର କମ୍ ଥାଏ, ସେତେବେଳେ ଭୋକ ମଧ୍ୟ କମିଯାଏ। ଯାହା ଶରୀରକୁ ଆବଶ୍ୟକୀୟ ପୁଷ୍ଟିକର ପଦାର୍ଥ ପାଇବାରୁ ବାଧା ଦିଏ।

ଜଳାପୋଡ଼ା ଏବଂ ଫୁଲା: ଭିଟାମିନ୍ ବି୧୨ ଅଭାବ ପେଟର ଭିତର ଭାଗକୁ ପ୍ରଭାବିତ କରେ, ଯାହା ଜ୍ୱଳନ ଏବଂ ଫୁଲା ସୃଷ୍ଟି କରିପାରେ।

କୋଷ୍ଠକାଠିନ୍ୟ କିମ୍ବା ଡାଇରିଆ: ଯେତେବେଳେ ଶରୀରରେ ଭିଟାମିନ୍ ବି୧୨ ଅଭାବ ଥାଏ, ସେତେବେଳେ କୋଷ୍ଠକାଠିନ୍ୟ ଏବଂ ଡାଇରିଆ ହୋଇପାରେ।

ବାନ୍ତି : କିଛି ଲୋକ ବି୧୨ ଅଭାବ ଯୋଗୁ ପେଟରେ ଭାରୀ ହେବାର ଏକ ଅଦ୍ଭୁତ ଅନୁଭବ ଏବଂ ବାନ୍ତି ଅନୁଭବ କରନ୍ତି।

## ଏକୁଟିଆପଣ ନେଉଛି ଜୀବନ : ପ୍ରତିଘଣ୍ଟାରେ ଯାଉଛି ୧୦୦ଜଣଙ୍କ ଜୀବନ

ପୃଥିବୀର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଲାଣି । ତଥାପି ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରତି ୬ ଜଣରେ ଜଣେ ଏକୁଟିଆପଣ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି । ଆଜିକାଲି ବ୍ୟସ୍ତବହୁଳ ଜୀବନଶୈଳୀରେ କାହା ପାଖରେ କାହା ପାଇଁ ସମୟ ନାହିଁ । ସକାଳୁ ଉଠି ରାତି ପର୍ଯ୍ୟନ୍ତ ସମସ୍ତେ କେବଳ ଧାଉଁଛନ୍ତି । ପରସ୍ପରକୁ ଟପିବାର ପ୍ରତିଯୋଗିତାରେ ପରସ୍ପରକୁ ହିଁ ଭୁଲି ଯାଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ୮୦୦ କୋଟି ଟପିଲାଣି ବିଶ୍ୱ ଜନସଂଖ୍ୟା, ତଥାପି କିଛି ମଣିଷ ଆଜି ଏକୁଟିଆ । ଘରଠୁ ନେଇ ରାସ୍ତାଘାଟ, ଅଫିସ, ସାଙ୍ଗସାଥିଙ୍କ ସହ ଖଟି ପରେ ବି କିଛି ମଣିଷ ଆଜି ନିଃସ୍ୱ । ଏକଥା ଆମେ କହୁନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗବେଷଣାରୁ ସାମ୍ନାକୁ ଆସିଛି ଏଭଳି ଚିନ୍ତାଜନକ ତଥ୍ୟ । ରିପୋର୍ଟ ଅନୁଯାୟୀ ଏକ ଘଣ୍ଟାରେ ୧୦୦ ଜଣଙ୍କ ଜୀବନ ନେଉଛି ଏହି ଲୋନ୍‌ଲିନେସ୍ ବା ଏକୁଟିଆପଣ । ଏହି ସମସ୍ୟା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ ।




ପାଗ ପରିବର୍ତ୍ତନ ହେବା ମାତ୍ରେ ଘରର କାନ୍ଥରେ ଝିଟିପିଟି ବୁଲୁଥିବାର ଦେଖାଯାଏ। କେତେବେଳେ ବାଥରୁମରେ ଏବଂ କେତେବେଳେ ରୋଷେଇ ଘର ଏବଂ ଶୟନ କକ୍ଷର କାନ୍ଥରେ ଦେଖାଯାଉଥିବା ଝିଟିପିଟି କେବଳ ଭୟ ସୃଷ୍ଟି କରେ ନାହିଁ ବରଂ ସ୍ୱାସ୍ଥ୍ୟ ପାଇଁ ବିପଦ ମଧ୍ୟ ହୋଇପାରେ। ପ୍ରକୃତରେ, ଝିଟିପିଟିର ମଳ ଏବଂ ଲାଳରେ ସାଲମୋନେଲା ନାମକ ଏକ ବ୍ୟାକ୍ଟେରିଆ ମିଳିଥାଏ, ଯାହା ଖାଦ୍ୟକୁ ବିଷାକ୍ତ ସୃଷ୍ଟି କରିପାରେ। ଏପରି ପରିସ୍ଥିତିରେ, ସେମାନଙ୍କୁ ଘରୁ ଦୂରରେ ରଖିବା ଭଲ।

ଝିଟିପିଟି ଦୂର କରିବା ପାଇଁ ଲୋକମାନେ ପ୍ରାୟତଃ ରାସାୟନିକ ସ୍ପ୍ରେ ବ୍ୟବହାର କରନ୍ତି, କିନ୍ତୁ ଏହା ସ୍ୱାସ୍ଥ୍ୟ ଏବଂ ପିଲାମାନଙ୍କ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ। ଏପରି ପରିସ୍ଥିତିରେ, ରୋଷେଇ ଘରେ ଥିବା ମସଲା ଏବଂ କିଛି ଘରୋଇ ଉପଚାର ସାହାଯ୍ୟରେ ଝିଟିପିଟିଙ୍କୁ ବିନା କୌଣସି ଖର୍ଚ୍ଚରେ ଘଉଡ଼ାଇ ଦିଆଯାଇପାରିବ।

ଅଣ୍ଡା ଖୋଳ - ଘରେ ଯେଉଁ ସ୍ଥାନରେ ଝିଟିପିଟି ଅଧିକ ଆସନ୍ତି ସେଠାରେ ଅଣ୍ଡା ଖୋଳ ରଖନ୍ତୁ। ଝିଟିପିଟି ଏହାର ଗନ୍ଧ ଯୋଗୁଁ ସେହି ସ୍ଥାନରୁ ଦୂରେଇ ଯାଆନ୍ତି।

ନାପଥାଲିନ୍ ବଟିକା - କୀଟପତଙ୍ଗଠାରୁ ପୋଷାକକୁ ସୁରକ୍ଷା ଦେଉଥିବା ଏହି ବଟିକା ମଧ୍ୟ ଝିଟିପିଟିଙ୍କୁ ପାଖକୁ ଆସିବାକୁ ଦିଏ ନାହିଁ। ଏପରି ପରିସ୍ଥିତିରେ, ଆପଣ ଏହି ବଟିକାଗୁଡ଼ିକୁ ଆଲମାରୀରେ କିମ୍ବା ଉଚ୍ଚ ସ୍ଥାନରେ ରଖିପାରିବେ, ଯାହା ଫଳରେ ଘରେ ଝିଟିପିଟି ଦେଖାଯିବ ନାହିଁ।

କଳା ଗୋଲମରିଚ ସ୍ପ୍ରେ - ଆପଣ କଳାମରିଚକୁ ଗୁଣ୍ଡ କରି ପାଣିରେ ମିଶାଇ ଏକ ସ୍ପ୍ରେ ତିଆରି କରିପାରିବେ। ଏହା ପରେ, ଆପଣ ଯେଉଁଠାରେ ଝିଟିପିଟି ଦେଖନ୍ତି ସେଠାରେ ସ୍ପ୍ରେ କରନ୍ତୁ। ଝିଟିପିଟି ଏହାର ଗନ୍ଧ ଏବଂ ଜ୍ୱଳନ ଯୋଗୁଁ ପଳାଇଯାଏ।

ରସୁଣ ଏବଂ ପିଆଜ - ଝିଟିପିଟି ରସୁଣ ଏବଂ ପିଆଜର ତୀବ୍ର ଗନ୍ଧକୁ ଆଦୌ ପସନ୍ଦ କରନ୍ତି ନାହିଁ। ରସୁଣ ପାଖୁଡାକୁ କବାଟ ଏବଂ ଝରକାରେ ରଖନ୍ତୁ କିମ୍ବା ଆପଣ ପିଆଜ-ରସୁଣ ସ୍ପ୍ରେ ପ୍ରସ୍ତୁତ କରି ପକାଇପାରିବେ, ଯାହା ଦ୍ୱାରା ଘରେ ଝିଟିପିଟି ଦେଖାଯିବ ନାହିଁ।

ଡାଲଚିନି ଏବଂ ଲେମ୍ବୁ ପୁଦିନା - ଡାଲଚିନି ପାଉଡର କିମ୍ବା ଏହାର ତେଲ ଝିଟିପିଟିଙ୍କୁ ଦୂରେଇ ରଖେ। ଅନ୍ୟପକ୍ଷରେ, ଲେମ୍ବୁ ଏବଂ ପୋଦିନା ରସ ସ୍ପ୍ରେ କରିବା ଦ୍ୱାରା ମଧ୍ୟ ଝିଟିପିଟି ଘରୁ ଦୂରେଇ ରହେ।

# ଅପ୍ରେଲ ୧ ରୁ ଏସଆଇଆର ନିମନ୍ତେ ସୋନପୁର ନିର୍ବାଚନ ମଣ୍ଡଳୀରେ ପୂର୍ବ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

ସୁବର୍ଣ୍ଣପୁର, ୧୭/୩ (ନି.ପ୍ର): ଆସନ୍ତା ଅପ୍ରେଲ ୧ ରୁ ଓଡିଶାରେ ଭୋଟର ତାଲିକାର ସାମ୍ଭାବ୍ୟସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ନିମନ୍ତେ ୬୫-ସୋନପୁର ନିର୍ବାଚନ ମଣ୍ଡଳୀରେ ବ୍ୟାପକ ଭାବେ ପୂର୍ବ ପ୍ରସ୍ତୁତି ହୋଇଥିବା ଆଜି ଡଃ. ସୌମ୍ୟା ରୂପା ରଥ, ଓ. ପ୍ର. ସେ. ଉପ-ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ୬୫-ସୋନପୁର ନିର୍ବାଚନ ମଣ୍ଡଳୀ ଜଣାଇଛନ୍ତି । ଦୀର୍ଘ ଦୁଇରୁ ଅଢେଇ ମାସ ଧରି ଚାଲିବାକୁଥିବା ଏହି ପ୍ରକ୍ରିୟାରେ ଭୋଟର ତାଲିକାରେ ସ୍ୱଚ୍ଛତା ଆଣିବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ନିୟମାବଳୀ ଅନୁସାରେ ଏସଆଇଆର କରାଯାଉଛି । ସଠିକ ଭୋଟର ତାଲିକା ତିଆରି କରିବା କ୍ଷେତ୍ରରେ ଏସଆଇଆର ଗୋଟିଏ ସୋପାନ । ୨୦୦୨ ପରେ ଦୀର୍ଘ ୨୩ ବର୍ଷ ମଧ୍ୟରେ ପୁଣିଥରେ ଏସଆଇଆର ହେବାକୁ ଯାଉଛି । ଏହି ଏସଆଇଆରରେ ୨୦୦୨ ମସିହା ଭୋଟର ତାଲିକା ସହ ୨୦୨୫ ଭୋଟର ତାଲିକାରୁ ମେଳ(ମ୍ୟାପିଂ) କରାଯିବ । ଯେଉଁ ଭୋଟର ମାନଙ୍କ ନିଜ ନାମ କିମ୍ବା ବାପା, ଜେଜେ ବାପାଙ୍କ ନାମ ୨୦୦୨ ଭୋଟର ତାଲିକାରେ ଥିବ ସେମାନଙ୍କୁ କୌଣସି ପ୍ରମାଣପତ୍ର ଦେବାକୁ ପଡିବ ନାହିଁ । ଯେଉଁ ଭୋଟର ମାନଙ୍କ ନିଜ ନାମ କିମ୍ବା ବାପା, ଜେଜେ ବାପାଙ୍କ ନାମ ନ ଥିବ ସେମାନେ ନିର୍ବାଚନ କମିଶନଙ୍କ ନିୟମାନୁଯାୟୀ ଆବଶ୍ୟକ ପ୍ରମାଣ ପତ୍ର ଦାଖଲ କରିବେ । ବର୍ତମାନ ୬୫-ସୋନପୁର ନିର୍ବାଚନ ମଣ୍ଡଳୀରେ ମୋଟ ୨,୫୬,୭୮୧ ଜଣ ଭୋଟର ଥିବା ସ୍ଥଳେ ୨,୩୯,୨୧୫ ଜଣଙ୍କ ମ୍ୟାପିଂ ଅର୍ଥାତ ୯୩.୮୧ % ସରିଗଲାଣି ତଥା ମ୍ୟାପିଂ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି ଏହାକୁ ୧୦୦ ପ୍ରତିଶତ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଉପରୋକ୍ତ କାର୍ଯ୍ୟକୁ କ୍ଷେତ୍ର ସ୍ତରରେ ସୁପରିଚାଳନା ନିମନ୍ତେ ୩୧୯ ବୁଥ ପାଇଁ ୩୧୯ ଜଣ ବୁଥ ସ୍ତରୀୟ ଅଧିକାରୀ ଏବଂ ୩୨ ଜଣ ବୁଥ ସ୍ତରୀୟ ଅଧିକାରୀ ପର୍ଯ୍ୟବେକ୍ଷକ ନିୟୋଜିତ ଅଛନ୍ତି, ଏମାନଙ୍କୁ ପୂର୍ବରୁ ଏହି କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଥିଲା । ଉପରୋକ୍ତ ବୁଥ ସ୍ତରୀୟଅଧିକାରୀ ଏବଂ ବୁଥ ସ୍ତରୀୟଅଧିକାରୀ ପର୍ଯ୍ୟବେକ୍ଷକଙ୍କୁ ଆବଶ୍ୟକ ସହଯୋଗ ନିମନ୍ତେ ୩୧୯ ଜଣ ସ୍ୱେଚ୍ଛାସେବୀଙ୍କୁ ମନୋନୀତ କରାଯାଇଛି ଏବଂ ଏହି ସ୍ୱେଚ୍ଛାସେବୀମାନଙ୍କୁ ମାର୍ଚ୍ଚ ତା ୧୭ ରୁ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯିବ । ଏହି ଏସଆଇଆର ଦ୍ୱାରା ମୃତ ଭୋଟର, ସ୍ଥାନାନ୍ତରିତ ଭୋଟରମାନଙ୍କୁ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ ଦିଆଯିବ ଯଦ୍ୱାରା ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ ହୋଇ ପାରିବ । ଏହି ତାଲିକାରେ କାହାର ନାମ କଟି ଯାଇଥିଲେ ସେମାନେ ବୁଥସ୍ତରୀୟ ଅଧିକାରୀ ମାନଙ୍କୁ ପ୍ରଥମେ ଅଭିଯୋଗ କରିପାରିବେ । ସେମାନେ ସମସ୍ୟାର ସମାଧାନ କରିନପାରିଲେ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ଜିଲ୍ଲାପାଳ ଓ ପରବର୍ତୀ ସମୟରେ ମୁଖ୍ୟ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ଓଡ଼ିଶା ପାଖରେ ଅଭିଯୋଗ ପତ୍ର ଦାଖଲ କରାଯାଇପାରିବ । କୌଣସି ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ ପଡ଼ିବେ ନାହିଁ ସେଥି ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯାଉଥିବା ଡ଼ଃ. ସୌମ୍ୟା ରୂପା ରଥ, ଓ. ପ୍ର. ସେ. ଉପ-ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ ପ୍ରକାଶ କରିଥିଲେ । ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସରିବାପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

ଏଥି ନିମନ୍ତେ ରାଜ୍ୟସ୍ତରରେ ସମସ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଓ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ମାନଙ୍କର ତାଲିମ ମୁଖ୍ୟ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ଓଡ଼ିଶାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇସାରିଛି । ଏଥିରେ ୬୫-ସୋନପୁର ନିର୍ବାଚନ ମଣ୍ଡଳୀ ର ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ, ସୋନପୁରଙ୍କ ସମେତ ଅନ୍ୟ ୬ ଜଣ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଅଂଶଗ୍ରହଣ କରି ଗତ ତା-୧୧.୦୩.୨୦୨୬ ଦିନ ଭୁବନେଶ୍ୱରର ଆରଓଟିଆଇ ଠାରେ ତାଲିମ ପ୍ରାପ୍ତ ହୋଇ ଫେରିଛନ୍ତି ।

ଏହି ଏସଆଇଆର ପ୍ରକ୍ରିୟାରେ ଆମେ ସମସ୍ତ ଯୋଗ୍ୟ ଭୋଟରମାନଙ୍କ ସହଯୋଗ କାମନା କରୁଛୁ ।

# କେନ୍ଦୁଝରରେ ଏଚପିଭି ଟୀକାକରଣ ସଚେତନତା ଅଭିଯାନ

କେନ୍ଦୁଝର, ୧୭/୩ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦୁଝର ପକ୍ଷରୁ କନ୍ୟା ସନ୍ତାନମାନଙ୍କୁ ଗର୍ଭାଶୟ ମୁଖ କର୍କଟରୁ ରକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର 'ଏଚପିଭି' ଟୀକାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ପର୍ବତାରୋହୀ ତଥା ସାହସିକ ଅଭିଯାତ୍ରୀ ସମୀରା ଖାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଶୋରୀମାନଙ୍କ ପାଇଁ ଏଚପିଭି ଟୀକାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସମୀରା ଖାନ କହିଥିଲେ ଯେ, 'ଝିଅ ଓ ମା'ମାନେ ହେଉଛନ୍ତି ପରିବାରର ଆଧାର। ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ସବୁଠାରୁ ପ୍ରଥମ। ପ୍ରତିଟି ଝିଅ ନିଜକୁ ଚିହ୍ନିବା ସହ ନିଜ ଶରୀର ଓ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଉଚିତ। ସେ ପର୍ବତାରୋହଣର ଉଦାହରଣ ଦେଇ କହିଥିଲେ ଯେ ଯେମିତି ଶିଖରରେ ପହଂଚିବା ପାଇଁ ଶାରୀରିକ ସୁସ୍ଥତା ଦରକାର, ସେମିତି ଜୀବନର ସଫଳତା ପାଇଁ କର୍କଟ ଭଳି ରୋଗରୁ ଦୂରେଇ ରହିବା ଆବଶ୍ୟକ। ଏହି ଅଭିଯାନର ମୁଖ୍ୟ ବାର୍ତା ଥିଲା 'ମାତ୍ର ଗୋଟିଏ ଡୋଜ୍ ଏଚପିଭି ଟୀକା ଆପଣଙ୍କ ଝିଅକୁ ଗର୍ଭାଶୟ ମୁଖ କର୍କଟରୁ ସୁରକ୍ଷିତ ରଖିପାରିବ'। ୯ରୁ ୧୪ ବର୍ଷ ବୟସର ସମସ୍ତ ବାଳିକାଙ୍କ ପାଇଁ ଏହି ଟୀକାକରଣ ଅତ୍ୟନ୍ତ ଜରୁରୀ। ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟୀକା ସମ୍ପୂର୍ଣ୍ଣ ବିନାମୂଲ୍ୟରେ ଉପଲବ୍ଧ। ଏଥିପାଇଁ ୟୁ-ଉଇନ୍ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଓ କେନ୍ଦୁଝରର ସରକାରୀ ଏ.ଏନ୍.ଏମ୍./ଏଚ୍.ଡବ୍ଲ୍ୟୁ.(ଏଫ୍) ନର୍ସିଂ ତାଲିମ ଅନୁଷ୍ଠାନ ଛାତ୍ରୀମାନେ ସାମିଲ ହୋଇ ଟୀକାକରଣର ସୁଫଳ ବିଷୟରେ ଜନସାଧାରଣଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ. ଲକ୍ଷ୍ମୀକାନ୍ତ ମହାନ୍ତ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଆଶା କର୍ମୀ, ଏଏନଏମ୍, ଏବଂ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି ଟୀକାକରଣ ଅଭିଯାନକୁ ସଫଳ କରିବା ପାଇଁ ଶପଥ ନେଇଥିଲେ।

# ପିଏମ୍ ଶ୍ରୀ ମହାରାଜା ହାଇସ୍କୁଲଠାରେ ବାର୍ଷିକ ଉତ୍ସବ ପାଳିତ

ସୁବର୍ଣ୍ଣପୁର, ୧୭/୩ (ନି.ପ୍ର): ପିଏମ୍ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ସୋନପୁରର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ, ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହାଙ୍କ ସଭାପତିତ୍ୱ ରେ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗଦେଇ ସମୟାନୁବର୍ତିତା ଓ ଗୁଣାତ୍ମକ ଶିକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଜାତୀୟ ଶିକ୍ଷାନୀତି ୨୦୨୦ର ନୂତନ ଶିକ୍ଷା ପଦ୍ଧତି ଉପରେ ମାର୍ଗଦର୍ଶନ ରଖି ଶିକ୍ଷା, କ୍ରୀଡ଼ା, କଳା ସଂସ୍କୃତି ସବୁ କ୍ଷେତ୍ରରେ ସଫଳତା ହେବାସହ ଆମ ସମାଜ ପାଇଁ ଭଲ ମଣିଷଟିଏ ହୋଇ ନିଜକୁ ଗଢି ତୋଳିବାକୁ ପରାମର୍ଶ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ବାଘ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ସିଆରସିସି ଶ୍ରୀଯୁକ୍ତ ବ୍ରତାନନ୍ଦ ଭୋଇ, ଆୟୋଜକ ଶ୍ରୀମତୀ ଜୋଲିତା ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବିଦ୍ୟାଳୟ ସ୍ତରରେ, ଜିଲ୍ଲା ସ୍ତରରୁ ମନୋନୀତ ହୋଇ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବା ସମସ୍ତ କୃତୀ ଛାତ୍ରଙ୍କୁ ପୁରସ୍କୃତ କରା ଯାଇଥିଲା। ୨୦୨୪/୨୫ ହାଇସ୍କୁଲ ଟପ୍ପର ଛାତ୍ର ତ୍ରିଲୋଚନ ସାହୁ, ଶ୍ରେଷ୍ଠ ଛାତ୍ର ଭାବେ ଆଦିତ୍ୟ ବେହେରା, ବେଷ୍ଟ ଏକାଡେମୀ ଭାବେ ସୋରିଓ ସାହୁ, କୋ କୋରିକୁଲାର କ୍ଷେତ୍ରରେ ହରି ହର ଡାକୁଆ, ଶ୍ରେଷ୍ଠ କ୍ରୀଡ଼ାବିଦ୍ ଭାବେ ଶାଶ୍ୱତ କୁମାର ସାହୁଙ୍କୁ ପୁରସ୍କୃତ କରା ଯାଇଥିଲା। ଅନୁଲିତା ମିଶ୍ର, ଜୟନ୍ତୀ କୁମାରୀ ମେହେର, ସସ୍ମିତା ପାତ୍ର, ମମତା ମାଧୁରୀ ପଣ୍ଡା, ଦମୟନ୍ତୀ ଜଗଦଳା, ଗାୟତ୍ରୀ ସାହୁ, ତୃପ୍ତିକା ତ୍ରିପାଠୀ, ସୁଶ୍ରୀ ମିଶ୍ର, ଜ୍ୟୋତିର୍ମୟୀ ମିଶ୍ର, ସୁଭଦ୍ରା ହର, ବିନୋଦିନୀ ମହାପାତ୍ର, ସୀମା ମହାପାତ୍ର, ପୁଷ୍ପାଞ୍ଜଳି ମହାଲିକ, ସୁଜାତା ସାହୁ, ଶୁଭଶ୍ରୀ ପ୍ରଧାନ, ନରେନ୍ଦ୍ର କୁମାର ଚାନ୍ଦ, ଅଜୟ କୁମାର ବେହେରା, ଜଗ ମୋହନ ସେନାପତି, ଶିବାଶିଷ ମିଶ୍ର ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ସମସ୍ତ ଛାତ୍ର, କର୍ମଚାରୀଙ୍କ ସହୋଯାଗ ରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

## କାଳିଆଗାଁରେ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର, ୧୭/୩ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କାଳିଆଗାଁଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ସହକାରି ନିବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ବିଏଫଓ ତତ୍ୱମାସୀ ଖୁଂଟିଆ, ଜିପିଓ ସୁବାସ ଖିଲ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ପାନିୟ ଜଳ ସମସ୍ୟା, ରାସ୍ତା ନାଳ ନିର୍ମାଣ ନେଇ ଦାବି କରିଥିଲେ। । ଏହା ସହ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରି ମାନେ ସଚେତନ କରିଥିଲେ ।

# ଡାକ୍ତର ହରେକୃଷ୍ଣ ନାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା

ଭଦ୍ରକ, ୧୭/୩ (ନି.ପ୍ର): ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖାର ଚଳିତ ବର୍ଷ ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ସଭାପତି ଡାକ୍ତର ହରେକୃଷ୍ଣ ନାୟକଙ୍କୁ ଜୀବନବ୍ୟାପୀ ଉତ୍ସର୍ଗୀକୃତ ସେବା ଓ ସାଧନାର ସ୍ୱୀକୃତିସ୍ୱରୂପ ଭଦ୍ରକ ନାଗରିକ ସମାଜ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଯଶସ୍ୱୀ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ଭଦ୍ରକର ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡାକ୍ତର ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ କଳ୍ପନା ଦେବୀ ବୃଦ୍ଧାଶ୍ରମ ଡାକ୍ତର ନାୟକଙ୍କ ଉତ୍ସର୍ଗୀକୃତ ସେବାର ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି ଅଭିମତ ଦେଇଥିଲେ । ଯେଉଁ ସମୟରେ ବରିଷ୍ଠମାନେ ପରିବାରରେ ଅଲୋଡ଼ା ହୋଇ ଅସହାୟ ଓ ନିରାଶ୍ରୟ ମଣୁଛନ୍ତି, ସେହି କ୍ଷେତ୍ରରେ ଏହି ବୃଦ୍ଧାଶ୍ରମ ସେମାନଙ୍କ ସୁଖ ଓ ସ୍ୱାଚ୍ଛନ୍ଦ୍ୟର ଆଶ୍ରୟସ୍ଥଳୀରେ ପରିଣତ ହୋଇଯାଉଛି । ସମ୍ମାନିତ ଅତିଥି ଭାବେ ଭଦ୍ରକର ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର କୁମାର ନାୟକ ଏବଂ ଯାଜପୁରର କାର୍ତିକ ଚନ୍ଦ୍ର ରାଉତ, ଡାକ୍ତର ହରେକୃଷ୍ଣ ନାୟକ ଜୀବନର ଆଦ୍ୟ ସୋପାନରେ ଭଦ୍ରକରେ ପ୍ରଥମ ନର୍ସିଂହୋମ୍ ଏବଂ ଅଲ୍ଟ୍ରାସାଉଣ୍ଡ କ୍ଲିନିକ ପ୍ରତିଷ୍ଠା କରି କିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଥିଲେ, ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ସମାରୋହରେ ଅନ୍ୟତମ ଅତିଥି ଭାବେ କ୍ୟାପଟେନ ସୁଦୀପ ସାହୁ ତାଙ୍କ କର୍ମକ୍ଷେତ୍ରରେ ଡାକ୍ତରମାନେ କିପରି ସମଗ୍ର କ୍ୟାମ୍ପ ନିମନ୍ତେ ଜୀବନରେଖା ଭାବେ କାର୍ଯ୍ୟ କରନ୍ତି, ନିଜ ଅନୁଭୂତିରୁ ତାହାର ଦୃଷ୍ଟାନ୍ତ ଦେଇଥିଲେ । ସମ୍ବର୍ଦ୍ଧନାର ପ୍ରତ୍ୟୁ ରରେ ଡାକ୍ତର ହରେକୃଷ୍ଣ ନାୟକ ସରକାରୀ ଚାକିରିକୁ ପ୍ରତ୍ୟାଖ୍ୟାନ କରି ସାଧାରଣ ଜନତାଙ୍କର ସେବା କରିବା ପାଇଁ ସେ ଯେଉଁ ସଂକଳ୍ପ ନେଇଥିଲେ , ତାହା ବୃହତର କ୍ଷେତ୍ରରେ ତାଙ୍କୁ ଅନୁଗୃହୀତ କରିଛି ବୋଲି ସ୍ୱୀକାର କରିଥିଲେ। ଜୀବନର ଅନ୍ତିମ ମୁହୂର୍ତ ପର୍ଯ୍ୟନ୍ତ ସେହି ପଥରେ ଅଟଳ ରହିବେ ବୋଲି ସେ ଆଉଥରେ ସଂକଳ୍ପ ନେଇଥିଲେ। ଏହି ସମ୍ବର୍ଦ୍ଧନା ସମାରୋହରେ ରୋଟାରୀୟାନ ଅଭିଜିତ ନାୟକ ମଂଚ ପରିଚାଳନା କରିଥିଲାବେଳେ ସମାଜସେବୀ ସୁଧାକର ରାଉତ ମଂଚ ଆମନ୍ତ୍ରଣ କରିଥିଲେ । ମେଡିସିନ ବିଭାଗର ଆସୋସିଏଟ ପ୍ରଫେସର ଭାଗ୍ୟଶ୍ରୀ ପଣ୍ଡା ଡାକ୍ତର ନାୟକଙ୍କ ସଂକ୍ଷିପ୍ତ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ସମାରୋହରେ ଭଦ୍ରକ ରୋଟାରୀ କ୍ଲବ, ଇନରହୁଇଲ କ୍ଲବ, ଲାୟନସ୍ କ୍ଲବ ଭଦ୍ରକାଳୀ, ବୁଢ଼ା ଗଣେଶ କୂଜା କମିଟି, ତେଜସ୍ୱିନୀ ମହିଳା ସଂଘ, ଭଦ୍ରକ ସାମ୍ବାଦିକ ସଂଘ, ଗାନ୍ଧୀ ବିଚାର ମଂଚ,ଭଦ୍ରକ ସାହିତ୍ୟ ପରିଷଦ, ଭାରତୀୟ ଚିକିତ୍ସକ ସଂଘ,କଟକ, ବରିଷ୍ଠ ନାଗରିକ ମହାସଂଘ ତରଫରୁ ଡାକ୍ତର ନାୟକଙ୍କୁ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶିଷ୍ଟ ରାଜନେତା ଚନ୍ଦ୍ରଶେଖର ନାୟକ ଏବଂ ଡାକ୍ତର ବକ୍ତାବର ଡାକ୍ତର ନାୟକଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ । ସମାରୋହକୁ ସଫଳତାର ସହ ପରିଚାଳନା କରିଥିଲେ ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ଡାକ୍ତର ବିକାଶ ନନ୍ଦ, ଇଂ ବସନ୍ତ କୁମାର ପାଣିଗ୍ରାହୀ, ଅଂଜନା ମିଶ୍ର, ଜଗନ୍ନାଥ ରାଉତ, ବୈଲୋଚନ ବେଉରିଆ, ଶାନ୍ତନୁ କୁମାର ରାଉତ,ସ୍ନେହଲତା ବେହେରା। ସମାରୋହରେ ଭଦ୍ରକର ଶତାଧିକ ବୁଦ୍ଧିଜୀବୀ ଯୋଗ ଦେଇଥିଲାବେଳେ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଦିଲ୍ଲୀପ କୁମାର ନାୟକ ।

# ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ ୪ ଦିନିଆ ଦକ୍ଷତା ବିକାଶ ତାଲିମ ଓ କର୍ମଶାଳା ଶୁଭାରମ୍ଭ

ଭୁବନେଶ୍ୱର, ୧୭/୩ (ନି.ପ୍ର): ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୁଲ୍ୟରେ ସୂଚନା ଅଧିକାର ଆଇନ-୨୦୦୫ ସମ୍ବନ୍ଧୀୟ ଏକ ଚାରି ଦିବସୀୟ ଦକ୍ଷତା ବିକାଶ ତାଲିମ୍ ତଥା କର୍ମଶାଳା ଉଦଘାଟିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ସୂଚନା ଆୟୁକ୍ତ ଦିଲ୍ଲୀପ୍ କୁମାର ବିଷୋୟୀ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ନୋଡାଲ୍ ପିଆଇଓ, ପ୍ରଥମ ଅପିଲ୍ କର୍ତୃପକ୍ଷ ଓ ଅଧିକାରୀମାନଙ୍କୁ ସୂଚନା ଅଧିକାର ଆଇନ୍ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗର ସମ୍ମିଳନୀ କକ୍ଷରେ କର୍ମଶାଳାର ଉଦଘାଟନରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ଓ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଉଷାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ବିଶୋୟୀ ସୂଚନା ଅଧିକାର ଆଇନ-୨୦୦୫ର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଆଇନ ନାଗରିକମାନଙ୍କୁ ସରକାରୀ କର୍ତୃପକ୍ଷଙ୍କଠାରୁ ସୂଚନା ପାଇବାକୁ କ୍ଷମତା ଦିଏ ଏବଂ ଦାୟିତ୍ୱପୂର୍ଣ୍ଣ ପ୍ରଶାସନକୁ ପ୍ରୋତ୍ସାହିତ କରେ । ସରକାରୀ କର୍ତୃପକ୍ଷଙ୍କୁ ଦକ୍ଷ କରିବା ପାଇଁ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି । ସେହିପରି ସୂଚନା ଅଧିକାର ଆଇନର ବିଭିନ୍ନ ଧାରା, ଏହାର କାର୍ଯ୍ୟପ୍ରଣାଳୀ ଓ ନିଜ ଅନୁଭବ ଆଧାରିତ ଅନେକ ଉଦାହରଣ ମାଧ୍ୟମରେ ସେ ଅଂଶଗ୍ରହଣକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ସେହିପରି ନିର୍ଦ୍ଦେଶକ ଶ୍ରୀ ଦାସ ପଟ୍ଟନାୟକ ସୂଚନା ଅଧିକାର ଆଇନର ଗୁରୁତ୍ୱ ଉପରେ ଆଲୋକପାତ କରି ସରକାରୀ ପ୍ରଶାସନର ସ୍ୱଚ୍ଛତା ଓ ଉତରଦାୟିତ୍ୱ ବୃଦ୍ଧିରେ ଏହି ଆଇନର ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ । ସେହିପରି ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ବେହୁରିଆ ଆରଟିଆଇ ଆବେଦନ ଗ୍ରହଣ କରିବା ଏବଂ ଉଚିତ୍ ସମୟରେ ଉତ୍ତର ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଏହି ଚାରି ଦିବସୀୟ କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିବେ । ୪ ଟି ପର୍ଯ୍ୟାୟରେ ସମସ୍ତ ବିଭାଗର କର୍ତୃପକ୍ଷଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

# ଜାତୀୟ ସେବା ଯୋଜନା ଓ ଶିକ୍ଷକ ଶିକ୍ଷା ବିଭାଗର ରକ୍ତଦାନ ଶିବିର

ଜୟପୁର, ୧୭/୩ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ପୁରୁଷ ଓ ମହିଳା ଶାଖା) ଓ ଶିକ୍ଷକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ବ୍ୟୁରୋ ମୁଖ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ଡଃ. ମନୋରଞ୍ଜନ ପ୍ରଧାନ ଉଦଘାଟନ କରିଥିବା ବେଳେ କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ପ୍ରମାଣ ପତ୍ର ବଂଟନ କରିଥିଲେ। କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ରକ୍ତ ସଂଗ୍ରହକାରୀ ଦଳଙ୍କ ତତ୍ୱାବଧାନରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସୁଶୀଲ ଶବର, ବି. ଗଙ୍ଗାଧର, ଅଜିତ୍ କୁମାର ଗୌଡ, ରବିନ୍ଦ୍ର କୁମାର ମିଶ୍ରଙ୍କ ସମେତ ସମାଜସେବୀ ପ୍ରମୋଦ ରାଉଳ, ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ଥର ପାଇଁ ରକ୍ତଦାନ କରୁଥିବା ଯୁବ ସ୍ୱେଚ୍ଛାସେବୀ ମାନଙ୍କ ଉତ୍ସାହ ଶିକ୍ଷଣୀୟ ଓ ପ୍ରେରଣାଦାୟୀ ଥିଲା। କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ସୁକାନ୍ତି ସ ଓ ଲୋକେଶ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ ଡଃ. ମନୋରଞ୍ଜନ ପ୍ରଧାନଙ୍କ ମାର୍ଗଦର୍ଶନ ତଥା ସହକାରୀ ପ୍ରଫେସର ଡଃ. ନରେନ୍ଦ୍ର କୁମାର ମହାରଣା, ଶ୍ରୀମତି କସ୍ତୁରୀ ଆଚାର୍ଯ୍ୟ, ସୁଶ୍ରୀ ଅନୀତା ପଟ୍ଟନାୟକ, ଶ୍ରୀମତି ଅନୁପମା ମିଶ୍ର, ସୁଶ୍ରୀ ପରିଚିତା ମହାପାତ୍ର, ଅଧ୍ୟାପକ ୟପ୍ରତ୍ ପାଣ୍ଡେ, ଅଭୟ ପରିଡ଼ା, ଅନ୍ତର୍ଯ୍ୟାମୀ ମହଲା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କାର୍ଯ୍ୟକ୍ରମ ସଂଯୋଜକ ଡଃ. ପ୍ରଧାନ, କାର୍ଯ୍ୟକ୍ରମ ଅଧିକାରୀ ଲୋକେଶ ପ୍ରଧାନ, ସହକାରୀ ପ୍ରଫେସର ପରିଚିତା ମହାପାତ୍ର, ଅନୁପମା ମିଶ୍ର, ୟପ୍ରତ୍ ପାଣ୍ଡେ, ଡଃ. ସ୍ମିଥ୍ ଶତପଥୀ ପ୍ରମୁଖ ରକ୍ତଦାନ କରି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟ ଯେ, ରକ୍ତଦାନ ଅଭିପ୍ରେରକ ଡଃ. ନରେଶ ଚନ୍ଦ୍ର ସାହୁ ପୂର୍ବଦିନ ସ୍ୱେଚ୍ଛାସେବୀ ମାନଙ୍କୁ ଆଭାସୀ ମାଧ୍ୟମରେ ପ୍ରେରିତ କରିଥିଲେ। ଏନ୍ ଏସ୍ ଏସ୍ ଓ ଶିକ୍ଷକ ଶିକ୍ଷା ବିଭାଗର ଏହି ମହତ୍ କାର୍ଯ୍ୟକୁ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଶଂସା କରାଯାଇଥିଲା।

# ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା

ମାଲକାନଗିରି, ୧୭/୩ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଏହି ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ମାଲକାନଗିରି ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀ ଉପାଧ୍ୟାୟ ମାଲକାନଗିରିରୁ ବଦଳି ହୋଇ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ମାଲକାନଗିରିରେ ମାତ୍ର ୮ ମାସର କାର୍ଯ୍ୟକାଳ ମଧ୍ୟରେ ସେ ନିଜର କାର୍ଯ୍ୟଦକ୍ଷତା ଓ ଜନହିତକର କାର୍ଯ୍ୟ ପାଇଁ ଜିଲ୍ଲାବାସୀଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ବିଶେଷକରି ବଣ୍ଡା ଜନଜାତିଙ୍କ ବିକାଶ ଓ ପର୍ଯ୍ୟଟନ କ୍ଷେତ୍ରରେ ତାଙ୍କର ଦିଗଦର୍ଶନ ସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲାରେ ପ୍ରଥମ ଥର ପାଇଁ ପଂଚାୟତ ସ୍ତରରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ କରିବାରେ ମଧ୍ୟ ଶ୍ରୀ ଉପାଧ୍ୟାୟଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ ହୋଇପାରିଥିଲା। ତାଙ୍କର ସ୍ୱଚ୍ଛ ରହଣି ମଧ୍ୟରେ ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, ତହସିଲଦାର, ବିଡିଓ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ବାଦିପାଲା ଉଦ୍ୟାପିତ

ଭଦ୍ରକ, ୧୭/୩ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଂଚାୟତ ଗାୟକ ଅନିରୁଦ୍ଧ ପାଣିଗ୍ରାହୀ ପ୍ରାଚୀ ପାଲାପୀଠ ସାରଣା ଠାରେ ଗୁରୁବାର ଠାରୁ ଆରମ୍ଭ ହୋଇ ଉଦଯାପିତ ହୋଇଯାଇଛି। ଗାୟକ ତତ୍ୱବିଭୂଷଣ ଡ.ଲମ୍ବୋଧର ବେହେରା ଓ ଗାୟକ ପୀୟୂଷ ଶ୍ରୀ ସତ୍ୟନାରାୟଣ ଜେନା ଙ୍କ ମଧ୍ୟରେ ବାଦୀପାଲା ପରିବେଷଣ ହୋଇଯାଇଛି। ହରିହର ପାଣିଗ୍ରାହୀ, ନୀଳମଣି ଦାସ, ଗୋପୀନାଥ ବାରିକ୍, ବାବାଜୀ ବାରିକ୍, ନରହରି ବେହେରା, ଅର୍ଜୁନ ସେଠୀ, ହରିହର ସେଠୀ, ହରିହର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରବାସୀ ଶ୍ରମିକ ସଚେତନତା ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୧୭/୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର କେନ୍ଦୁପାଟି ଗ୍ରାମ ପଂଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଗ୍ରାମ ପଂଚାୟତ ସ୍ତରୀୟ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସି ଡି ଏମ୍ ଓ ଡଃ. ଧନେଶ୍ୱର ସେଠୀ, ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ସ୍ଥାନୀୟ ସରପଂଚ ଚନ୍ଦ୍ର ଷଣ୍ଢ ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ । ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ପ୍ରଥମେ ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ନବଜାତକ ଶିଶୁକନ୍ୟା ପୂଜା ପୋଡକୁ କୋଳରେ ଧରି ତାହାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ତିନି ଜଣ ଗର୍ଭବତୀ ମହିଳାଙ୍କୁ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ । ଏହି ଅବସରରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇ ପ୍ରବାସୀ ଶ୍ରମିକ ନିରାକରଣ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି କରା ଯାଇଥିଲା । ସ୍କୁଲ ପିଲା ମାନଙ୍କ ଦ୍ୱାରା ନୃତ୍ୟ ପରିବେଶଣ କରାଯାଇ ଜନସଚେତନତା ସୃଷ୍ଟି କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ସମସ୍ତଙ୍କୁ ଉଦବୋଧନ ଦେଇ କହିଲେ ଯେ, ସରକାରଙ୍କ ପକ୍ଷରୁ ବହୁତ ଜନ ମଙ୍ଗଳକାରୀ ତଥା କର୍ମ ନିଯୁକ୍ତି ଯୋଜନା ଜିଲ୍ଲାରେ ଉପଲବ୍ଧ ଅଛି। ସେ ଗ୍ରାମବାସୀଙ୍କୁ ପ୍ରବାସୀ ଶ୍ରମିକ ଭାବରେ ନଯାଇ ଘରେ ରହି ଏହାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ସେ ଛୋଟ ପିଲାଙ୍କୁ ଶିଶୁ ଶ୍ରମିକ ଭାବେ ନିୟୋଜିତ ନକରି ସ୍କୁଲ୍ ପଠେଇବା ପାଇଁ ବାପା ମା ମାନଙ୍କୁ କହିଥିଲେ। ସେହିପରି ଗାଁ କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ, ତିନି ଜଣ ହିତାଧିକାରୀ ଶ୍ରମିକଙ୍କୁ ମନରେଗା ଯୋଜନାରେ ୧୦୦ ରୁ ଅଧିକ ଦିନ କାମ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦୁଇ ପରିବାରକୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଚମରୁ ବଛା, ଗୋଲାପୀ ବାଗ, ବିଶ୍ୱନାଥ ନାଗ, କୌଶଲ୍ୟା କନ୍ଦ, ଦୁର୍ଯ୍ୟଧନ ଓ ଦେବକୀ ହରିଜନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ବିବାହ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି, ଗୟା ଶବର ଓ ଦୂର୍ଯ୍ୟଧନଙ୍କୁ ଶିକ୍ଷା ସହାୟତା ପ୍ରଦାନ କରାଯାଇଥିଲା। ଦୁଇ ଜଣ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ, ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ବାସ, ଖାଦ୍ୟ, ଜଳ ଯୋଗାଇ ଦେଇଥିଲେ ।

# ମିଳିମିଳା ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୧୭/୩ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ମିଳିମିଳା ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ଭାରତୀ ଅଧ୍ୟକ୍ଷ ଡା. ନକୁଳ ସାହୁ କହିଲେ, ଏହି ଋତୁରେ କିଛି ଶିଶୁଙ୍କ ଠାରେ ମସୁର ପରି କିଛି ଚିହ୍ନ ଦେଖାଗଲେ ପରିବାର ଲୋକ ସନ୍ଦେହରେ ବସନ୍ତ ଭାବି ବ୍ୟସ୍ତ ହୋଇପଡୁଛନ୍ତି। ଦୂଷିତ ଜଳ ପାନ, ଖଟା ଖାଇଲେ ଓ ଖୋଲା ପବନରେ ଅଧିକ ବୁଲିଲେ କଫ ବଢି ଭୂତାଣୁ ସଂକ୍ରମିତ ହୁଏ। ରୋଗାକ୍ରାନ୍ତ ଶିଶୁର ନାସା ସ୍ରାବ ପବନ ଦ୍ୱାରା ଯାଇ ଅନ୍ୟ ଶିଶୁ ମାନଙ୍କୁ ସଂକ୍ରମଣ ହୁଏ। ସାହି, ସହର, ଗ୍ରାମ ବ୍ୟାପିଯାଏ। ଆଖି ନାକରୁ ପାଣି ବହେ, ଜ୍ୱର, ଶୁଷ୍କ କାସ, ଅରୁଚି, ମୁଣ୍ଡବ୍ୟଥା, ଶରୀର ପୀଡା ସହ ମସୁର ଡାଇ ପରି ଫୋଟକା ଦେହ ସାରା ବାହାରି ପଡେ। ମସୁରର ଲକ୍ଷଣ ମସୁର ମଝିରେ ବିନ୍ଦୁଟିଏ ଦବିଲା ପରି ହୋଇଥାଏ। କାରଣ ଗୁଡିକୁ ଛାଡି ଲଘୁ ଖାଦ୍ୟ, ଉଷୁମ ଜଳ ପାନକରିବେ, ଘରେ ଭୂତାଣୁ ନାଶ ପାଇଁ ଝୁଣା ନିମ୍ବ ପତ୍ର ଧୂପ ଦେବେ, ପ୍ରତିଷେଧ ପାଇଁ ହଳଦୀଗୁଣ୍ଡ କିମ୍ବା କଲରା ପତ୍ର ରସ ସକାଳୁ ତିନିଦିନ ଖାଇବେ। ଶେଜରେ କୋମଳ ନିମ୍ବ ପତ୍ର ପକାଇବେ, ଶରୀର କୁଣ୍ଡେଇ ହେଲେ ନିମ୍ବ କାଠିରେ କୁଣ୍ଡାଇବେ। ଗୋରଚନା ବା ହଳଦୀଗୁଣ୍ଡ ଦିନରେ ତିନିଥର ମହୁ ସହ ଖାଇଲେ ଜ୍ୱର ସହ ମିଳିମିଳା ଭଲ ହୋଇଯାଏ। କାଶ ପାଇଁ ତୁଳସୀ ରସ ଦେବେ, ପଦାରେ ବୁଲିବେ ନାହିଁ।

# ସାମ୍ବାଦିକ ମିହିର ମହାପାତ୍ରଙ୍କ ବିୟୋଗରେ ଓୟୁଜେର ଶୋକ



ବାଲେଶ୍ୱର, ୧୭/୩ (ନି.ପ୍ର): ବାଲେଶ୍ୱରର ବରିଷ୍ଠ ସାମ୍ବାଦିକ ମିହିର ମହାପାତ୍ର (ମୁନ୍ନା ଭାଇ) ଙ୍କର ଆଜି ଭୋର ସମୟରେ ଭୁବନେଶ୍ୱର ରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା। ଶ୍ରୀ ମହାପାତ୍ର ମାର୍ଚ୍ଚ ୮ ତାରିଖ ୧୯୫୮ ମସିହାରେ ଜନ୍ମ ହୋଇ ୧୭ ମାର୍ଚ୍ଚ ,୨୦୨୬ ରେ ଆଜି ଦେହାନ୍ତ ହୋଇଯାଇଛି ।ସେ ଜଣେ ଯୁବ ସଂଗଠକ, କାଉନସିଲର ସହିତ ଜଣେ ବରିଷ୍ଠ ସାମ୍ବାଦିକ ଥିଲେ। ବିଭିନ୍ନ ସମ୍ବାଦ ପତ୍ରରେ ସେ ଜିଲ୍ଲା ପ୍ରତିନିଧି ଭାବେ ଦକ୍ଷତାର ସହ କାର୍ଯ୍ୟ କରିବା ସହ ବିଭିନ୍ନ ଅନୁଷ୍ଠାନ ସହ ମଧ୍ୟ ଜଡ଼ିତ ଥିଲେ। ଦୀର୍ଘଦିନ ଧରି ଅସୁସ୍ଥ ହୋଇଥିବାରୁ ସେ ଭୁବନେଶ୍ୱର ରେ ଝିଅ ପାଖରେ ରହି ଚିକିତ୍ସିତ ହେଉଥିଲେ। ସେ ଓଡ଼ିଶା ସାମ୍ବାଦିକ ୟୁନିଅନର ସଦସ୍ୟ ଥିବାରୁ ବହୁ ସଦସ୍ୟ ମୃତ୍ୟୁ ପୂର୍ବରୁ ତାଙ୍କୁ ଭୁବନେଶ୍ୱର ଠାରେ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ। ଆଜି ସକାଳେ ତାଙ୍କର ମୃତ୍ୟୁ ଖବର ପାଇବା ପରେ ୟୁନିଅନର ସଦସ୍ୟ ମାନେ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦ ଗତି କାମନା କରିଛନ୍ତି ।ପ୍ରଭୁ ଜଗନ୍ନାଥ ତାଙ୍କ ପରିବାରଙ୍କୁ ଧୈର୍ଯ୍ୟ ଶକ୍ତି ଓ ସାହସ ଦିଅନ୍ତୁ ବୋଲି ସମସ୍ତ ସଦସ୍ୟ କାମନା କରିଛନ୍ତି। ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି, ସଧାରଣ ସମ୍ପାଦକ କିଷାନ ରାଉତ,ଙ୍କ ସମେତ ରାଜ୍ୟ ଶାଖାର ବହୁ ସଦସ୍ୟ, ବାଲେଶ୍ୱର ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତ, ଶିଶିର କୁମାର ଦାସ, ସୁରେଶ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ଦାସ, ଅନାମ ଚରଣ ପଣ୍ଡା, ରାମନାରାୟଣ ଶତପଥୀ, ବିବେକାନନ୍ଦ ଦାସ, ଚନ୍ଦ୍ରମୋହନ ମହାପାତ୍ର, ରତିକାନ୍ତ ପାଢ଼ୀ, ଉତ୍କଳବନ୍ଧୁ ପଣ୍ଡା, ସମରେଶ ମଣ୍ଡଳ, ରମାକାନ୍ତ ପଣ୍ଡା, ଲୋକନାଥ ପିରୀ, ତୃପ୍ତିକାନ୍ତ ପାଢ଼ୀ , ଲକ୍ଷ୍ମୀଧର ଗାଣ, ସୋମନାଥ ସାହୁ, ମହେଶ୍ୱର ପ୍ରଧାନ, କହ୍ନେଇ ଚରଣ ପ୍ରଧାନ, ସଞ୍ଜୟ କୁମାର ବେହେରା,ମଦନ ମୋହନ ଦାସ ମହାପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ସମବେଦନା ଜଣାଇଛନ୍ତି।

# ଆକର୍ଷିକା ଆଇଟି କନସଲଟିର ପ୍ରଥମ ପ୍ରତିଷ୍ଠା ଦିବସ

ଲଙ୍ଗଳେଶ୍ୱର , ୧୭/୩ (ନି.ପ୍ର): ରବିବାର ଦିନ ବାଲେଶ୍ୱର ସହରରେ ଅବସ୍ଥିତ ପଦ୍ମାବତୀ ପାର୍କରେ ଆକର୍ଷିକା ଆଇଟି କନସଲଟି ର ପ୍ରଥମ ପ୍ରତିଷ୍ଠା ଦିବସକୁ ବହୁତ ଉତ୍ସାହ ଏବଂ ଆନନ୍ଦ ର ସହିତ ପାଳନ କରାଯାଇଥିଲା । ଉକ୍ତ ଅନୁଷ୍ଠାନର ନିଦଦେର୍ଶକ ପ୍ରକାଶ ଚନ୍ଦ୍ର ଦେ ସମସ୍ତ କର୍ମଚାରୀ ସେମାନଙ୍କର ପିତା ମାତା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସମାରୋହ ସହିତ କାର୍ଯ୍ୟ କ୍ରମ ପାଳନର ଏକ ସକାରାତ୍ମକ ଭାବ ସୃଷ୍ଟି ହୋଇଥିଲା ।ଅଙ୍କିତା ଏବଂ ମାମିନା କାର୍ଯ୍ୟ କ୍ରମ କୁ ସୁନ୍ଦର ଭାବରେ ପରିଚାଳନା କରିଥିଲେ। ଉକ୍ତ ଉତ୍ସବ ରେ ଅପରେସନ୍ସ ନିର୍ଦ୍ଦେଶକ କର୍ମଚାରୀ ଆଉଟ ସୋର୍ସିଂ କର୍ମଚାରୀ ଉପସ୍ଥିତ ରହି ଅନୁଷ୍ଠାନକୁ ସଂଗଠିତ କରିଥିଲେ। ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଦେ ମହୋଦୟ କେତେକ ପ୍ରେରଣା ଦାୟକ ବାର୍ତ୍ତା ଉତ୍ସର୍ଗୀକୃତ ପ୍ରଶଂସା ଏବଂ କମ୍ପାନୀର ଭବିଷ୍ୟତର ସଫଳତା ନିମିତ୍ତ ସମ୍ମିଳିତ କାର୍ଯ୍ୟ,୧୦୦-୨୦୦କର୍ମଚାରୀଙ୍କୁ ନିଯୁକ୍ତି ଦେବା ,କମ୍ପାନୀର କାର୍ଯ୍ୟ ସମ୍ପ୍ରସାରଣ କରିବା ,ଅଧିକ ଲାଭ ବୃଦ୍ଧି,ନୂତନ କ୍ୟାମ୍ପସ ତିଆରି କରିବା ଇତ୍ୟାଦି ବାର୍ତ୍ତା ଦେଇଥିଲେ ।କାର୍ଯ୍ୟକ୍ରମରେ ପିତା ମାତା ଏବଂ କର୍ମଚାରୀମାନଙ୍କ ମଧ୍ୟରେ ମଜାଦାର ଖେଳ ,ଓ ପୁରସ୍କାର ବିତରଣ କରାଯାଇଥିଲା ।ସୁମ୍ୟପ୍ରକାଶ ମାନ୍ନା ଙ୍କୁ ରାଇଜିଂ ଷ୍ଟାର ପୁରସ୍କାର,ମାମିନା କରଙ୍କୁ ଉତ୍କୃଷ୍ଟ କାର୍ଯ୍ୟ ଏବଂ ସମର୍ପଣ ପାଇଁ ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଥିଲା ।ସର୍ବଶେଷରେ ରତନ କୁମାର ଜେନା , ଜ୍ୟୋତିର୍ମୟୀ,ସୁନିଲ ,ନିଖିଲ, ଏବଂ ପ୍ରତ୍ୟାଶାଙ୍କୁ ସମସ୍ତ କାର୍ଯ୍ୟ କ୍ରମ କୁ ସୁଗମ ଭାବରେ ପରିଚାଳନା କରିଥିବାରୁ ସମସ୍ତଙ୍କୁ ଅନୁଷ୍ଠାନ ତରଫରୁ କୃତଜ୍ଞତା ପ୍ରଦାନ କରାଯାଇଥିଲା ।

## ଉପଭୋଗ୍ୟ ଶବ୍ଦ...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

କେଉଁ ଅଞ୍ଚଳରେ କେତେ ସ୍ତରର ଏବଂ କେଉଁ ମାନ ଦଣ୍ଡ ଗ୍ରହଣ କରାଯାଇ ଶବ୍ଦ ଡେସିବଲ ବ୍ୟବହାର କରାଯିବ ସେ ନେଇ ସର୍କୁଲାର ରହିଛି। କେବଳ ସେତିକି ନୁହେଁ ଏହାକୁ ଯେଉଁମାନେ ବି ଖିଲାପ କରୁଥିବେ ସେମାନଙ୍କ ବିରୋଧରେ କେଉଁ ସ୍ଥାନରେ, କେଉଁ ତଥ୍ୟାବଳୀ ସହ ଅଭିଯୋଗ ରଖିପାରିବେ ସେ ନେଇ ମଧ୍ୟ ଆଇନରେ ସ୍ପଷ୍ଟ ଭାବରେ ଅନେକ ନିର୍ଦ୍ଦେଶାବଳୀ ଉଲ୍ଲେଖ ରହିଛି। ଏଠାରେ ଏକ ତଥ୍ୟ ରଖିପାରୁ କି ଯେ ଶବ୍ଦର ଗ୍ରହଣୀୟ ଡେସିବଲ ମାପ ମାନଦଣ୍ଡ ସବୁକ୍ଷେତ୍ର ପାଇଁ ସମାନ ନଥାଏ। ଶିଳ୍ପ ନିର୍ମାଣ କ୍ଷେତ୍ର, ଆକାଶପଥ, ରେଳପଥ, ସଡ଼କପଥ ସବୁ ପାଇଁ ଅଲଗା ଅଲଗା ଆଇନର ନିର୍ଦ୍ଦେଶାବଳୀ ରହିଛି କିନ୍ତୁ ସଚେତନତା ନଥିବାରୁ ଓ ପ୍ରଶାସନିକ କ୍ଷେତ୍ରରେ ଉଦାସୀନତା ମାନସିକତା ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ବର୍ତ୍ତମାନର ଜଳବାୟୁର ଯେଉଁପରି ବିଭିନ୍ନ ବ୍ୟତିକ୍ରମ ଓ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ସବୁ ଦେଖାଦେଉଛି ଏ ସବୁକୁ ଦେଖିଲେ ଉପରୋକ୍ତ ପ୍ରଦୂଷଣ କ୍ଷେତ୍ର କିପରି ଯେ ଜୀବଜଗତ ଠାରୁ ପ୍ରାଣୀଜଗତ ଆମ ସମସ୍ତଙ୍କ ପାଇଁ ବିଷର ବଳୟ ସୃଷ୍ଟି କରୁଛନ୍ତି ତାହା ଚିନ୍ତାଜନକ ନିଶ୍ଚୟ। ଶ୍ରାବଣ ମାସରେ ଧାରା ଶ୍ରାବଣର ବର୍ଷା ଆଉ ନାହିଁ, ଗାଁ ଗଣ୍ଡାରେ ରହିଥିବା ବିଲର ପାଣି ବା ପୋଖରୀ ହୁଡ଼ାରେ ଆଉ ବେଙ୍ଗ ରଡ଼ି ବି ଶୁଭୁନାହିଁ, କ୍ୱଚିତ କେଉଁଠି କୋଇଲିଟି ରାବ ଦେଉଛି, ଖରା ଦିନରେ ଅଚାନକ କାଳବୈଶାଖୀ ଓ ବର୍ଷା ଏମିତିରେ କହିଲେ ତ ଆମ୍ଭେମାନେ ପ୍ରାୟତଃ ତିନଟି ଋତୁ ଅର୍ଥାତ୍ ବର୍ଷା, ଶୀତ ଓ ଗ୍ରୀଷ୍ମ ଅନୁଭବ କରୁ। ଦିନକୁ ଦିନ ଆମ୍ଭେମାନେ ଜୀବନକୁ ଅନ୍ୟ ମାନଙ୍କ ଠାରୁ ଉଚା ଦେଖାଇବା ପାଇଁ ଅନେକ ଅର୍ଥ ଅପଚୟ କରି ହୁଏତ କିଛି କ୍ଷଣ ପାଇଁ ସମୟକୁ ଉପଭୋଗପୂର୍ଣ୍ଣ କରାଯାଇପାରେ। କିନ୍ତୁ ଏହା ନିଶ୍ଚିନ୍ତ ପ୍ରଦୂଷଣର ଭୟାବହତା ଯଦି ଆଜିଠାରୁ ସଠିକ ଭାବେ ବିଚାର କରାଯାଇ ମାନସିକତା ଓ ପରିବର୍ତ୍ତନକୁ ଗ୍ରହଣ କରାନଯାଏ ତେବେ ଆମ୍ଭେମାନେ ଯେ ଏକ ଭୟାନକ ଉତ୍କଟ ପ୍ରଦୂଷଣର ଗର୍ତ୍ତ ଭିତରକୁ ଯାଉଛେ ଏହା ମନେରଖିବା ଉଚିତ। ଏହାକୁ ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଚେତନ, ସତର୍କ କରିପାରିଲେ ନିଜେ ସୁରକ୍ଷିତ ରହିପାରିବା ଏହାସହ ଆମ ଆସୁଥିବା ପିଢ଼ି ଓ ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ଜୀବଜଗତର ସୁରକ୍ଷା ହୋଇପାରିବ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୧୬୩୫୨୮

# ଜମ୍ବେଶ୍ୱର ଡ଼ିଗ୍ରୀ ମହାବିଦ୍ୟାଳୟର ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ଖଇରା, ୧୭/୩ (ନି.ପ୍ର): ଖଇରା ବ୍ଲକ ଅନ୍ତର୍ଗତ, ଗରସଙ୍ଗ ଗ୍ରାମପଂଚାୟତରେ ଥିବା ଜମ୍ବେଶ୍ୱର ଡ଼ିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କ ନିମନ୍ତେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ରତ୍ନାକର ହାତି ପୌରହିତ୍ୟ କରିଥିବା ବେଳେ ଉକ୍ତ ଉତ୍ସବ ଦାୟିତ୍ୱରେ ଥିବା ଅଧ୍ୟାପକ ମାନସ ରଞ୍ଜନ ମହାପାତ୍ର ତଥା ଅଧ୍ୟାପକ ସମୀର କୁମାର ମହାରଣା, ଅଧ୍ୟାପିକା ଶୁଭ ଦର୍ଶନୀ ବେହେରା, ଅଧ୍ୟାପିକା ଅନୁପମା ପେଡା ଏବଂ ପ୍ରଶିକ୍ଷିକା ମନୋରମା ରାଉତ ମଧ୍ୟ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଠ ଦିନ ଧରି ଚାଲୁ ରହିବ ବୋଲି ଜାତୀୟ ସେବା ଯୋଜନା ର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମାନ ଭବାନୀ ଦାଶ ମତବ୍ୟକ୍ତ କଲେ।

# ରମଜାନ ମାସ ଉପଲକ୍ଷେ ସମାଜସେବୀ ଗୌରହରୀ ସାହୁଙ୍କ ପକ୍ଷରୁ ଇଫତାର ପାର୍ଟି ପ୍ରଦାନ



ଜଳେଶ୍ୱର, ୧୭/୩ (ନି.ପ୍ର): ଜଳେଶ୍ୱର ଏକ ଭାଇଚାରାର ସହର ହୋଇଥିବାରୁ ଉଭୟ ହିନ୍ଦୁ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସହଭାଗିତାରେ ପାଳନ କରିଥାନ୍ତି ।ପବିତ୍ର ରମଜାନ ମାସ ଚାଲିଥିବାରୁ ମୁସଲମାନ ଭାଇମାନଙ୍କ ଲାଗି ଏକ ଇଫତାର ପାର୍ଟିର ଆୟୋଜନ କରାଯାଇଥିଲା। ସମାଜସେବୀ ଗୌରହରି ସାହୁଙ୍କ ନେତୃତ୍ୱରେ ଗୋପାଳ ସାହୁ,ସୂର୍ଯ୍ୟକାନ୍ତ ସାହୁ,ଆୟୁଷ ସାହୁ ପ୍ରମୁଖ ରମଜାନ ମାସର ୨୭ ତମ ଦିବସରେ ଜଳେଶ୍ୱର ପୌରପାଳିକାର ଶାସନବାଡ଼,ପଞ୍ଚୁଘଣ୍ଟା ଗ୍ରାମର ୩ଟି ମସଜିଦ୍‌ରେ ଇଫତାର ପାର୍ଟି ରେ ୪ ସହ ଲୋକଙ୍କୁ ପ୍ରଦାନ କରିଥିଲା ବେଳେ ଥିଲା ବେଳେ ଏନୋର ମସଜିଦ ଝଡେଶ୍ୱରପୁର ଓ ତଇତୁଲ ମସଜିଦ ରାଜପୁରରେ ୩ ସହ ଲୋକଙ୍କୁ ଇଫତାର ପାର୍ଟି ପ୍ରଦାନ କରିଥିଲେ ।ଏଥିରେ ଶହ ଶହ ସଂଖ୍ୟାରେ ହିନ୍ଦୁ ଓ ମୁସଲମାନ ଭାଇମାନେ ସାଥିରେ ବସି ଭୋଜନ କରିବାର ନିଆରା ପରମ୍ପରା ଅନୁଷ୍ଠିତ ହୋଇଯାଇଛି ।ଉଭୟ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବ ଓ ସମ୍ପ୍ରୀତି ବୃଦ୍ଧିପାଉଥିବା ବେଳେ ଭାଇଚାରାର ସଂପର୍କ ବୃଦ୍ଧିପାଉଛି ବୋଲି କୁହାଯାଇଛି। ଏଥିରେ ନସିମ ଉଦ୍ଦିନ,ଅବଦୁଲ ଅଜିଜ ଖାନ,ଫିରୁଜ ଖାନ୍,ସେକ ହାସିମ ଉଦ୍ଦିନ,ମିନହାଜ୍ ଉଦ୍ଦିନ, ଇନତାଜ ଖାନ,ଏସ କେ ସତ୍ତାର,ଏସ କେ କୌଶଲ୍ ମହମ୍ମଦ,ସଫିର ଉଦ୍ଦିନ,ସୈଫ ଉଦ୍ଦିନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମା' ବାସନ୍ତୀ ଦୁର୍ଗାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

କେନ୍ଦ୍ରାପଡା, ୧୭/୩ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ତୁଣ୍ଡୁପୁର ଗ୍ରାମରେ ମା' ବାସନ୍ତୀ ଦୁର୍ଗାଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୋମବାର ଚୈତ୍ର କୃଷ୍ଣ ଦ୍ୱାଦଶୀ ତିଥିରେ ସ୍ଥାନୀୟ ତୁଣ୍ଡୁପୁର, ଦଧିବାମନ ପାଟଣା, କଚେରୀପଡା, ଦୃତିଆଳ, ସାନନାଇପୁର, ବଗଡ଼ା, ଭୂଇଁପୁର ଆଦି ଗ୍ରାମର ସାହସ୍ରାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଦିବ୍ୟ କଳସ ଶୋଭାଯାତ୍ରା, ଶୁଭାଧିବାସ, ହୋମଯଜ୍ଞ ଓ ଅନ୍ନଯଜ୍ଞ ଆଦିରେ ସାମିଲ ହୋଇ ବିଭୁକୃପା ଲାଭ କରିଥିଲେ। ସ୍ଥାନୀୟ ବଗଡ଼ା କୃଷି ସମବାୟ ସମିତିର ସମ୍ପାଦକ କାଳନ୍ଦୀ ଚରଣ ବିଶ୍ୱାଳ ସପତ୍ନୀକ ଯଜ୍ଞକର୍ତ୍ତା ଓ ପ୍ରଦୀପ କୁମାର ପତି ପୁରୋଧା ଭାବେ ରହି ଉକ୍ତ ଆଧାତ୍ମିକ କାର୍ଯ୍ୟ ପରିଚାଳନା କରିଥିଲେ। ଦୀର୍ଘ ୩୭ ବର୍ଷଧରି ଉକ୍ତ ମନ୍ଦିରରେ ସ୍ଥାନୀୟ ପ୍ରତ୍ୟକ୍ଷ ଦେବୀ ମା' ବାସନ୍ତୀ ଦୁର୍ଗା ପୂଜା ପାଇ ଆସୁଛନ୍ତି। ନୂତନ ସ୍ଥାୟୀ ମନ୍ଦିର ନିର୍ମାଣ ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ୟମ ସାକାର ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି।

# ବେତନଟୀରେ ବ୍ରାଉନସୁଗାର ରାକେଟ : ୬ ଗିରଫ, ଲକ୍ଷାଧିକ ଟଙ୍କାର ମାଦକ ଜବତ



ବେତନଟୀ, ୧୭/୦୩ (ନି.ପ୍ର) : ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅଞ୍ଚଳରେ ପୁଲିସଙ୍କ ଚଢ଼ାଉରେ ଏକ ଆନ୍ତଃଜିଲ୍ଲା ବ୍ରାଉନସୁଗାର ଚୋରାଚାଲାନ ରାକେଟକୁ ଧରିବାରେ ବଡ଼ ସଫଳତା ମିଳିଛି। ସୋମବାର ବେତନଟୀ ପୁଲିସ ଓ ସିଭିଲ ସ୍କ୍ୱାଡ୍ ?ର ସଂଯୁକ୍ତ ଅଭିଯାନରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରି ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ବାହାର ଜିଲ୍ଲା ଓ ରାଜ୍ୟରୁ ବ୍ରାଉନସୁଗାର ଆଣି ବେତନଟୀ, ବୈଶିଙ୍ଗା, ବାରିପଦା ଓ ଉଦଳା ଅଞ୍ଚଳରେ ବିତରଣ ହେଉଥିବା ଖବର ମିଳିଥିଲା। ଏହାପରେ କିଛିଦିନ ଧରି ପୁଲିସ ସନ୍ଦିଗ୍ଧଙ୍କ ଉପରେ ନଜର ରଖିଥିଲା। ୧୬ ମାର୍ଚ୍ଚ ସନ୍ଧ୍ୟା ରେ ଛୁରୁଣି ଛକ ନିକଟରେ ଚଢ଼ାଉ କରାଯାଇଥିବାବେଳେ ୬ ଜଣ ସନ୍ଦିଗ୍ଧଙ୍କୁ ଧରାଯାଇଥିଲା। ପୋଲିସକୁ ଦେଖି ସେମାନେ ପଳାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ସଫଳ ହୋଇନଥିଲେ। ତଦନ୍ତ କାଳରେ ସେମାନଙ୍କ ନିକଟରୁ ମୋଟ ୬୭.୬୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ।ଗିରଫ ଅଭିଯୁକ୍ତମାନେ ହେଲେ ଦେବଦତ୍ତ ନାଏକ (୩୯), ଅମଜାଦ୍ ଖାନ (୫୦), ଏସ୍.କେ. ରଫିକ୍ (୨୭), ମନୋଜ କୁମାର ବାରିକ (୨୯), ରାଜୁ ମୁଖୀ (୨୨) ଏବଂ ଡାକ୍ ଉର୍ଫ ରାଜେନ୍ଦ୍ର ବେହେରା (୩୨)। ସମସ୍ତେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବାସିନ୍ଦା। ଏହା ସହ ୬ଟି ମୋବାଇଲ୍ ଫୋନ୍, ପ୍ରାୟ ୫୧ ହଜାର ଟଙ୍କା ନଗଦ ଏବଂ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ୬ଟି ବାଇକ୍ ଓ ସ୍କୁଟି ଜବତ କରାଯାଇଛି। ଏହି ମାମଲାରେ ବେତନଟୀ ଥାନାରେ କେସ୍ ନଂ ୧୦୨/୨୬ ଅନୁସାରେ ଏନଡିପିଏସ୍ ଆଇନର ଧାରା ୨୧(ଖ)/୨୯ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ତଦନ୍ତକୁ ଆହୁରି ଗଭୀର କରାଯାଉଛି । ଅଭିଯାନ ସମୟରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଓ ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ପି.କେ. ହିତାଂଶୁ ଜେନାଙ୍କ ଉପସ୍ଥିତିରେ ସମସ୍ତ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା।

# ଜ୍ଞାନ ପ୍ରକାଶର ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର, ୧୭/୩ (ନି.ପ୍ର): ଭୁବନେଶ୍ୱରସ୍ଥିତ ୟୁନିଟ୍ ୮ ଜଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅବସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଜ୍ଞାନ ପ୍ରକାଶର ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଜ୍ଞାନ ପ୍ରକାଶର ରାଜ୍ୟ ମୁଖ୍ୟ ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବରେ ଯୋଗଦାନ ଦେଇଥିଲେ ଭାଷା ବିଜ୍ଞାନୀ ଡଃ ଦେବାଶିଷ ମହାପାତ୍ର ପ୍ରଶାସିକା ମମତା ବାରିକ୍, ଆଶୁତୋଷ ମେହେର ପ୍ରହରାଜ ଜୟ ନାରାୟଣ ନନ୍ଦ, ସୁଚେତା ପାଣିଗ୍ରାହୀ । ଜ୍ଞାନ ପ୍ରକାଶ ପରିବାରର ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଥିଲେ,ଡଃ ପ୍ରତାପ ରଞ୍ଜନ ସାହୁ, ଲୀନା ଶତପଥୀ, ,ସରିତା ମହାପାତ୍ର, ଆଶାଲତା ଦୀକ୍ଷିତ , ସୁନନ୍ଦା ପାଣଗ୍ରାହୀ, ସୁଭାଗିନୀ ମାହାପାତ୍ର ଙ୍କ ସହ କୁନି କୁନି ପିଲାମାନେ ମଧ୍ୟ ସାମିଲ ହୋଇଥିଲେ । ଆଗାମୀ ଅଗଷ୍ଟ ଦୁଇ ତାରିଖ ଦିନ ଶ୍ରୀକ୍ଷେତ୍ର ପୁରୀଠାରେ ହେବାକୁ ଥିବା ଜ୍ଞାନ ପ୍ରକାଶର ୧୦ମ ବାର୍ଷିକ ଉତ୍ସବ,ଜାତୀୟ ସମ୍ମିଳନୀ କିପରି ସୂଚାରୁ ରୂପେ ସମ୍ପାଦନ ହେବ ସେ ସଂକ୍ରାନ୍ତରେ ଆଲୋଚନା କରାଯିବା ସହ ଜ୍ଞାନ ପ୍ରକାଶର ବ୍ରୋଚର ଉନ୍ମୋଚିତ ହୋଇଥିଲା ଏବଂ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥିଲା। ଏହି ସମ୍ମିଳନୀରେ ଭାରତର ସବୁ ରାଜ୍ୟରୁ କିପରି କବି,ଲେଖକ, ଶିକ୍ଷାବିତ୍,ସମାଜସେବୀ , ବୁଦ୍ଧିଜିବୀ ମାନେ ବହୁ ସଂଖ୍ୟାରେ ଯୋଗ ଦେବେ ସେ ବିଷୟରେ ନିଷ୍ପତି ନିଆଯାଇଥିଲା । ଜ୍ଞାନ ପ୍ରକାଶର ପ୍ରତିଷ୍ଠାତା ଜ୍ଞାନ ଚାନ୍ଦ ଶତପଥୀ, ସଂପାଦକ ସରୋଜ କୁମାର ସାହୁ,ରାଜ୍ୟ ମୁଖ୍ୟ ଅମ୍ବିକା ସ୍ୱାଇଁ ,ଆଗାମୀ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସମସ୍ତଙ୍କର ସହଯୋଗ ଆହ୍ୱାନ କରିଛନ୍ତି ।

**AFFIDAVIT**

I Sidhant Bhanja, Age about 34 years, S/O-Prabir Kumar Bhanja, Resident of At/ Po-Balia, PS-Sahadevkhunta, Dist-Balasore, Pin-756056, Odisha Declared by this Affidavit No-2684 , Dated-10.03.2026 that now onwards i shall be known as Siddhant Bhanja for all future Purpose.

Siddhant Bhanja

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିଧାନସଭାରେ ଏସ୍‌ସିବି ...

କରିବା ସହ ମୃତକଙ୍କ ପରିବାରକୁ ୫୦ଲକ୍ଷ ଲେଖାଏଁ ଆର୍ଥିକ ସହାୟତା ଦେବାକୁ ଦାବି କରିଛନ୍ତି । କଂଗ୍ରେସ ମଧ୍ୟ ରଖିଛି ସମାନ ଦାବି । ବିରୋଧୀଙ୍କ ହଟ୍ଟଗୋଳ ଭିତରେ ଶୂନ୍ୟକାଳରେ ବିଧାନସଭାରେ ବିବୃତି ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । କହିଛନ୍ତି, ଯାହା ଆବଶ୍ୟକୀୟ ପଦକ୍ଷେପ ସରକାର ନେଉଛନ୍ତି । ସରକାର୍ ଏହି ଘଟଣାରେ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତରେ ଯିଏ ବି ଦୋଷୀ ସାବ୍ୟସ୍ତ ହେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ଏସସିବିରେ ସ୍ଥିତି ...

ଏହା ସ୍ପଷ୍ଟ ଯେ, ସୁପରିଂଟେଟଣ୍ଡେଂଟଙ୍କ ଠାରୁ ଆରମ୍ଭ କରି ସମ୍ବନ୍ଧିତ ସମସ୍ତ ବିଭାଗ ତାଙ୍କର କର୍ତବ୍ୟ ପାଳନରେ ବିଫଳ ହୋଇଛନ୍ତି । ଘଟଣା ସମୟରେ ରୋଗୀମାନଙ୍କୁ ବାହାର କରିବାରେ ପ୍ରାୟ ୪୫ ମିନିଟ୍ ବିଳମ୍ବ, ଫାୟାର ସେଫ୍ଟିର ଅଭାବ ଓ ଅଧିକାରୀମାନଙ୍କର ଅନୁପସ୍ଥିତି ଅତ୍ୟନ୍ତ ଦୁଃଖଦ ଏବଂ ଅସ୍ୱୀକାର୍ଯ୍ୟ। ଏହା କେବଳ ପ୍ରଶାସନିକ ତ୍ରୁଟି ନୁହେଁ, ଏହା ରୋଗୀଙ୍କ ଜୀବନ ପ୍ରତି ଗୁରୁତର ଅବହେଳା । ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦାୟୀ ଅଧିକାରୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଏପରି ଅବହେଳାକୁ ଅପରାଧିକ କାର୍ଯ୍ୟ ଭାବେ ଗ୍ରହଣ କରାଯିବା ଆବଶ୍ୟକ । ମୃତକଙ୍କ ପରିବାରକୁ ଅତି କମରେ ୧ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ ସହିତ ଆହତମାନଙ୍କୁ ଉତମ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ । ଆଧୁନିକ ଓଡ଼ିଶାର ଦାବି କରିବା ପୂର୍ବରୁ ଆମେ ପ୍ରଥମେ ଜନଜୀବନର ସୁରକ୍ଷା ଓ ମୌଳିକ ସେବାର ଗୁଣବତା ସୁନିଶ୍ଚିତ କରିବାକୁ ପଡିବ । ଏହା ରାଜନୀତିର ବିଷୟ ନୁହେଁ, ଏହା ଜନଜୀବନର ପ୍ରଶ୍ନ ।

### ଆତ୍ମନକୁ ଆସିଲା...

ଚକ୍ରମଣି କହଁର, ନବକିଶୋର ମଲ୍ଲିକ ଓ ରମାକାନ୍ତ ଭୋଇ ଦଳର ହ୍ୱିପକୁ ଅବମାନନା କରି ବିରୋଧୀ ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଥିଲେ । ଫଳରେ ବିଜେଡି ସମର୍ଥିତ କମନ୍ କ୍ୟାଣ୍ଡିଡେଟ୍ ଦତ୍ତେଶ୍ୱର ହୋତାଙ୍କ ପରାଜୟ ହୋଇଥିଲା । କେବଳ ବିଜେଡିର ଏହି ୬ ବିଧାୟକଙ୍କୁ ଛାଡ଼ି ବିଜେଡିରୁ ନିଲମ୍ବିତ ହୋଇଥିବା ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମଧ୍ୟ ଦଳ ବିରୋଧରେ ଭୋଟ ଦେଇଥିଲେ ।

### କଂଗ୍ରେସରୁ ତିନି ...

ଏଥିସହ ତିନି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି କଂଗ୍ରେସ । ରାଜ୍ୟସଭା ଭୋଟ ପୂର୍ବରୁ କ୍ରସଭୋଟିଂ ନେଇ ପିସିସି ସଭାପତି ଯେଉଁ ଚେତବନୀ ଦେଇଥିଲେ, ଆଜି ଦଳ ତାହା କରିଛି । ଦଳୀୟ ହ୍ୱିପ ନମାନି କ୍ରସ୍ ଭୋଟିଂ କରିଥିବା ତିନି ବିଧାୟକଙ୍କ ବିଧାୟକ ରମେଶ ଜେନା, ସୋଫିଆ ଫିର୍ଦ୍ଦୋସ ଓ ଦାଶରଥି ଗମାଙ୍ଗଙ୍କୁ ନିଲମ୍ବିତ କରିଛି କଂଗ୍ରେସ । ପ୍ରେସମିଟ କରି ଦଳ ୪ଟି ଅଭିଯୋଗ ଆଣି ତିନି ବିଧାୟକଙ୍କୁ ନିଲମ୍ବନ ଘୋଷଣା କରିଛି । ସେଗୁଡ଼ିକ ହେଲା ୧- ପାର୍ଟି ହ୍ୱିପ୍ ମାନିଲେ ନାହିଁ , ୨- ଦଳୀୟ ଶୃଙ୍ଖଳାକୁ ଭଙ୍ଗ କଲେ, ୩- ଦଳୀୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଲେ, ୪- ଦଳୀୟ ବିଚାରଧାରାରୁ ଦୂରେଇ ଯାଉଛନ୍ତି । ତିନି ବିଧାୟକଙ୍କ ବିରୋଧରେ ଏତିକିରେ ଅଟକି ଯାଇନି କଂଗ୍ରେସର କାର୍ଯ୍ୟାନୁଷ୍ଠାନ । ୩ ବିଧାୟକଙ୍କୁ ଦଳରୁ ବହିଷ୍କାର ପାଇଁ ଏଆଇସିସିକୁ ଚିଠି ଲେଖିଛି ଦଳ । ସେହିପରି ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ଓ ବିଧାନସଭାରେ ସିଟିଂ ଆରେଞ୍ଜମେଣ୍ଟ ପାଇଁ ବାଚସ୍ପତିଙ୍କୁ ଅନୁରୋଧ ଚିଠି ଲେଖାଯାଇଛି । କଂଗ୍ରେସର କାର୍ଯ୍ୟାନୁଷ୍ଠାନକୁ ନେଇ ମୁହଁ ଖୋଲିଛନ୍ତି ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ।

### ସିଏଜି ରିପୋର୍ଟ ...

ଏସି ବସ୍ ଏବେ ଓଏସଆରଟିସି ରୁଟ୍ ଦେଇ ବାହାର ଜିଲ୍ଲାକୁ ଯାତାୟାତ କରୁଛି । ଏବେ ମଧ୍ୟ ଅନେକ ବସ୍‌ରେ ତେଲ ପଇସା ଉଠୁନଥିବା କର୍ମଚାରୀ କୁହନ୍ତି । ଦୈନିକ ଜୟପୁର ଠାରୁ ରାଣୀଗଡ଼ ପର୍ଯ୍ୟନ୍ତ ତିନିଥର ଯାତାୟାତ କରୁଥିବା ଏହି ବସ୍‌ରେ ୨ରୁ ୩ହଜାର ଟଙ୍କା ଆଦାୟ ହୁଏ । କିନ୍ତୁ ତେଲ ପାଇଁ ଦୈନିକ ୪ହଜାର ହଜାର ଟଙ୍କା ଖର୍ଚ୍ଚ ହୁଏ । ସେପଟେ ଗଞ୍ଜାମ ଜିଲ୍ଲାରେ ମୁଖ୍ୟ ମନ୍ତ୍ରୀ ବସ୍ ସେବା ଆବଶ୍ୟକ ସ୍ଥଳରେ ଗଡୁନଥିବା ଅଭିଯୋଗ ହୋଇଛି । ଲୋକେ ଖରାତରାରେ ହଟହଟା ହେଉଥିବା ବେଳେ ଅଟୋ କିମ୍ବା ମୋଟର ସାଇକଲ ଉପରେ ନିର୍ଭର କରୁଛନ୍ତି ଆସିକା ଅଞ୍ଚଳର ଲୋକେ ।

### ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଭିତରେ..

ସେନା କହିଛି, ତେହେରାନରେ ହୋଇଥିବା ଆକ୍ରମଣଗୁଡ଼ିକ ଏକ କମାଣ୍ଡ ସେଣ୍ଟର, ଲଞ୍ଚ ସାଇଟ୍ ଏବଂ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ଟାର୍ଗେଟ କରିଥିଲା। ଶିରାଜରେ, ଆଭ୍ୟନ୍ତରୀଣ ସୁରକ୍ଷା ବାହିନୀ କମାଣ୍ଡ ସେଣ୍ଟର ଏବଂ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସ୍ଥଳ ଉପରେ ଆକ୍ରମଣ କରାଯାଇଥିଲା। ଏସବୁ ଭିତରେ ଅନେକ ରୋଚକ ତଥ୍ୟ ବି ସାମ୍ନାକୁ ଆସିଛି। କିପରି ଆମେରିକା ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଥିଲେ ମୋଜତବା ଖାମେନେଇ ସେ ନେଇ ଏକ ଅଡିଓ ସାମ୍ନାକୁ ଆସିଛି।

### ରାଜ୍ୟ ଜାତୀୟ ସେବା...

୧୦ଟି ବିଶ୍ୱବିଦ୍ୟାଳୟ ଯଥା- ଉତ୍କଳ ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ମହାରାଜ ପୂର୍ଣ୍ଣଚନ୍ଦ୍ର ବିଶ୍ୱବିଦ୍ୟାଳୟ, ରମାଦେବୀବିଶ୍ୱବିଦ୍ୟାଳୟ, ଡିଡି ବିଶ୍ୱବିଦ୍ୟାଳୟ କେଉଁଝର, ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟ, ହାୟାର ସେକେଣ୍ଡାରୀ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟର ୨୦୦ ସ୍ୱେଚ୍ଛାସେବୀ ୨୦ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଭାଗ ନେଇଥିଲେ। ଡଃ ରିତୁଲତା ବିଶ୍ୱାଳ, ବିଶ୍ୱଜିତ ନାୟକ, କିଶୋର କୁମାର ସାହୁ, ଶିଶିର ସାହୁ, ଶ୍ରୀ ହରିଶଙ୍କର ପାଣିଗ୍ରାହୀ, ଅମ୍ବଜା ଲୋଚନା ଦାସ, ପ୍ରତାପ କିଶୋର ବେହେରା, କିରଣବାଳା ସେଠୀ, ଅଜୟ କୁମାର ଦାସ, ଡଃ ଲକ୍ଷ୍ମୀକାନ୍ତ ରଥ, ହିମାଂଶୁ ସାହୁ, ସ୍ମିତା ବାରିକ୍, ମାନସ ପଣ୍ଡା, ପ୍ରଦୀପ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଯୋଗ ମହାବିଦ୍ୟାଳୟର ନିର୍ଦ୍ଦେଶକ ତଥା କାର୍ଯ୍ୟକ୍ରମ ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ସାହୁ ଯୋଗ ଶିକ୍ଷା ଓ ପ୍ରାକୃତିକ ଚିକିତ୍ସା ଦ୍ୱାରା ୫୦ ପ୍ରତିଶତ ୫ ବର୍ଷ ଭିତରେ ରୋଗକୁ କମାଇ ପାରିବ ବୋଲି କହିଥିଲେ। ଆଜି ପ୍ରତ୍ୟେକ ହସପିଟାଲ ସ୍କୁଲ କଲେଜରେ ଯୋଗ ପ୍ରଶିକ୍ଷକଙ୍କ ଦ୍ୱାରା ସରକାର ଦ୍ୱାରା କାର୍ଯ୍ୟକ୍ରମ ହେଇଅଛି । ଆଇଏନ୍‌ସିଓ୍ୱାଇଏସ୍'ର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସଙ୍କ ଦ୍ୱାରା ୩ ଜଣିଆ ଶିବିର ପରିଚାଳନା କରିଥିଲେ । ଅଧ୍ୟାପିକା ଅନୀତା ମିଶ୍ର, ଅଧ୍ୟାପିକା କାନ୍ତିକ୍ରୀଷ୍ଣା ଦାସ, ଯୋଗ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରିଶେଷରେ ଅଧ୍ୟାପକ ଅଭିଷେକ ଦାସ ଧନ୍ୟବାଦ ଦେଇଥିଲେ।

### ସୁପ୍ରିମକୋର୍ଟରେ ୩,୫୦୦ରୁ ଅଧିକ...

ହୋଇଥିବା ରିପୋର୍ଟ କରାଯାଇଛି। ୨୦୨୫ ମସିହାରେ ମୋଟ ୫୭୦ଟି ଆବେଦନ ଦାଖଲ ହୋଇଛି। ଏହା ପରେ, ୨୦୧୯ରେ ୩୪୭ଟି ଆବେଦନ ଦାଖଲ ହୋଇଥିଲା। ୨୦୨୦ ମସିହାରେ ୩୦୬ଟି ଏବଂ ୨୦୨୬ ମସିହାରେ ୨୯୩ଟି ଆବେଦନ ଦାଖଲ ହୋଇଥିଲା। ସୁପ୍ରିମକୋର୍ଟରେ ବିଚାରାଧୀନ ସବୁଠାରୁ ପୁରୁଣା ଜନସ୍ୱାର୍ଥ ମାମଲା ୧୯୮୪ ମସିହାରେ ଦାୟର ହୋଇଥିଲା। ଯେତେବେଳେ ଅନ୍ୟ ଦୁଇଟି ଆବେଦନ ୧୯୮୫ ମସିହାରୁ ବିଚାରାଧୀନ ଅଛି। ଏହି ତିନୋଟି ଆବେଦନ ଏମ୍ ?ସି ମେହେଟ୍ଟା ବନାମ ଭାରତ ସଂଘ ସହିତ ଜଡିତ। ସେଥିମଧ୍ୟରୁ ଦୁଇଟି ପରିବେଶଗତ ଆଇନ ସହିତ ଜଡିତ ଏବଂ ଗୋଟିଏ ଗୃହ ଓ କୋଠା ନଗରପାଳିକା ଆଇନ ସହିତ ଜଡିତ। ସେହିପରି କୋର୍ଟ ଅବମାନନା ସମ୍ପର୍କିତ ଦୁଇଟି ପିଆଇଏଲ୍ ବିଚାରାଧୀନ ଅଛି।

ଧ୍ୱନି ପ୍ରତିଧ୍ୱନି

# ପାଣି ପାଇଁ ହାହାକାର ରଙ୍ଗାମାଟିଆ ଗାଁରେ

ବସ୍ତା , ୧୭/୩ (ନି.ପ୍ର): ଗ୍ରୀଷ୍ମ ପ୍ରବାହ , ଆଗକୁ ଆହୁରି ବଢିବ ଖରା, ଯାହା ପାଇଁ ନିତ୍ୟାନ୍ତ ଆବଶ୍ୟକ ପାଣି , କିନ୍ତୁ ଏବେଠୁ ଦେଖାଗଲାଣି ପାଣି ସମସ୍ୟା । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସଦର ବ୍ଲକ, ବାହାବଳପୁର ପଞ୍ଚାୟତର , ରଙ୍ଗା ମାଟିଆ ଗାଁ ଯେଁଉ ଟି କୁ ୧୨୦୦ ଲୋକ ର ବସ ବାସ କରନ୍ତି । କିନ୍ତୁ ବର୍ତ୍ତମାନ ସେଠାରେ ପିଇବା ପାଣି ର ସମସ୍ୟା ଦେଖିବାକୁ ମିଳୁଛି। ଦୀର୍ଘ ଦିନରୁ ପୂର୍ବ ସରକାର ସମୟ ରେ ଏକ ନିର୍ଦ୍ଧିଷ୍ଟ ସ୍ଥାନରେ ବସୁଧା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇ ଥିଲେ ମଧ ଟାଙ୍କି ହୋଇପାରି ନାହିଁ । ଉକ୍ତ ସ୍ଥାନକୁ ଯିବା ପାଇଁ ରାସ୍ତା ନ ଥିବାରୁ କଣ ପାଣି ପାଇଁ ହଇରାଣ ହେବେ ଲୋକ , ଗାଁ ରେ ପାଖପାଖି ୨୭ ଟି ଟିଓ୍ୱେଲ ରୁ ପାଣି ବାହାରୁ ନାହିଁ । ଏ ନେଇ ଗ୍ରାମ ବାସୀ ସ୍ଥାନୀୟ ସରପଞ୍ଚ , ସମିତି ଅଧକ୍ଷ , ଜିଲ୍ଲାପରିଷଦ ଅଧକ୍ଷ ଙ୍କୁ ଜଣାଇଛନ୍ତି ପୂର୍ବତନ ସରପଞ୍ଚ ଓ ବର୍ତ୍ତମାନ ର ସରପଞ୍ଚ , କିନ୍ତୁ ଫଳ ଶୂନ ବର୍ତ୍ତମାନ ସମୟରେ ଗଣତାନ୍ତ୍ରିକ ପଦ୍ଧତିରେ ନିଜର ବହୁ ମୂଲ୍ୟ ଭୋଟ ଦେଇ ଯଦି ଟିକେ ପିଇବା ପାଣି ପାଇଁ ଗାଡିଆ ଓ ପୋଖରୀ ପାଣି ବ୍ୟବହାର କରିବେ ତାହା କେତେଦୂର ଠିକ୍ , ସ୍ଥାନୀୟ ରଙ୍ଗାମଟିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ମଧ ସମାନ ଦୃଶ୍ୟ ତିନୋଟି ଟିଓ୍ୱେଲ୍ ଥିବା ବେଳେ ଗୋଟିଏ ରୁ ପାଣି ବାହାରୁଛି, ଛାତ୍ର ଛାତ୍ରୀ ମାନେ ଯାହା ପାଣି ଘରୁ ନେଇ ଆସୁଛନ୍ତି ତାକୁ ହିଁ ଦିନ ସାରା ପି ରହୁଛନ୍ତି । ତେବେ ଦେଖିବାକୁ ବାକି ରହିଲା କେବେ ତାଙ୍କ ମୁହଁରେ ଟିକେ ପିଇବା ପାଣି ମିଳୁଛି ।



# ଭାରତୀୟ ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଆଞ୍ଚଳିକ କମିଟି ବୈଠକ

ନୀଳଗିରି, ୧୭/୩ (ନି.ପ୍ର): ନୀଳଗିରି ସିପିଆଇ (ଏମ)କାର୍ଯ୍ୟାଳୟ ପରିସରରେ ଆଂଚଳିକ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସାଥୀ ସତ୍ୟଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳର ସାଂଗଠନିକ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା ହେବାସହିତ ନୀଳଗିରିର କେତୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ପ୍ରଥମତଃ ଇଶ୍ୱରପୁର ଫାଣ୍ଡିରେ ଅଫିସର ନଥିବାରୁ ଉକ୍ତ ଫାଣ୍ଡି ଅଞ୍ଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି।




ଫଳରେ ଜନସାଧାରଣ ଅନେକ ସମସ୍ୟାର ସମ୍ମୁଖୀନ ହେବା ସହିତ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଦିତୀୟତଃ କୁଲଡିହା ଅଭୟାରଣ୍ୟ ଆଖପାଖ ଅଞ୍ଚଳରେ ରହୁଥିବା ଆଦିବାସୀମାନଙ୍କ ମଧ୍ୟରେ ପ୍ରାଶାସନିକ ମନମାନିର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହେତୁ ଜନଅସନ୍ତୋଷ ବୃଦ୍ଧିପାଇଛି। ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ଦଳ ତରଫରୁ ଉଦବେଗ ପ୍ରକାଶ କରାଯାଇଛି। ପ୍ରଶାସନ ପକ୍ଷରୁ ସାତ ଦିନ ଭିତରେ ଇଶ୍ୱରପୁର ଫାଣ୍ଡି ଅଫିସର ନିଯୁକ୍ତି ତତ୍ ସହିତ କୁଲଡିହା ଅଭୟାରଣ୍ୟ ରେ ବସବାସ କରୁଥିବା ଆଦିବାସୀ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର ବନ୍ଦ ନହୁଏ, ତା ହେଲେ ଦଳ ତରଫରୁ ଆନ୍ଦୋଳନ କରାଯିବ। ଉକ୍ତ ବୈଠକରେ ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଯୋଗାନନ୍ଦ ଦାଶ, ଅମରେନ୍ଦ୍ର ନାୟକ, ଗଙ୍ଗାଧର ମହାନ୍ତି, କାଳିଆ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଉଦଳାରେ କାଜୁ ବାଗାନ ନିର୍ମାଣ ପାଇଁ ଚାଲିଛି ପ୍ରସ୍ତୁତି ପର୍ବ

ଉଦଳା, ୧୭/୩ (ନି.ପ୍ର): ଜଙ୍ଗଲଜମି ପଟ୍ଟା ପଇଥିବା ଅନେକ ଲୋକଙ୍କ ଜମି ପଡ଼ିଆ ପଡ଼ିଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ତେବେ ଏହି ସବୁ ଜମି ମାନଙ୍କରେ କାଜୁ ବାଗାନ ନିର୍ମାଣ କରି ଲୋକେ କିପରି ରୋଜଗାରକ୍ଷମ ହୋଇପାରିବେ ସେଥିପାଇଁ ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି । ଏହାର ସଫଳ ରୂପାୟନ ପାଇଁ ଆଜି ମାର୍ଚ୍ଚ ୧୭ ତାରିଖ ମଙ୍ଗଳବାର ଦିନ ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଫୁଲବାଡ଼ିଆ ଗ୍ରାମଠାରେ ଗ୍ରାମବାସୀ ମାନଙ୍କ ସହିତ ଏକ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇ ଯାଇଛି ।



ଜନଜାଗୃତି ମଂଚର ଉଦଳା ବ୍ଲକ କୋର୍ଡ଼ିନେଟର ରୁପାଇ ବାସ୍କେ ଆଜିର ଏହି ଆଲୋଚନାଚକ୍ର ଆୟୋଜନର ନେତୃତ୍ୱ ନେଇଥିବା ବେଳେ ଓଡ଼ିଶା ସରକାରଙ୍କର ମୃତିକା ସଂରକ୍ଷଣ ବିଭାଗ କାର୍ଯ୍ୟାଳୟ ଉଦଳା ଠାରେ କାର୍ଯ୍ୟରତ ଅଧିକାରୀ ସତ୍ୟବ୍ରତ ଜେନା ଯୋଗଦେଇ କାଜୁ ବାଗାନ ନିର୍ମାଣର କୌଶଳ ଓ ଏଥିପାଇଁ ସରକାରଙ୍କ ତରଫରୁ ମିଳିବାକୁ ଥିବା ଅନୁଦାନ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । କାଜୁ ଚାଷ ପାଇଁ ଏଠାକାର ମାଟି ଓ ଜଳବାୟୁ ଅନୁକୂଳ ଥିବା ବେଳେ ଏହା ବେଶ ଭଲ ରୋଜଗାର ଦେବ ବୋଲି ବ୍ୟକ୍ତ କରିଥିଲେ । ଜନଜାଗୃତି ମଂଚର ଫୁଲବାଡ଼ିଆ ଠାରେ ଥିବା ଗ୍ରାମ କମିଟିର ସଭାପତି ମୁଙ୍ଗୁଲି ହେମ୍ବ୍ରମ ଆଜିର ଆଲୋଚନା ଚକ୍ରରେ ଅଧକ୍ଷତା କରିଥିବା ବେଳେ ସଦସ୍ୟ କୌଳାଶ ନାୟକ, ସୁବ୍ରତ ମହାନ୍ତି, ରାମଚନ୍ଦ୍ର ସିଂ ପ୍ରମୁଖ ସହଯୋଗ କରିଥିଲେ । ମୃତିକା ସଂରକ୍ଷଣ ବିଭାଗରେ କାର୍ଯ୍ୟରତ କର୍ମଚାରୀ ମାନସ କୁମାର ବେହେରା, ମୀନତି ସୋରେନ ଓ ଅରୁଣ କୁମାର ନାୟକ ପ୍ରମୁଖ ଗ୍ରାମବାସୀ ମାନଙ୍କ ସହିତ ଉପସ୍ଥିତ ଥିଲେ। ଉର୍ମି ଲିଡ଼ର ମଂଜୁଲତା ବାରିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା' 'ରାଇମତ'



ଉଦଳା, ୧୭/୩ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର ଗଡ଼ିଗାଁ ପଂଚାୟତ ଅନ୍ତର୍ଗତ କାହ୍ନୁପୁର ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସବାନ ହାଁସଦାଙ୍କର ଦେହାନ୍ତ ହୋଇଯିବା ପରେ ଆଜକୁ ଗୋଟିଏ ବର୍ଷ ଧରି ତାଙ୍କର ସହଧର୍ମିଣୀ ରାଇମତ ହାଁସଦା ବିଧବା ଜୀବନ ବିତାଉଛନ୍ତି । ଦିନମଜୁରିଆ ଭାବରେ କାମ କରି ବିଧବା ମା' 'ରାଇମତ' ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର ଜଣାଯାଇଛି । ବିଧବା ମା' ମାନଙ୍କୁ ସରକାର ସାମାଜିକ ସୁରକ୍ଷା ଯୋଜନାରେ ଯୋଗାଇ ଦେଉଥିବା ଭତା ସେ ଏପର୍ଯ୍ୟନ୍ତ ପାଇପାରିନଥିବାର ଜଣାଇଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହିକର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । ସେହିପରି ଖାଦ୍ୟ ଯୋଜନାରେ ମୁଣ୍ଡପିଛା ମିଳୁଥିବା ମାସିକ ୫ କିଗ୍ରା ଚାଉଳ ଯଥେଷ୍ଟ ହେଉନାହିଁ, ଏହାକୁ ମାସିକ ମୁଣ୍ଡପିଛା ୧୦ କିଗ୍ରା କରିବାକୁ ସେ ଗୁହାରି ଜଣାଇଛନ୍ତି । ବିଭାଗୀୟ କତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବୀ ଦାବି ଜଣାଇଛନ୍ତି ।

# ଆଶା କର୍ମୀଙ୍କ ନିମନ୍ତେ ଚାଇଲ୍ଡ ହେଲ୍ପ ଲାଇନର ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୧୭/୩ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ହେଲ୍ପ ଲାଇନ ପକ୍ଷରୁ ପୁରୁଣା ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଆଶାକର୍ମୀ ମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ମର୍ମରେ ଚାଇଲ୍ଡ ହେଲ୍ପ ଲାଇନର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀ ଙ୍କ ମଞ୍ଚ ସଞ୍ଚାଳନରେ ଶିଶୁ ମଙ୍ଗଳ କମିଟି ର ଅଧକ୍ଷ ସୁବ୍ରତ ବିଶ୍ୱାଳ ମୁଖ୍ୟ ଅତିଥି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ତଥା ବିଷୟ ବିଶାରଦ ରୂପେ ଶିଶୁ ସୁରକ୍ଷା ବିଭାଗ ର ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ ଦାସ, ଅଣ ଆନୁଷ୍ଠାନିକ




ଅଧିକାରିଣୀ ସ୍ୱାଗତିକା ବାରିକ ପ୍ରମୁଖ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟ ରେ ତୃଣମୂଳ ସ୍ତରରେ ଶିଶୁ ମାନଙ୍କର ଅସୁବିଧା କୁ ଲକ୍ଷ୍ୟକଲେ ତୁରନ୍ତ (୧୦୯୮) ଚାଇଲ୍ଡ ହେଲ୍ପ ଲାଇନ ନିଃଶୁଳ୍କ ନମ୍ବର ରେ ସୂଚନା ପ୍ରଦାନ କରିବା ପାଇଁ କହିଥିଲେ। ସେହିପରି ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାନ୍ତି ପିଲାମାନ ଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସୁରକ୍ଷା ଅଧିକାରିଣୀ ଆଇନ୍ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧରେ ମତ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ତଥା ବିଷୟ ବିଶାରଦ ରୂପେ ଶ୍ରୀ ଦାସ ଶିଶୁ ମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରତ୍ୟେକ ଯନ୍ବାନ ହେବା ଆବଶ୍ୟକ ବୋଲି ଦର୍ଶାଇ ଥିଲେ। ତତ୍ ସହ କୌଣସି ପରିସ୍ଥିତି ରେ ଶିଶୁ ବିପଦରେ ଥିଲେ ସମସ୍ତ ସାହାଯ୍ୟ,ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ସମସ୍ତ ସାତଟି ବ୍ଲକ ର ଆଶାକର୍ମୀ ମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।ଶିଶୁ ସୁରକ୍ଷା ୟୁନିଟ ର ବିଶ୍ୱ ନାରାୟଣ ପଣ୍ଡା,ମହେଶ ଚନ୍ଦ୍ର ଦାଶ,ଦମୟନ୍ତୀ ଦାଶ, ଧୀରଜ ବାରିକ୍ ,ଲକ୍ଷ୍ମୀପ୍ରିୟା ମଲ୍ଲିକ, କୂଳଦୀପ ଜେନା ସମେତ ଚାଇଲ୍ଡ ଲାଇନ ର ଟିମ୍ ସଦସ୍ୟ ଲକ୍ଷ୍ମୀକାନ୍ତ ସେଠୀ, ଚନ୍ଦ୍ରକାନ୍ତ ଗୋଚ୍ଛାୟତ, ପରାମର୍ଶ ଦାତା ଲକ୍ଷ୍ମଣ ଜେନା, ପରିଦର୍ଶକ ଦିଗ୍ ବିଜୟ ମହାନ୍ତି, ଟିମ୍ ମେମ୍ବର କାହ୍ନୁ ମଲ୍ଲିକ, ଅମିତା ଦାସ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ। ପରିଶେଷରେ ଟିମ୍ ସଦସ୍ୟ ରମାକାନ୍ତ ଜେନା ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା

# ୧୧୩ ବର୍ଷ ବୟସ୍କ ଶ୍ରୀମତୀ କାଳୀଦେବୀ ଶତାୟୁ ମହିଳା ରକ୍ମିଣୀ ଦେବୀ ସ୍ମାରକୀ ସମ୍ମାନରେ ସମ୍ମାନିତ

ଭଦ୍ରକ, ୧୭/୩ (ନି.ପ୍ର): ଭଦ୍ରକ ଜିଲ୍ଲା ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଅବସରପ୍ରାପ୍ତ ଶିକ୍ଷାଜିଲ୍ଲା ଅଧିକାରୀ ଶିକ୍ଷାବିତ୍ ଶ୍ରୀଯୁକ୍ତ ଗୟାଧର ପଣ୍ଡାଙ୍କ ଶତାୟୁ ଜନନୀ ରୁକ୍ମିଣୀ ଦେବୀଙ୍କ କର୍ମମୟ ଜୀବନର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ରୁକ୍ମିଣୀ ଦେବୀ ସ୍ମୃତି ସଂସଦ ଆନୁକୂଲ୍ୟରେ ୨୦୨୧ ମସିହା ଠାରୁ ପ୍ରତିବର୍ଷ ଜଣେ ଶତାୟୁ ମହିଳାଙ୍କୁ ରକ୍ମିଣୀ ଦେବୀ ସ୍ମାରକୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଆସୁଅଛି । ଚଳିତ ବର୍ଷ ଭଦ୍ରକ ବଙ୍କବାସୁଳୀ ମନ୍ଦିରର ବର୍ଷିୟାନ ପୂଜକ କରୁଣାକର ପାଣିଙ୍କ ସହଧର୍ମିଣୀ ୧୧୩ ବର୍ଷ ବୟସ୍କ ମହାନ ଆଧାତ୍ମିକବାଦୀ ମହିଳା ଶ୍ରୀମତୀ କାଳୀଦେବୀଙ୍କୁ ଶତାୟୁ ଜନନୀ ରକ୍ମଣୀ ଦେବୀଙ୍କ ପୁତ୍ର ଗୟାଧର ପଣ୍ଡାଙ୍କ ନମ୍ର ଭକ୍ତିପୂର୍ଣ୍ଣ ପ୍ରୟାସରେ ଭଦ୍ରକ ବହୁ ମାନ୍ୟଗଣ୍ୟ ପ୍ରମୁଖ ବ୍ୟକ୍ତିସମୂହ ଡ. ଗୋଲକ ବିହାରୀ ସାହୁ, ଇଂ. ରୋଟାରିଆନ୍ ଅମ୍ବିକା ବଲ୍ଲଭ ସ୍ୱାଇଁ, ଫେଙ୍କରର ଅବସରପ୍ରାପ୍ତ ଏକାଉଣ୍ଟାଣ୍ଟ ଅଫିସର ନାରାୟଣ ଚନ୍ଦ୍ର ପାଢ଼ୀ, ଅସୁରାଳି ବେଷ୍ଟ ଇଂଜିନିୟରି କଲେଜର ଅଧକ୍ଷ ରବିନ୍ଦ୍ର ଜେନା,



ଭଦ୍ରକ ସର୍ବୋଦୟ ମଣ୍ଡଳର ସଭାପତି ଅମର ପାଣିଗ୍ରାହୀ, ଅଧିକ୍ତା ଆଦିତ୍ୟ ନାୟକ, ପଣ୍ଡିତ ଡ. ଶ୍ରୀ ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ପ୍ରଶାନ୍ତ ଦେ, ମୁକ୍ତିକାନ୍ତ ମହାପାତ୍ର, ତାରକଦାସ ଆଜ୍ୟ, ବିବେକ ଭଟ୍ଟାଚାର୍ଯ୍ୟ, ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ସାହୁ ଏବଂ ସଂସଦର ସଭାପତି ବାସୁଦେବ ବାରିକ୍ ଓ ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା ଓ ପରିବାରର ପୁତ୍ର ଲକ୍ଷ୍ମୀଧର ପାଣି (ରାମନନା), ତଥା ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଅଛି । ଏଭଳି ପୂଜ୍ୟପୂଜା କାର୍ଯ୍ୟକ୍ରମ ଉତ୍ତରପିଢ଼ୀଙ୍କୁ ବାସ୍ତବ ଦିଶା ଦେଖାଇବ ବୋଲି ଉପସ୍ଥିତ ପ୍ରମୁଖ ବ୍ୟକ୍ତିମାନେ ମତପୋଷଣ କରନ୍ତି ।

# ବିପୁଳ ଦେଶୀ ଓ ବିଦେଶୀ ମଦ ଜବତ: ଦୁଇ ମହିଳାଙ୍କ ସମେତ ୪ ଗିରଫ

ବସ୍ତା, ୧୭/୩ (ନି.ପ୍ର): ଆଜି ବସ୍ତା ଅବକାରୀ ପୁଲିସ ବିଭିନ୍ନ ଅଞ୍ଚଳ ଚଢ଼ାଉ କରି ଦୁଇ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ ସହ ବିପୁଳ ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରିଛି।ସୂଚନାରୁ ପ୍ରକାଶ ଯେ ଚୋରାରେ ମଦ ବିକୁ ଥିବା ଅଭିଯୋଗରେ ଅବକାରୀ ପୁଲିସ ରୂପସା ଥାନାର ବାରାପାଳରୁ ସବିତା ଗିରି(୩୦), ଝୁନୁ ବେହେରା(୪୨), ନୂଆଗାଁରୁ ପ୍ରଫୁଲ୍ଲ ଦାସ(୬୦), ବସ୍ତା ଥାନାର ମହାଦେବସରାଇର ନାଟୁଆ କିସ୍କୁ(୨୩) ଗିରଫ କରିବା ସହିତ ସେମାନଙ୍କ ଠାରୁ ଯଥାକ୍ରମେ ୧୩




ଲିଟର ଦେଶୀ,୧୩ ଲିଟର ବିଦେଶୀ,୨୫ ଲିଟର ଓ ୧୯ ଲିଟର ଦେଶୀ ମଦ ଜବତ କରିଛି। ସେମାନଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିବା ସହ ଗିରଫ କରି ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଉଦ୍ଘାଟିତ ହେଲା ଗ୍ରାମୀଣ ଯୁବ ଏକତା ଶିବିର

ବାଲେଶ୍ୱର, ୧୭/୩ (ନି.ପ୍ର): ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଜିଲ୍ଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ଗ୍ରାମୀଣ ଯୁବ ଏକତା ଶିବିର ଉଦ୍ଘାଟିତ ହୋଇଛି । ଏହା ଯୁବକ, ଯୁବତୀ ମାନଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ । ଏହା ଆଜି ଓ କାଲି ଦୁଇ ଦିନ ବ୍ୟାପି ଚାଲିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଗୁଡ଼ିକ ରହିଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଯୁବକ ମାନଙ୍କ ଉଦ୍ଦେଶ୍ୟରେ ଅନେକ ଗୁଣବାନ କଥା ସବୁ ନିଜ ବକ୍ତବ୍ୟରେ କହିଥିଲେ । ଆଜିର ଯୁବକ କାଲିର ଭବିଷ୍ୟତ। ତେଣୁ ପ୍ରତ୍ୟେକ ଯୁବକ ନିଜର ବିକାଶ




ଦିଗରେ ସଚେତନ ହେବ ଦରକାର । ତାହେଲେ ଯାଇ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଓ ୨୦୨୬ ମସିହା ସୁଦ୍ଧା ବିକଶିତ ରାଜ୍ୟ ଗଠନର ଲକ୍ଷ୍ୟ ସଫଳ ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମହୋଦୟ କହିଥିଲେ । ତାଙ୍କ ସହିତ ପ୍ରେରଣଦୟକ ବକ୍ତା ଶ୍ରୀଯୁକ୍ତ ପ୍ରଣବ ଶରଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀଯୁକ୍ତ ସାଇ କୃଷ୍ଣ ଜେନା, ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀଯୁକ୍ତ ଶ୍ୟାମାଳେନ୍ଦୁ ରାଉତ ପ୍ରମୁଖ ଯୋଗ ଦେଇ ଯୁବବର୍ଗଙ୍କୁ ବିଭିନ୍ନ ସଚେତନତା ମୂଳକ ଦିଗ ଦର୍ଶନ ଦେଇଥିଲେ । ଏଠାରେ ବହୁ ସଂଖ୍ୟାରେ ଯୁବକ ଯୁବତୀ ଅଂଶଗ୍ରହଣ କହିଥିଲେ । ଏହି ସଚେତନତା ମୂଳକ ଶିବିରରେ ଯୁବକ ଯୁବତୀ ମାନେ ବେଶ୍ ଉତ୍ସାହିତ ଥିଲେ । ସେମାନେ ସବୁ ପ୍ରକାର କାର୍ଯ୍ୟକଳାପକୁ ଧ୍ୟାନ ସହକରେ ଶୁଣିକି ଶିକ୍ଷା ଗ୍ରହଣ କରିଥିଲେ । ଅପରାହ୍ନରେ ସେମାନେ ନିଜର କଳାକୃତି ଗୁଡ଼ିକ ପ୍ରଦର୍ଶନ କରିଥିଲେ। ଆସନ୍ତା କାଲି ମଧ ଏହି କାର୍ଯ୍ୟକ୍ରମ କରି ରହିବ ।

# ରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୭/୩ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ବାଲେଶ୍ୱର ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୫ ମାର୍ଚ୍ଚ ଠାରୁ ୨୭ ମାର୍ଚ୍ଚ ପର୍ଯ୍ୟନ୍ତ ରାମ ନବମୀ ଓ ୧୪ ଏପ୍ରିଲ ରେ ହନୁମାନ ଜୟନ୍ତୀ ପାଳନ କରାଯିବ । ବାଲେଶ୍ୱର ସହରରେ ଏହି ପର୍ବକୁ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ, ସେଥି ନେଇ ଶାନ୍ତି କମିଟି, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ମଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ଏହି ସଭାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧକ୍ଷତା କରିଥିଲେ । ତାଙ୍କ ସହିତ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବାଲେଶ୍ୱର ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦେବଜ୍ୟୋତି ଦାଶ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ଆଇପିଏସ୍ ଅଧିକାରିଣୀ ଶ୍ରୀମତୀ ମନିଶା ସାଉଗୁନ ମଞ୍ଚାସିନ ଥିଲେ। ଏଠାରେ ଅନେକ ହିନ୍ଦୁ ସମ୍ପ୍ରଦାୟର ଭାଇମାନେ ଯୋଗ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦେବଜ୍ୟୋତି ଦାଶ ମଞ୍ଚ ପରିଚାଳନା କରିଥିଲେ। ବାଲେଶ୍ୱର ସହରରେ ରାମ ନବମୀକୁ ୨୫ ମାର୍ଚ୍ଚ ରୁ ୨୭ ମାର୍ଚ୍ଚ ପର୍ଯ୍ୟନ୍ତ ଖୁବ ଧୁମଧାମରେ ପାଳନ କରାଯିବ । ୨୫ ମାର୍ଚ୍ଚ ଦିନ କଳସ ଯାତ୍ରା, ୨୬ ମାର୍ଚ୍ଚ ଦିନ ମୋଟରସାଇକେଲ ରାଲି ଓ ୨୭ ମାର୍ଚ୍ଚ ଦିନ ପଦଯାତ୍ରା ହେବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ଆଗାମୀ ୧୪ ଏପ୍ରିଲ ରେ ହନୁମାନ ଜୟନ୍ତୀ ପାଳନ କରାଯିବ । ଏଥିନେଇ ଜିଲ୍ଲା ପ୍ରଶାସନ ଓ ପୋଲିସ ପର୍ଶସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ କହିଛନ୍ତି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାଳନ କରାଯିବ ବୋଲି ଏହି ସଭାରେ ଆଲୋଚଳନା ହୋଇଥିଲା । ପାଣି ବ୍ୟବସ୍ଥା ସହିତ ବିଦ୍ୟୁତ୍ ସେବାରେ ଯେପରି ବାଧା ସୃଷ୍ଟି ନୋ ହୁଏ, ସେଥିପ୍ରତି ବିଶେଷ ଧ୍ୟାନ ଦିଆ ଯିବ ବୋଲି ଏଠାରେ ଆଲୋଚନା ହୋଇଥିଲା । ସୁରକ୍ଷା ବ୍ୟବସ୍ଥାକୁ ଖୁବ୍ କଡାକଡି କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ କହିଥିଲେ ।

# ମଣ୍ଡିରେ ଧାନ ଦେବା ପାଇଁ ବାଧକ ସାଜିଛି ଲିଗାଲିହାର ସାର୍ଟିଫିକେଟ ସରଳୀକରଣ ପାଇଁ ଦାବି

ବାଲିଆପାଳ , ୧୭/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧିନରେ ୨୮ ପଞ୍ଚାୟତରେ ଥିବା ୧୬ଟି ସେବା ସମବାୟ ସମିତି ମଧ୍ୟରୁ ପ୍ରତାପପୁର ସମବାୟ ସମିତି ଅନ୍ୟତମ। ପ୍ରତାପପୁର, ଅଁଳାଡିହା, ବେତଗଡିଆ, ଜଗତିପୁର,ବଡାଶ ଏହି ପାଞ୍ଚଟି ପଞ୍ଚାୟତର ପ୍ରାୟ ୨୧୦୦ ରୁ ଉର୍ଦ୍ଧ୍ୱ ଚାଷୀ ରହିଥିବା ବେଳେ ଚଳିତ ବର୍ଷ ଖରିଫ ଧାନ ପାଇଁ ୧୭୬୦ ଜଣ ଚାଷୀଙ୍କର ପଞ୍ଜିକୃତ ହୋଇଛି। ଅନ୍ୟ ହିତାଧିକାରୀ ପଞ୍ଜିକୃତରୁ ବାଦ ପଡିବାର କାରଣ ସେମାନଙ୍କ ନାମରେ ଟୋକନ ଆସିନାହିଁ। ୨୦୨୫ ରେ ସରକାରଙ୍କ ନୂଆ ନିୟମ ଅନୁଯାୟୀ ନିଜ ନାମରେ ଥିବା ଜମି ପଟ୍ଟା ମାଧ୍ୟମରେ ମଣ୍ଡିରେ ଧାନ ବିକ୍ରୀ ପାଇଁ ପଞ୍ଜିକୃତ କରିପାରିବା ସହିତ ସହମତି ପତ୍ର ମାଧ୍ୟମରେ ଧାନ ଖାତା ଖୋଲାଯାଇ ପାରିବ। ମାତ୍ର ବହୁ ହିତାଧିକାରୀ ତହସିଲ କାର ?୍ୟାଳୟରୁ ନିରାଶ ହେବା,ପାରିବାରିକ ସମସ୍ୟା , ପରିବାରର ଅନ୍ୟ ସଦସ୍ୟମାନେ ବାହାରେ ରହୁଥିବାରୁ ଲିଗାଲିହାର ସାର୍ଟିଫିକେଟ ଏଯାବତ ୭୦ ପ୍ରତିଶତ ହୋଇପାରିନାହିଁ। ଯଦିଓ ରାଜସ୍ୱ ବିଭାଗ ପକ୍ଷରୁ ବାପାଙ୍କ ନାମରେ ଥିବା ସମ୍ପତିରୁ ସମସ୍ତ ଅଂଶିଦାରଙ୍କ ନାମରେ ନାମିତ କରାଯାଉଛି ତାହା ବାଲିଆପାଳ ବ୍ଲକ ରେ ୨୦/୩୦ ପ୍ରତିଶତ ଲୋକଙ୍କ ହୋଇଛି ଏବଂ ଅନ୍ୟ ମାନଙ୍କ ପ୍ରକ୍ରିୟା ଜାରି ରହିଛି ବୋଲି ତହସିଲଦାର ଜ୍ୟୋସ୍ନା ରାଣୀ ନାୟକ କହିଛନ୍ତି। ମାତ୍ର ଏଠାରେ ଚାଷୀ ମଣ୍ଡିରେ ଧାନ ଦେବାରୁ ବଞ୍ଚିତ ହୋଇଥିବା ଚାଷୀ ମାନେ ବାଧ ହୋଇ କମ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଏନେଇ ସୋମବାର କିଛି ଜଣ ଚାଷୀ ଏକତ୍ରିତ ହୋଇ ପ୍ରତାପପୁର ସମବାୟ ସମିତିରେ ପହଞ୍ଚି ଦାବି ପତ୍ର ପ୍ରଦାନ କରିଥିଲେ। ବାଦ ପଡିଥିବା ଟୋକନ ପାଇନଥିବା ଚାଷୀ ମଣ୍ଡି ରେ ଧାନ ଦେବାର ସରଳୀକରଣ କରାଇବା ପାଇଁ ସରକାରଙ୍କୁ ଦେବେନ୍ଦ୍ର ରାଉତ, ବିଜୟ କୁମାର ସାହୁ, ଶାନ୍ତନୁ ମହାପାତ୍ର,ସାନୁଜ ପାତ୍ର, ଅଜୟ କୁମାର ମହାପାତ୍ର, ରାଜେନ୍ଦ୍ର ବାରିକ,ଅଜିତ କୁମାର ପାତ୍ର, ପରମେଶ୍ୱର ସାମନ୍ତ ରାୟ ପ୍ରମୁଖ ଦାବି କରିଛନ୍ତି। ଏନେଇ ବାଲିଆପାଳ ଖାଦ୍ୟ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ରଣା କହିଛନ୍ତି ଚାଷୀ ମାନେ ସୁବିଧାରେ ମଣ୍ଡିରେ ପଞ୍ଜିକୃତ କରିପାରିବେ ତାହା ସମସ୍ତ ସମବାୟ ସମିତି ର ସେକ୍ରେଟାରୀ ମାନଙ୍କ ଟ୍ରେନିଂ ପ୍ରଦାନ କରାଯାଇଛି। ମଣ୍ଡିରେ ଧାନ ଦେବାର ବ୍ୟବସ୍ଥା ଅଳ୍ପ ଦିନ ରହିଥିବାରୁ ସରକାର ତୁରନ୍ତ ପଦକ୍ଷେପ ନନେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida